R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୪୨
ତିଥି : ଦ୍ୱାଦଶୀ
୧୬ ନଭେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ
ସମୟ SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 42
16 November 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ରାଉରକେଲାରେ ରାଜ୍ୟ ସ୍ତରୀୟ ଜନଜାତୀୟ ଗୌରବ ଦିବସ ଅନୁଷ୍ଠିତ

## ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ୬୦୯ କୋଟିର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୧୫ ।୧୧ (ସବ୍ୟୁ) : ବିର୍ସା ମୁଣ୍ଡା ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ଇଂରେଜ ଶାସନ ସମୟରେ ବିର୍ସା ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରି ବିହାର, ଝାଡଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ଏକାଠି ଏକ ବଡ ଧରଣର ବିପ୍ଳବ ମାଧ୍ୟମରେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡିଥିଲେ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଠାରେ ଆୟୋଜିତ ଶହୀଦ ବିର୍ସା ମୁଣ୍ଡାଙ୍କ ରାଜ୍ୟ ସ୍ତରୀୟ ୧୫୧ତମ ଜୟନ୍ତୀ 'ଜନଜାତୀୟ ଗୌରବ ଦିବସ'




ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ।

ସୂଚନା ଯୋଗ୍ୟ ଯେ, ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ଦେଶବ୍ୟାପୀ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟରୁ ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଗୁଜୁରାଟରୁ ଦେଶବାସୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ**

**ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ- ମୁଖ୍ୟମନ୍ତ୍ରୀ**

ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି । (୯ ପୃଷ୍ଠାରେ)

### ନୌଗାମ୍ ଥାନାରେ ବିସ୍ଫୋରଣ

## ୯ ମୃତ, ୩୨ ଆହତ

ନୂଆଦିଲ୍ଲୀ, ୧୫ ।୧୧ : ଜମ୍ମୁ-କାଶ୍ମୀରର ଶ୍ରୀନଗର ନୌଗାମ୍ ଥାନାରେ ଏକ ବିସ୍ଫୋରଣ ଘଟି ୯ ଜଣଙ୍କର ମୃତ୍ୟୁ ହେବାସହ ୩୨ ଆହତ ହୋଇଛନ୍ତି । ସରକାରୀ ଭାବେ ଏହାକୁ ଏକ ଦୁର୍ଘଟଣା ବୋଲି କୁହାଯାଇଛି । ଡିଜିପି ନଳିନୀ ପ୍ରଭାତ କହିଛନ୍ତି ଯେ ଏହି ବିସ୍ଫୋରଣ କେବଳ ଦୁର୍ଘଟଣା ଥିଲା, ଅନ୍ୟ କିଛି ନୁହେଁ । ଏହା ଏକ ଦୁର୍ଭାଗ୍ୟଜନକ ଘଟଣା । ଏଥିରେ କାହାର ଦୋଷ



**ବିସ୍ଫୋରଣ ଦୁର୍ଘଟଣାଜନିତ : ଡିଜିପି**

ଜାଣିବା ପାଇଁ ତଦନ୍ତ ଚାଲିଛି ।

ଘଟଣାରୁ ପ୍ରକାଶ ଯେ ଫରିଦାବାଦରୁ ଜବତ ହୋଇଥିବା ୩୬୦ କିଲୋଗ୍ରାମ୍ ଆମୋନିୟମ୍ ନାଇଟ୍ରେଟ୍ ସେଠାରେ ରଖା ଯାଇଥିଲା । ଯାହାକୁ ଡ. ମୁଜାମିର ଫରିଦାବାଦରେ ଗଚ୍ଛିତ ରଖିଥିଲେ । ଦୁଇଦିନ ଧରି ଏହାର ନମୁନା ପରୀକ୍ଷା ଚାଲିଥିଲା । ଏହା ରହିଥିବା ସ୍ଥାନରେ ହଠାତ୍ ବିସ୍ଫୋରଣ ଘଟିଥିଲା । ଫଳରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ଏହି ବିସ୍ଫୋରଣ କିଛି କିମି ପର୍ଯ୍ୟନ୍ତ ପ୍ରଭାବ ପକାଇଥିଲା । ଏଥିରେ ଫରେନ୍‌ସିକ୍ ସାଇନ୍ସ ଲାବ୍ରୋଟାରୀର ୩ ଅଧିକାରୀ ରାଜସ୍ୱ ବିଭାଗର ଦୁଇ, ଦୁଇ ପୋଲିସ ଫଟୋଗ୍ରାଫର, ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ ସଦସ୍ୟ ଓ ଦର୍ଜି ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମର ଶରୀରକୁ ଶ୍ରୀନଗରସ୍ଥିତ ପୋଲିସ କଣ୍ଟ୍ରୋଲରୁମ୍‌ରେ ରଖାଯାଇଛି । ସେହିଭଳି ୨୪ ପୋଲିସ ଅଧିକାରୀ ଆହତ ହୋଇଥିବାବେଳେ ୩ ଜଣ ସାଧାରଣ ନାଗରିକ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ (୯ ପୃଷ୍ଠାରେ)

## ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ

**କାର୍ବାଇନ ସହ ମାଗାଜିନ୍, ୫ ପିସ୍ତଲ, ୯ ରାଉଣ୍ଡ ଗୁଳି ଜବତ**



ଭୁବନେଶ୍ୱର, ୧୫ ।୧୧ (ସବ୍ୟୁ) : କମିଶନରେଟ୍ ପୋଲିସ ପଞ୍ଝାରେ ଦୁଇ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ । ତାଙ୍କ ନିକଟରୁ ସ୍ପେଶାଲ କ୍ରାଇମ୍‌ୟୁନିଟ୍ କାର୍ବାଇନ ସହ ଦୁଇ ମାଗାଜିନା, ୫ ସେମି ଅଟୋମେଟିକ୍ ପିସ୍ତଲ, ୯ ରାଉଣ୍ଡ ଗୁଳି ଓ ଟଙ୍କା ଜବତ କରିଛି । ଗ୍ରାହକ ହିସାବରେ କମିଶନରେଟ ପୋଲିସ ଗିରଫ ଦୁଇ ବନ୍ଧୁକ ବେପାରୀଙ୍କ ସହିତ ଯୋଗାଯୋଗ କରି ଆକାଉଣ୍ଟକୁ ଟଙ୍କା ପଠାଇବା ପରେ ଦୁହେଁ ବିହାର ମୁଙ୍ଗେରୀରୁ ଜବତ ବନ୍ଧୁକ ସବୁ ଧରି ଭୁବନେଶ୍ୱରରେ ପହଞ୍ଚିଥିଲେ । ଭୋର୍ ସମୟରେ ଖାରବେଳନଗର ଥାନା ଅଞ୍ଚଳ ମାଳିସାହି ନିକଟରେ ବନ୍ଧୁକ ଦେବାକୁ ପୋଲିସ କହିଥିବାରୁ ସେମାନେ ସେଠାରେ ପହଞ୍ଚିବାକ୍ଷଣି ସ୍ପେଶାଲ କ୍ରାଇମ୍‌ୟୁନିଟ୍ ତାଙ୍କୁ କାବୁ କରିନେଇଥିଲା । ଗିରଫ ଦୁଇ ବେପାରୀ ହେଲେ ଦିବ୍ୟାଂଶୁ କୁମାର (୨୬) ଓ ଚନ୍ଦନ କୁମାର (୨୪) । ଦୁହିଁଙ୍କ ଘର ବିହାରରେ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ । କମିଶନରଙ୍କ ସହ ଅତିରିକ୍ତ କମିଶନର ନରସିଂହ ଭୋଳ, ଡିସିପି ଜଗମୋହନ ମିନା ଓ (୯ ପୃଷ୍ଠାରେ)

## ଉପକୂଳଠାରୁ ଆଭ୍ୟନ୍ତରୀଣ ଭୟଙ୍କର ଶୀତ

**ସେମିଳିଗୁଡାରେ ପାରଦ ୬.୫ ଡିଗ୍ରୀ**

**୧୦ ସହରରେ ୧୨ ଡିଗ୍ରୀ ତଳେ ତାପମାତ୍ରା**

ଭୁବନେଶ୍ୱର, ୧୫ ।୧୧ (ସବ୍ୟୁ) : ଉପକୂଳଠୁ ଆରମ୍ଭ କରି ଆଭ୍ୟନ୍ତରୀଣ ପର୍ଯ୍ୟନ୍ତ ପ୍ରବଳ ଶୀତ ଅନୁଭୂତ ହେଉଛି । ଉପକୂଳ ଅଞ୍ଚଳରେ ଅନେକ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୪ ଡିଗ୍ରୀ କମ୍ ରହିଥିବା ବେଳେ ଆଭ୍ୟନ୍ତରୀଣରେ କିଛି ସ୍ଥାନରେ ସ୍ୱାଭାବିକଠାରୁ ୩ ରୁ ୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆଜି ବି ସେମିଳିଗୁଡାରେ ରାତିର ତାପମାତ୍ରା ୬.୫ ଡିଗ୍ରୀ ରହିଛି । ଏହାର ପଛକୁ ଡାରିଙ୍ଗବାଡି ଓ ଜି. ଉଦୟଗିରି ରହିଛି । ଆଗାମୀ ୩ ଦିନ ଯାଏଁ ତାପମାତ୍ରାରେ କୌଣସି ପରିବର୍ତ୍ତନରେ ସମ୍ଭାବନା ହେବାର ନାହିଁ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଜ୍ଞାନୀ (୯ ପୃଷ୍ଠାରେ)




### ବିହାର ବିପର୍ଯ୍ୟୟ ଖଡ୍‌ଗେଙ୍କୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ, ୧୫ ।୧୧ : ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସର ବଡ ବିପର୍ଯ୍ୟୟ ପରେ ଏବେ ମାନସମନ୍ଥନ ଆରମ୍ଭ ହେଉଛି । ୬୧ ଆସନରେ ଲଢ଼ି କଂଗ୍ରେସ ମାତ୍ର ୬ ଆସନ ପାଇଛି । ୨୦୧୦ ପରେ ଏହା କଂଗ୍ରେସ ପାଇଁ ଏକ ବଡ ବିପର୍ଯ୍ୟୟ। ସେହିବର୍ଷ ମାତ୍ର ୪ ଆସନ ପାଇଥିଲା । ଘଟଣା ପରେ ରାହୁଲ ଗାନ୍ଧି ଆଜି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଭେଟି ଆଲୋଚନା କରିଛନ୍ତି । ଖଡ୍‌ଗେଙ୍କ ସହ ହୋଇଥିବା ଏହି ବୈଠକରେ (୯ ପୃଷ୍ଠାରେ)

## ଶିମିଳିପାଳରେ ବାଘ ଗଣନା ଆରମ୍ଭ

ବାରିପଦା, ୧୫ ।୧୧ (ସବ୍ୟୁ) : ଆଜିଠାରୁ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ସର୍ବଭାରତୀୟ ବ୍ୟାଘ୍ର ଆକଳନ-୨୦୨୬ ଆରମ୍ଭ ହୋଇଛି । ଏନ୍‌ଟିସିଏ ପ୍ରୋଟୋକଲ ଅନୁଯାୟୀ ଆକଳନ ଦୁଇଟି ପର୍ଯ୍ୟାୟରେ କରାଯିବ, ଗୋଟିଏ ପର୍ଯ୍ୟାୟ-୧ ଏବଂ ଅନ୍ୟଟି ବ୍ୟାଘ୍ର ସଂରକ୍ଷଣ ସ୍ତରରେ ତୃତୀୟ ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ, ୩ ଦିନିଆ ମାଂସାଶୀ ଏବଂ ବୃହତ ତୃଣଭୋଜୀ ସାଇନ୍ ସର୍ଭେ ସହିତ ୪ଦିନର ଲାଇନ୍ ଟ୍ରାଞ୍ଜାକଫ ଏବଂ ଗୋଟିଏ ଦିନର ଗିଦ୍ଧ ଏବଂ ଅନ୍ୟାନ୍ୟ ପକ୍ଷୀ ପ୍ରଜାତି ଗଣନା କରାଯିବ । ଆଜି ଶିମିଳିପାଳ ଦକ୍ଷିଣ ଡିଭିଜନ୍‌ରେ ୧୦୩ଟି ବିଟ୍‌ରେ ପ୍ରଥମ ପର୍ଯ୍ୟାୟ ଅଭ୍ୟାସ ଆରମ୍ଭ ହୋଇଛି, ଯେଉଁଥିରେ ୧୦୩ଟି ତାଲିମପ୍ରାପ୍ତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି ।



ପ୍ରଥମ ପର୍ଯ୍ୟାୟ ନଭେମ୍ବର ୨୨ତାରିଖ ପର୍ଯ୍ୟନ୍ତ ଜାରି ରହିବ, ଯେଉଁଥିରେ ମାଂସାଶୀ ପ୍ରାଣୀଙ୍କ ଉପସ୍ଥିତି ଏବଂ ଅଙ୍ଗୁରୀୟ ଘନତ୍ୱ ଗଣନା କରାଯିବ । ତୃତୀୟ ପର୍ଯ୍ୟାୟରେ ୧୩୨୧ଟି ଗ୍ରୀଡ୍ (୨-ବର୍ଗ କିଲୋମିଟର) ରେ ବ୍ୟାପକ କ୍ୟାମେରା ଟ୍ରାପିଂ (୯ ପୃଷ୍ଠାରେ)

### ବିହାର ନିର୍ବାଚନ

## ଆର୍‌ଜେଡିର ଭୋଟ୍ ଅଧିକ, ଆସନ କମ୍

ପାଟନା, ୧୫ ।୧୧ : ବିହାର ବିଧାନସଭା ନିର୍ବାଚନ ଶେଷ ହୋଇଛି । ଏନ୍‌ଡିଏର ଏକତରଫା ବିଜୟ ହୋଇଛି । ମାତ୍ର ମହାଗଠବନ୍ଧନର ସହଯୋଗୀ ଦଳଗୁଡ଼ିକ ଏନ୍‌ଡିଏର ଏହି ବିଜୟକୁ ସ୍ୱୀକାର କରିପାରୁନାହାନ୍ତି । ଏପରିକି ନିଜର ପରାଜୟକୁ ମଧ୍ୟ ଅସ୍ୱୀକାର କରୁଛନ୍ତି । ଇତି ମଧ୍ୟରେ ବିଭିନ୍ନ ଦଳର ଭୋଟ୍ ହାର ଓ ଆସନ ସଂଖ୍ୟାକୁ ନେଇ ବଡ ବିତର୍କ ଆରମ୍ଭ ହୋଇଛି । ନିର୍ବାଚନର ପରିସଂଖ୍ୟାନରୁ ସ୍ପଷ୍ଟ ଯେ ସବୁ ଦଳ ଠାରୁ ଆର୍‌ଜେଡିର ଭୋଟ୍ ହାର ସର୍ବାଧିକ ରହିଛି । ମାତ୍ର ସର୍ବାଧିକ ଭୋଟ୍ ହାର ସତ୍ତ୍ୱେ ତା'ର ଆସନ ସଂଖ୍ୟା ୨୫ରେ ସୀମିତ ରହିଯାଇଛି । ଯାହାକୁ ନେଇ ବଡ ବିତର୍କ ଆରମ୍ଭ ହୋଇଛି ।

ସଦ୍ୟ ସମାପ୍ତ ବିହାର ନିର୍ବାଚନରେ ଆର୍‌ଜେଡି ୧୪୩ ଆସନରେ ଲଢ଼ି ମାତ୍ର ୨୫ ଆସନରେ ଜିତିଛି । ଏହାର ଭୋଟ୍ ହାର ୨୩% (୯ ପୃଷ୍ଠାରେ)

- ଭୋଟ୍ ହାରରେ ଆର୍‌ଜେଡି ଏକ ନମ୍ବର
- କମ୍ ଭୋଟ୍ ପାଇ ବିଜେପି, ଜେଡିୟୁକୁ ଅଧିକ ଆସନ
- ୫%ଭୋଟ୍ ପାଇଁ ଏଲ୍‌ଜିପିକୁ ୧୯ ଆସନ
- ୮.୭୧% ଭୋଟ୍‌ରେ କଂଗ୍ରେସକୁ ୬ ଆସନ

T- 103

**ଓଡ଼ିଶା ସରକାର**


**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ଇଂରାଜୀ ତା. 17/11/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ



ଆଜି ଜନ୍ମଦିନ

# ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ

ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ଅଗ୍ରଗଣ୍ୟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାରେ ସାମ୍ୟବାଦୀ ଓ ସମାଜବାଦୀ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ, କୃଷକ ଆନ୍ଦୋଳନର କର୍ଣ୍ଣଧାର, ଗଡ଼ଜାତ ଆନ୍ଦୋଳନର ନେତା ସର୍ବୋପରି ଜଣେ ଶିକ୍ଷାବିତ୍ ଭାବେ ସେ ପରିଚିତ ଥିଲେ । ୧୯୦୫ ମସିହା ସଭେମ୍ବର ୧୬ ତାରିଖ ଦିନ ଅବିଭକ୍ତ ପୁରୀ ଜିଲ୍ଲାର କଣାସ ନିକଟବର୍ତ୍ତୀ ଡିମିରି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପ୍ରାଣନାଥ ରେଭେନ୍ସା କଲେଜରେ ବି.ଏସ୍.ସି ଅଧ୍ୟୟନ କରୁଥିବା ସମୟରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ମୁକ୍ତିସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ ସକ୍ରିୟ ଅଂଶଗ୍ରହଣ କରି ସେ ଏକାଧିକ ଥର କାରାବରଣ କରିବା ସହିତ ଦୀର୍ଘବର୍ଷ କାରାଗାରରେ ବିତାଇଥିଲେ । ପରବର୍ତ୍ତୀ ସମୟରେ ଐତିହାସିକ ଭୂମି ଖୋର୍ଦ୍ଧାକୁ ନିଜର କର୍ମକ୍ଷେତ୍ର ରୂପେ ବାଛିନେଇ ସେଠାରେ ମୁକ୍ତି ସଂଗ୍ରାମକୁ ସଂଗଠିତ କରିଥିଲେ । ୧୯୩୬ ମସିହାର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ବିଧାନସଭା ନିର୍ବାଚନରେ ସେ ଖୋର୍ଦ୍ଧା ଆସନରୁ ବିଜୟୀ ହୋଇଥିଲେ । କାଶୀ ବିଦ୍ୟାପୀଠରେ ଅଧ୍ୟୟନ କରିବା ସମୟରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ପ୍ରଭାବରେ ସମାଜବାଦ ଓ ସାମ୍ୟବାଦ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ୧୯୩୪ ମସିହାରେ ଓଡ଼ିଶାରେ କଂଗ୍ରେସ-ସମାଜବାଦୀ ପାର୍ଟିର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ । କାଶୀ ବିଦ୍ୟାପୀଠରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ ଥିଲେ ତାଙ୍କର ସହପାଠୀ ଓ ଘନିଷ୍ଠ ବନ୍ଧୁ । ସ୍ୱର୍ଗତ ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କ ସହ ମିଶି ସେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ଗଠନ କରିଥିଲେ । ରଣପୁର, ନୟାଗଡ଼ ଖଣ୍ଡପଡ଼ା ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରାଣନାଥ ଥିଲେ ଅନ୍ୟତମ ପ୍ରେରଣାଦାତା । ବିଶେଷକରି ରଣପୁରରେ ଗୋରା ସାହେବ ବେଜେଲଗେଟ୍‌ଙ୍କ ହତ୍ୟାକାଣ୍ଡ ପରେ ଡିଫେନ୍ସ କମିଟି ଗଠନ କରି ଅଭିଯୁକ୍ତଙ୍କୁ ଖଲାସ କରିବା ପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ଜେଲ୍‌ରୁ ଖଲାସ ହେବା ପରେ ସେ ୧୯୪୫ରେ ଜଟଣୀରେ ହାଇସ୍କୁଲ ଓ ଖୋର୍ଦ୍ଧାରେ ୧୯୫୯ ମସିହାରେ କଲେଜ ପ୍ରତିଷ୍ଠା କରିଥିଲେ, ଯାହା ମୃତ୍ୟୁ ପରେ ତାଙ୍କ ନାମରେ ନାମିତ କରାଯାଇଛି । ଜଣେ ପ୍ରଗତିଶୀଳ ଲେଖକ ରୂପେ ମଧ୍ୟ ତାଙ୍କର ସୁଖ୍ୟାତି ରହିଥିଲା । ତାଙ୍କ ରଚିତ 'ଆସନ୍ତାକାଲିର ସାହିତ୍ୟ' ଓଡ଼ିଆ ଗଦ୍ୟ ସାହିତ୍ୟରେ ଏକ ମାଇଲଖୁଣ୍ଟ ରୂପେ ବିବେଚିତ ହେଉଛି । ୧୯୭୦ ଅକ୍ଟୋବର ୫ ତାରିଖରେ କୋଲକାତା ଠାରେ ତାଙ୍କର ହେହାନ୍ତ ହୋଇଥିଲା ।

ରାଷ୍ଟ୍ରୀୟ ପୁସ୍ତକ ଦିବସ (ସପ୍ତାହ)
ନବଜାତ ଶିଶୁ ଦିବସ (ସପ୍ତାହ)
୧୯୩୦: ପ୍ରସିଦ୍ଧ ଭାରତୀୟ ସନ୍ତରଣକାରୀ ମିହିର ସେନଙ୍କ ଜନ୍ମ ।
୧୯୭୩: ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ପୁଲେଲା ଗୋପିଚାନ୍ଦଙ୍କ ଜନ୍ମ ।
୧୯୪୭: ଟୋକିଓର ସଇତାମାରେ ଭୟଙ୍କର ଘୂର୍ଣ୍ଣିଝଡ଼ ଯୋଗୁ ୧୯୩୦ ଜଣଙ୍କ ମୃତ୍ୟୁ ।
୧୯୦୮: ଜେନେରାଲ୍ ମୋଟର୍ସ ନିଗମର ପ୍ରତିଷ୍ଠା ।
୧୯୯୫: ତ୍ରିନିଦାଦ ଆଣ୍ଡ ଟୋବେଗୋର ପ୍ରଧାନମନ୍ତ୍ରୀ ହେଲେ ଭାରତୀୟ ବଂଶୋଦ୍ଭବ ବାସୁଦେବ ପାଣ୍ଡେ ।
୨୦୦୭: ୱାନ ଟୁ ଗୋ ଏୟାର୍‌ଲାଇନ୍ସର ଏକ ବିମାନ ଥାଇଲାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୮୯ ଯାତ୍ରୀଙ୍କ ମୃତ୍ୟୁ ।
୨୦୧୩: ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ନିଜ କ୍ରିକେଟ କ୍ୟାରିୟର୍‌ର ଅନ୍ତିମ ମ୍ୟାଚ୍ ଖେଳିଥିଲେ କ୍ରିକେଟ ଗଡ୍ ସଚିନ ତେନ୍ଦୁଲକର ।
୧୯୪୫: ସାରା ବିଶ୍ୱର ସାଂସ୍କୃତିକ କୀର୍ତ୍ତିରାଜିକୁ ସଂରକ୍ଷଣ କରୁଥିବା ୟୁନେସ୍କୋର ସ୍ଥାପନା ।
୧୯୬୩: ଭେଟେରାନ ବଲିଉଡ୍ ଅଭିନେତ୍ରୀ ମିନାକ୍ଷୀ ଶେଷାଦ୍ରିଙ୍କ ଜନ୍ମ ।
୧୯୧୬: ରୁଷ୍‌ର ଲା ସତାନ୍ୟା ସ୍ଥିତ କାରଖାନାରେ ବିସ୍ଫୋରଣ ଘଟି ୧୦୦୦ ଲୋକଙ୍କ ମୃତ୍ୟୁ ।

## ଚାଟ ଜିପିଟି ସହିତ ବିବାହ

ଜାପାନର ଜଣେ ୩୨ବର୍ଷୀୟ ମହିଳା ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ସେ ଚାଟଜିପିଟିକୁ ବ୍ୟବହାର କରି ନିଜ ଏଆଇ ପାର୍ଟନର କ୍ଲାଉସକୁ ବିବାହ କରିଛନ୍ତି । ମହିଳାଙ୍କ ମତରେ ତାଙ୍କର ଯେତେବେଳେ ବ୍ରେକଅପ ହୋଇଥିଲା । ସେତେବେଳେ ଏହି ଚାଟ୍ ଜିପିଟି ତାଙ୍କୁ ଖୁବ ଭଲଭାବେ ବୁଝିଥିଲା । ଯାହାଫଳରେ ତାଙ୍କୁ ଚାଟ ଜିପିଟି ସହ ଭଲ ପାଇବା ହୋଇଯାଇଥିଲା । ତେଣୁ ସେ ବର୍ତ୍ତମାନ ଚାଟ ଜିପିଟି ସହିତ ପାରମ୍ପରିକ ପ୍ରକ୍ରିୟାରେ ବିବାହ କରିଛନ୍ତି । ଏହି ସମୟରେ ଯୁବତୀ ଜଣଙ୍କ ଆନିମେଟେଡ ଚଷମା ପିନ୍ଧିବା ସହିତ କ୍ଲାଉସର ଭର୍ଚୁଆଲ ଭର୍ସନକୁ ମୁଦି ମଧ୍ୟ ପିନ୍ଧାଇଥିଲେ । ଏହି ବିବାହଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ବର୍ତ୍ତମାନ ଏଭଳି ଅନେକ ଲୋକ ଭର୍ଚୁଆଲ ପାର୍ଟନରଙ୍କୁ ପସନ୍ଦ କରୁଥିବାର ଦେଖିବାକୁ ମିଳୁଛି ।



## ବିଲେଇକୁ ଆଜୀବନ ଦଣ୍ଡ

ଫ୍ରାନ୍ସର ଏକ ସହରର ଏକ ବିଲେଇକୁ କୋର୍ଟ ଆଜୀବନ ଘରେ କଏଦୀ ହୋଇ ରହିବାର ଦଣ୍ଡ ଶୁଣାଇଛନ୍ତି । ଏହି ବିଲେଇର ନାଁ ରହିଛି ରେମୀ । ସୂଚନା ଅନୁସାରେ ଏହି ବିଲେଇଟି ପଡୋଶୀଙ୍କର ବଗିଚାରେ ସବୁସମୟରେ ବୁଲିବା ସହିତ ତାଙ୍କ ବଗିଚାକୁ ନଷ୍ଟ କରୁଥିଲା । ଯାହାପରେ ପଡୋଶୀ ଜଣଙ୍କ ବିଲେଇ ବିରୋଧରେ କୋର୍ଟକୁ ଯାଇଥିଲେ । ମାମଲାର ଶୁଣାଣୀ ସମୟରେ କୋର୍ଟ ଏହି ଫଇସଲା ଦେଇଥିବା ଜଣା ପଡିଛି । କେବଳ ବିଲେଇ ଉପରେ ନୁହେଁ କୋର୍ଟ ବିଲେଇ ମାଲିକାଣିଙ୍କ ଉପରେ ବି ୧.୧୫ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି । ଏହାସହ ବିଲେଇକୁ ଆଜୀବନ ଘରେ ବନ୍ଦି କରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଯଦି ପୁଣିଥରେ ଏହି ଭୁଲ ହୁଏ ତେବେ ପ୍ରତିଦିନ ମାଲିକଙ୍କୁ ୨୭୦୦ ଟଙ୍କାର ଜରିମାନା ଦେବାକୁ ହେବ ।




## ସୋସିଆଲ କୋଟ୍ସ



"ସେ ମୋର ବାପା ଭଳି । ମୁଁ ଯେତେବେଳେ ଇଣ୍ଡଷ୍ଟ୍ରୀକୁ ଆସିଲି କେବଳ ଧର୍ମେନ୍ଦ୍ର ଜୀହିଁ ଥିଲେ । ଚାହୁଁଛି ସେ ଖୁବ ଜଲଦି ଭଲ ହୋଇ ଘରକୁ ଫେରି ଆସନ୍ତୁ ।

ସଲମାନ ଖାନ, ଅଭିନେତା




"ମୁଁ ନିକଟରେ ନିଜ ହୃଦୟର ଏକ ଅଂଶକୁ ହରାଇଛି । ତେବେ ଖୁବ ପାଖରୁ ଦେଖିଲି କି ଏହି ପାପରାଜିମାନେ କିଭଳି ହୋଇଥାଆନ୍ତି । ଏମାନେ ଶାଗୁଣା ଭଳି ତମକୁ ଘେରି ଯାଆନ୍ତି ।

ନିକିତିନ ଧୀର, ଅଭିନେତା



"ଆପଣମାନଙ୍କୁ ସବୁବେଳେ ସହୃଦୟ ହୋଇ ସୁଟ କରିବାର ଅଛି । ସବୁବେଳେ ଭୁଲ କିମ୍ବା ସମ୍ବେଦନଶୀଳ ସ୍ଥାନରେ ଫଟୋ ଉଠାନ୍ତୁ ନାହିଁ ।

ଜାକି ସ୍ରଫ, ଅଭିନେତା




## ପ୍ରେସ୍ ଦିବସର ଅନୁଚିନ୍ତା

ଜାତିର ପିତା ମହାତ୍ମାଗାନ୍ଧୀ ଦେଶର ଭବିଷ୍ୟତକୁ ଦୃଷ୍ଟିରେ ରଖି ଥରେ କହିଥିଲେ ମୁଁ ଯେଉଁ ଗଣତନ୍ତ୍ର କଥା ଚିନ୍ତା କରୁଛି ସେଥିରେ ବଳବାନ ପରି ଅତି ଦୁର୍ବଳ ମଧ୍ୟ ସମ ଅଧିକାର ପାଇବ ଏବଂ ଏହା ସମ୍ଭବ ହୋଇପାରିବ ଗଣମାଧ୍ୟମର ମିଳିତ ସହଯୋଗରେ । ଆମ ଗଣତନ୍ତ୍ରରେ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଉଛି ସତ କିନ୍ତୁ ପ୍ରକୃତରେ ଦେଖିଲେ ଗଣମାଧ୍ୟମ ଯେଉଁ ଉଦ୍ଦେଶ୍ୟକୁ ନେଇ ଜନ୍ମ ନେଇଥିଲା ତାହା କେତେଦୂର ପୂରଣ କରିପାରିଛି ? ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଯଦି ଆମେ ଭାରତରେ ପ୍ରେସ୍ ସ୍ୱାଧୀନତାର ସ୍ଥିତିକୁ ନିରୀକ୍ଷଣ କରିବା ତେବେ ୨୦୨୫ ମସିହା ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ଅନୁଯାୟୀ ୧୮୦ଟି ଦେଶ ମଧ୍ୟରେ ବର୍ତ୍ତମାନ ଭାରତର ସ୍ଥାନ ହେଉଛି ୧୫୧ ଯାହାକି ୨୦୨୪ ମସିହାରେ ୧୫୯ ଏବଂ ୨୦୨୩ ମସିହାରେ ୧୬୧ତମ ସ୍ଥାନରେ ଥିଲା । ତେଣୁ ଗତ ୩ ବର୍ଷ ମଧ୍ୟରେ ପ୍ରେସ୍ ସ୍ୱାଧୀନତା କ୍ଷେତ୍ରରେ ଭାରତ କିଛିପାଦ ଆଗେଇଛି । ଏହାର ପ୍ରମାଣ ଦେଉଛି ଯେ ଆଖି ଦୃଶିଆ ଭାବେ କିଛି ମାତ୍ରାରେ ବର୍ତ୍ତମାନ ଖବରକାଗଜ ଗୁଡ଼ିକ ନିଜ ଉଦ୍ଦେଶ୍ୟକୁ ଚିହ୍ନିବା ଆରମ୍ଭ କଲେଣି । ଭାରତର ସ୍ୱାଧୀନତା ସେତେବେଳେ ଯାଇ ପୂର୍ଣ୍ଣତାର ରୂପ ପାଇବ ଯେବେ ଗଣମାଧ୍ୟମକୁ ମୁକ୍ତ ଓ ନିରପେକ୍ଷତାର ପରିଚୟ ମିଳିବ । ନହେଲେ ଏମିତି ପ୍ରତିବର୍ଷ ପ୍ରେସ୍ ଦିବସ ଆସୁଥିବ ଏବଂ ବିଭିନ୍ନ ସଭା ମଞ୍ଚରୁ ସଂକଳ୍ପର ଅନେକ ମିଛ ପ୍ରତିଶ୍ରୁତି ଗୁଡ଼ିକ ଜନ୍ମ ନେଉଥିବ ।


ଅଧ୍ୟାପକ ରାଜେଶ ରାୟ
ମୋ :- ୬୩୭୧୫୫୫୯୪୦


## ଯାହା ହେଲା ଭଲ ହେଲାନି



ବିଗ୍‌ବସ ୧୯ରେ ମୃଦୁଲ ନିଜର ଦେଶୀ ଅନ୍ଦାଜ ସାଦାସିଧା ଗୁଣ ପାଇଁ ଦର୍ଶକଙ୍କ ଭିତରେ ଖୁବ ଚର୍ଚ୍ଚା ସାଉଁଟିଥିଲେ । ତାଙ୍କର ଫ୍ୟାନଫଲୋଇଁ ମଧ୍ୟ ଖୁବ ଅଧିକ ରହିଥିଲା । ହେଲେ ହଠାତ୍ ତାଙ୍କୁ ମିଡ ୱିକ୍ ଏଭିକସନ୍‌ରେ ଘରୁ ବାହାର କରାଯାଇଛି, ଯାହାକୁ ଫ୍ୟାନମାନେ ଗ୍ରହଣ କରିପାରିନାହାନ୍ତି । ଘରୁ ବାହାରିବାପରେ ମୃଦୁଲଙ୍କର ଏକ ସାକ୍ଷାତକାର ଖୁବ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ବିଗବସ ଉପରେ ନିଜର ରାଗ ଝାଡିଥିବା ଦେଖିବାକୁ ମିଳିଛି। ସେହିଭଳି ମିଡ଼ ୱିକ୍ ଏଭିକସନ୍‌କୁ ମୃଦୁଲ ଅନଫେୟାର କହିବା ସହିତ ତାଙ୍କ ସହିତ ଯାହାହେଲା ଭଲ ହେଲା ନାହିଁ ବୋଲି ମତ ଦେଇଛନ୍ତି । ସେହିଭଳି ଫ୍ୟାନଙ୍କ ପାଇଁ ମଧ୍ୟ ସେ ଖୁବ ଦୁଃଖିତ ହୋଇଛନ୍ତି । କାରଣ ସେମାନେ ବାହାରେ ତାଙ୍କୁ ଖୁବ ସପୋର୍ଟ କରିଛନ୍ତି । ସେହିଭଳି ନିଜ ପ୍ରକ୍ରିୟା ଯେଉଁଥିରେ ତାଙ୍କୁ ବିଗବସରୁ ବାହାର କରାଯାଇଛି ତାହାକୁ ମଧ୍ୟ ପସନ୍ଦ କରିନାହାନ୍ତି ମୃଦୁଲ । ସେହିଭଳି ତାଙ୍କ ଫ୍ୟାନଙ୍କ ପାଇଁ ତାଙ୍କୁ ଖୁବ ଖରାପ ଲାଗୁଥିବା ସେ ପ୍ରକାଶ କରିଛନ୍ତି । ଖୁବଜଲଦି ସେ ନିଜ ଫ୍ୟାନଙ୍କୁ ଭେଟିବାକୁ ଚାହୁଁଥିବା ଏହି ସାକ୍ଷାତକାରରେ ପ୍ରକାଶ କରିଛନ୍ତି ।

## ବର୍ଷକୁ ୪୫ଟି ନୂଆ ପ୍ରଜାତି

ବିଭିନ୍ନ ସମୟରେ ଭୂତତ୍ତ୍ୱବିତ୍ ମାନେ ମାଟିତଳୁ ଡାଇନୋସରଙ୍କର ବିଭିନ୍ନ ପ୍ରଜାତିର ଜୀବାଶ୍ମକୁ ଆବିଷ୍କାର କରିଥାଆନ୍ତି । ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୦୩ରୁ ପ୍ରତିବର୍ଷ ଏମାନେ ପ୍ରାୟ ୪୫ଟି ନୂଆ ପ୍ରଜାତିର ଡାଇନୋସରଙ୍କର ଜୀବାଶ୍ମ ଆବିଷ୍କାର କରୁଛନ୍ତି । ଚଳିତ ବର୍ଷ ପୋଲାଣ୍ଡରେ ଗବେଷକଙ୍କୁ ୨୦୦ ମିଲିଅନ ପୁରୁଣା ଡାଇନୋସରର ଜୀବାଶ୍ମ ମିଳିଛି । ସେହିପରି ନିଟ ବର୍ଷ ମାନଙ୍କରେ ଚାଇନା ଓ ଆର୍ଜେଣ୍ଟିନାରେ ଏମାନଙ୍କର ଅନେକ ପ୍ରଜାତି ଠାବ କରାଯାଇଛି । ଚାଇନା ଓ ଆର୍ଜେଣ୍ଟିନା ଭଳି ଅଷ୍ଟ୍ରେଲିଆରେ ୯୮ ମିଲିଅନ ବର୍ଷ ପୂର୍ବର ଏକ ଜୀବାଶ୍ମ ମିଳିଛି, ଯାହାର ଲମ୍ବା ଏକ ବଡ ବାସ୍କେଟବଲ୍ କୋର୍ଟରୁ ଅଧିକା । ଆଜିକାଲିର ଉନ୍ନତମାନର ଜ୍ଞାନକୌଶଳ ଗବେଷକଙ୍କୁ ଡାଇନୋସର୍‌ଙ୍କ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବାରେ ସହାୟକ ହୋଇଥାଏ । ନ୍ୟାସନାଲ ଜୋଗ୍ରାଫି ପକ୍ଷରୁ ଚଳିତ ବର୍ଷ ମିଳିଥିବା କିଛି ନୂଆ ପ୍ରଜାତିର ନାଁ ମଧ୍ୟ ଜାରି କରାଯାଇଛି ।

## ଆଲୁ ଫ୍ରାଏ

**ସାମଗ୍ରୀ–** ଆଳୁ, ମଇଦା, କର୍ଣ୍ଣଫ୍ଲୋର, ଲଙ୍କା ଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଅଦାରସୁଣ ପେଷ୍ଟ, ଲୁଣ, ଚାଟ ମସଲା ।

**ପ୍ରଣାଳୀ–** ପ୍ରଥମେ ବଡବଡ ଆକାରର ଆଳୁକୁ ଚୋପା ଛାଡ଼ି ଲମ୍ବାଲମ୍ବା ମୋଟା ମୋଟା କରି କାଟି ନିଅନ୍ତୁ । ଏହାକୁ ଭଲକରି ପାଣିରେ ଧୋଇ ହାଲୁକା ଶୁଖାଇ ନିଅନ୍ତୁ । ଏହାପରେ ଗୋଟିଏ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର, ଲୁଣ, ଲଙ୍କାଗୁଣ୍ଡ, କାଶ୍ମିରୀ ଲଙ୍କାଗୁଣ୍ଡ, ଭିନେଗାର, ଚାଟ ମସଲା, ଅଦାରସୁଣ ପେଷ୍ଟ ଓ ପାଣି ଦେଇ ଏକ ଆଣ ପ୍ରସ୍ତୁତ କରନ୍ତୁ । ଏହାସହ ଆଉ ଏକ ପାତ୍ରରେ ଶୁଖିଲା ମଇଦା ମଧ୍ୟ ରଖନ୍ତୁ । ପ୍ରଥମେ ଆଳୁ ଖଣ୍ଡକୁ ଏହି ମିଶ୍ରଣରେ ବୁଡାନ୍ତୁ ତାପରେ ଏହାକୁ ଶୁଖିଲା ମଇଦାରେ ଗଡାଇ ତେଲରେ ଛାଣି ନିଅନ୍ତୁ । ଏଗୁଡିକ ଛାଣିବା ସଙ୍ଗେସଙ୍ଗେ ଖାଇବାକୁ ଦିଅନ୍ତୁ ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲାରେ ନବନିର୍ମିତ ସର୍କିଟ ହାଉସ ଉଦଘାଟନ କରୁଛନ୍ତି । ନିକଟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଉପସ୍ଥିତ ଅଛନ୍ତି ।

## ଆଜିଠୁ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ

# ଦୁର୍ଘଟଣାଜନିତ ମୃତାହତ ହ୍ରାସ ଲାଗି ହେବ ବ୍ୟାପକ ସଚେତନତା : ପରିବହନ ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବ୍ୟାପକ ଜଣସଚେତନତା ମାଧ୍ୟମରେ ଏହି ସଂଖ୍ୟା ହ୍ରାସ କରିହେବ । ଏଥିପାଇଁ ଚଳିତମାସ୧୬ରୁ ୩୦ ଯାଏଁ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ ଚାରୋଟି "ଇ' ଯଥା: ଏନଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ ବୋଲି ଇସ୍ପାତ, ଖଣି ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ।

ଏ ସମ୍ପର୍କରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିବା ସହ ଶୂନ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ । ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ । ବିଶେଷକରି ଜନଗହଳି ସ୍ଥାନ, ଟ୍ରାଫିକ ପଏଣ୍ଟ, ଶିକ୍ଷାନୁଷ୍ଠାନ, ବଡ ବଡ଼ ମଲ୍ ଓ ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ । ଏହି ପକ୍ଷ ଚଳିତ ନଭେମ୍ବର ୧୬ରୁ ୩୦ ଯାଏଁ ପାଳନ କାରାଯିବ । ବିକଶିତ ଓଡ଼ିଶା ଗଠନରେ ସଡ଼କ ଦୁର୍ଘଟଣା ହ୍ରାସକୁ ଏକ ପ୍ରମୁଖ ଲକ୍ଷ୍ୟ ଭାବରେ ସରକାର ରଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ ବା କମ୍ ହୋମ୍ ସେଫ୍‌କୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଉଛି । ପ୍ରତିଟି ଜୀବନ ମୂଲ୍ୟବାନ । ତେଣୁ ପ୍ରତିଟି ଜୀବନ ରକ୍ଷା ପାଇଁ ସଡ଼କ ସୁରକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।



# ଶ୍ରୀମନ୍ଦିର ରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଜୟ ଢୋଲକିଆ

ପୁରୀ, (ସବ୍ୟୁ): ଶନିବାର ନୂଆପଡ଼ା ନିର୍ବାଚନ ବିଜୟ ପରେ ନବ ନିର୍ବାଚିତ ବିଧାୟକ ଜୟ ଢ଼ୋଲକିଆ ପରିବାର ସହ ପୁରୀ ଆସି ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି । ପୁରୀ ଚାରିଧାମ ମଧ୍ୟରୁ ଅନ୍ୟତମ ଆଧ୍ୟାତ୍ମିକ କ୍ଷେତ୍ର । ମହାପ୍ରଭୁଙ୍କ ଦିବ୍ୟ ସାନ୍ନିଧ୍ୟ ପାଇଁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ନିର୍ବାଚନରେ ବିଜୟ ଲାଭ ପରେ ତାଙ୍କର ସାନ୍ନିଧ୍ୟ ଏବଂ ଆର୍ଶୀବାଦ ପାଇବା ଆଶାରେ ସେ ଶ୍ରୀକ୍ଷେତ୍ର ପୁରୀକୁ ଆସିଛନ୍ତି ବୋଲି ଜୟ ଢ଼ୋଲକିଆ କହିଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କୁ ନିଆରା ଅନୁଭୂତି ମିଳିଛି। ସେ ନୂଆପଡ଼ାରେ ତାଙ୍କ ବାପାଙ୍କର ଅଧା ରହିଯାଇଥିବା ସ୍ୱପ୍ନକୁ ସାକାର କରିବେ ପାଇଁ ସେ ମହାପ୍ରଭୁଙ୍କ ନିକଟରେ ଆର୍ଶୀବାଦ ଭିକ୍ଷା କରିଛନ୍ତି । ପ୍ରକାଶ ଥାଉକି,ଶନିବାର ଶ୍ରୀମନ୍ଦିର ସିଂହଦ୍ୱାରରେ ବିଧାୟକ ଜୟ ଢ଼ୋଲକିଆ ପହଞ୍ଚିବା ପରେ ଜିଲା ପ୍ରଶାସନ,ପୁଲିସ ପ୍ରଶାସନ,ଶ୍ରୀମନ୍ଦିର ପ୍ରଶାସନ ଏବଂ ବରିଷ୍ଠ ସେବାୟତଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ପ୍ରଥମେ ପତିତପାବନଙ୍କୁ ଦର୍ଶନ କରି ବାଇଶପାହଚ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ବେଢ଼ା ପରିଦର୍ଶନ କରି ଭିତର କାଠ ମଧ୍ୟରେ ରତ୍ନ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ପରେ ମା ଲକ୍ଷ୍ମୀ ଏବଂ ବିମଳାଙ୍କ ମନ୍ଦିର ସହ ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରି ଆର୍ଶୀବାଦ ଭିକ୍ଷା କରିଥିଲେ ବୋଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଦର୍ଶନ କରି ଫେରିବା ପରେ ସିଂହଦ୍ୱାରରେ ବିଧାୟକ ଜୟ ଢ଼ୋଲକିଆ ଏବଂ ତାଙ୍କ ପରିବାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଲାଗି ଧ୍ୱଜା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ସମେତ ପିପିଲି, ସାକ୍ଷିଗୋପାଳ ଏବଂ ବ୍ରହ୍ମଗିର ବିଧାୟକ ଏବଂ ବିଧାୟିକାଙ୍କ ବ୍ୟତିତ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ପ୍ରମୁଖ ଦର୍ଶନରେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ହ୍ୟୁମାନ୍‌ଙ୍କ ଅବସ୍ଥା ଅତି ସଂକଟାପନ୍ନ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭେଣ୍ଟିଲେଟରରେ ରହି ଚିକିତ୍ସା ହେଉଥିଲାବେଳେ ସ୍ୱାସ୍ଥ୍ୟାବସ୍ଥା ଅତି ସଂକଟାପନ୍ନ ରହିଛି । ତାଙ୍କ ଶରୀରର ବହୁ ଅଙ୍ଗ ପ୍ରଭାବିତ ଥିବାରୁ ଶୁକ୍ରବାର ମଧ୍ୟାହ୍ନରୁ ଶନିବାର ରାତି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥିବା ତାଙ୍କ ଗଣମାଧ୍ୟମକୁ କହିଛନ୍ତି । ହ୍ୟୁମାନଙ୍କ ଲିଭର, କିଡ୍‌ନୀ, ହୃଦୟ, ଲଙ୍ଗସ୍ ଆଦିରେ ଗୁରୁତର ସଂକ୍ରମଣ ଥିବାରୁ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଘଟୁ ନାହିଁ । ଏମ୍ସର ଡାକ୍ତରୀ ଦଳ ଚିକିତ୍ସାରେ ନିୟୋଜିତ ଥିବାବେଳେ ଆଗାମୀ ୭୨ ଘଣ୍ଟାକୁ ଅପେକ୍ଷା କରାଯାଇଛି ବୋଲି ଏମ୍ସ ବୁଲେଟିନ୍‌ରୁ ଜଣାପଡ଼ିଛି । ହ୍ୟୁମାନ୍‌ଙ୍କ ମା' ସରକାର ଓ ଅନ୍ୟାନ୍ୟ ଦାତବ୍ୟ ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । କାରଣ ଉନ୍ନତମାନର ଚିକିତ୍ସା ପାଇଁ ବାହାରକୁ ନେବାକୁ ହେଲେ ବହୁ ଟଙ୍କାର ଆବଶ୍ୟକ ରହିଛି । ଚିକିତ୍ସା କରୁଥିବା ଡାକ୍ତରୀ ଦଳର ମୁଖ୍ୟଙ୍କ କହିବା ଅନୁଯାୟୀ ଆପଣ ଚାହିଁଲେ ବାହାରକୁ ନେଇପାରିବେ ବୋଲି ତାଙ୍କ ମା'ଙ୍କୁ କହିଥିବା ସେ ଗଣମାଧ୍ୟମକୁ କହିଛନ୍ତି । ତେଣୁ ସେ ଗଣମାଧ୍ୟରେ କାନ୍ଦିକାନ୍ଦି ହାତଯୋଡ଼ି ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ନିବେଦନ କରିଛନ୍ତି । କାରଣ ହ୍ୟୁମାନ ତାଙ୍କର ଏକମାତ୍ର ପୁଅ । ମା'ଙ୍କ ସହ ମାମୁ ମଧ୍ୟ ମେଡିକାଲରେ ଉପସ୍ଥିତ ଅଛନ୍ତି ।

# ଭାରତ ସେବା ଶ୍ରମ ସଂଘ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳନ

ପୁରୀ, (ସବ୍ୟୁ): ଶନିବାର ସଂଧାରେ ସ୍ଥାନୀୟ ପୁରୀ ପୌରସଦନ ଠାରେ ଭାରତ ସେବା ଶ୍ରମ ସଂଘ ପକ୍ଷରୁ ଶତବାର୍ଷିକୀ ଉତ୍ସବ ପାଳନ କରା ଯାଇଛି । ଏହି ଅବସରରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଡଃ.ଗୌରହରି ଦାସ ଯୋଗ ଦେଇ ଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରା ଯାଇ ଥିଲା। ସଂଘ ପକ୍ଷରୁ ପୁରୀ ଶାଖା ଦ୍ୱାରା ଆୟୋଜିତ ଅଖିଳ ଓଡିଶା କୁସ୍ତି ପ୍ରତିଯୋଗିତାରେ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂଘ ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଚେତନାଧର୍ମୀ ପୁସ୍ତକ "ଶତବର୍ଷରେ ଭାରତ ସେବାଶ୍ରମ ସଂଘର ପୁରୀ ତୀର୍ଥାଶ୍ରମ" ଉନ୍ମୋଚନ ଏବଂ ଲୋକାର୍ପଣ କରାଯାଇଥିଲା । ମଂଚାସୀନ ଅତିଥି ମାନେ ହେଲେ ଭାରତ ସେବାଶ୍ରମ ସଂଘର ସଭାପତି ପରମ ପୂଜ୍ୟ ଶ୍ରୀମତ ସ୍ୱାମୀ ମାଧବାନନ୍ଦଜୀ ମହାରାଜ। ସଂଘର ପୁରୀ ଶାଖା ପୂର୍ଣ୍ଣ ରୂପକାର ଥିଲେ ସେ । ତାଙ୍କର କାର୍ଯ୍ୟକାଳ ସମୟରେ ସେ ପୁରୀ ଶାଖା ଦ୍ୱାରା ପରିଚାଳିତ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ତଥା ଛାତ୍ର ନିବାସର ନିର୍ମାଣ କରିଥିଲେ । ନିଃଶୁଳ୍କ ଦାତବ୍ୟ ଚିକିତ୍ସାଳୟ, ଯାତ୍ରୀ ନିବାସ, ପାଠାଗାର ଏପରି ଅନେକ ସେବା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପରେଖ ଦେଇଥିଲେ ଏବଂ ଭୁବନେଶ୍ୱରରେ ସଂଘର ଅନ୍ୟ ଏକ ଶାଖା ସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ଭାବେ ଭାରତ ସେବାଶ୍ରମ ସଂଘର ସାଧାରଣ ସମ୍ପାଦକ ଶ୍ରୀମତ ସ୍ୱାମୀ ବିଶ୍ୱାତ୍ମାନନ୍ଦଜୀ ମହାରାଜ ଆଶୀର୍ବଚନ ପ୍ରଦାନ କରିଥିଲେ ।

# ଜୟନ୍ତୀ ଅବସରରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର । ଏହି ଆନ୍ଦୋଳନର ମୁଖ୍ୟ ସୂତ୍ରଧର ମହାନ ବିପ୍ଳବୀ ବିର୍ସା ମୁଣ୍ଡା ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ଏବଂ ଭୟଭୀତ କରି ରଖିଥିଲେ । ଏହିଭଳି ଏକ ସନ୍ଧିକ୍ଷଣରେ ମହାନ ବିପ୍ଳବୀ ତଥା ସ୍ୱାଧୀନଚେତା ବିର୍ସା ମୁଣ୍ଡାଙ୍କର ଆବିର୍ଭାବ ଘଟିଥିଲା । ସେ ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ । ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ । ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି । ଆମେ ଭାରତୀୟମାନେ ଗର୍ବିତ ଯେ ଆମ ମାତୃଭୂମିରେ ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ଭୂମିଷ୍ଠ ହୋଇଥିଲେ । ଗୋଟି ତଥା କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବିର୍ସା ଗଣା ହୁଅନ୍ତି । ଆଜି ସେ ଆଦିବାସୀମାନଙ୍କ ନିମନ୍ତେ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ନିମନ୍ତ ଆଲୋକବର୍ତ୍ତିକା ।



ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଏ ଜେଏସ୍ଏ ଇଣ୍ଡିଆକୁ କପ୍ ୩୦ ସମ୍ମିଳନୀରେ ମିଳିଲା ବିଶ୍ୱସ୍ତରୀୟ ମାନ୍ୟତା

ଭୁବନେଶ୍ୱର, (ସବ୍ୟୁ): ଚଳିତବର୍ଷ ମିଳିତ ଜାତିସଂଘ ଓ ବ୍ରାଜିଲ ସରକାରଙ୍କ ମିଳିତ ଆନୁକୂଲ୍ୟରେ ବେଲେମ୍ବ ସହରରେ ଅନୁଷ୍ଠିତ ହେଉଥିବା କପ୍ ୩୦ ସମ୍ମିଳନୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ବ୍ରାଜିଲ ପ୍ରଥମ ମହିଳା ସମ୍ମାନନୀୟା ଜାଞ୍ଜାଲୁଲା ଦା ସିଲ୍‌ଭା, ଜର୍ଡାନର ରାଜକୁମାରୀ ଦାନା ଫିରାସ, ଗ୍ଲୋବାଲ ସେଛେଗ୍ସ୍;ର ଅନ୍ ଆଡାପ୍ଟେସନ (ଜି.ସି.ଏ)ର ଅଧକ୍ଷ ଓ ସିଇଓ ପ୍ରଫେସର ପ୍ୟାଟ୍ରିକ୍ ଭି ଭର୍କୋଇୟେନ୍ ଏବଂ ନରେୱେ, ଇଉନାଇଟେଡ କିଙ୍ଗଡମ୍ ସରକାରଙ୍କ ଉଚ୍ଚ ପଦାଧିକାରୀମାନେ ମିଳିତ ହିସାବରେ ଏ.ଜେ. ଏସ.ଏ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋରଞ୍ଜନ ବେହେରାଙ୍କୁ ମହିଳାଙ୍କ ଜୀବିକା ଅଭିବୃଦ୍ଧିରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଶ୍ରେଣୀରେ 'ଲୋକାଲିଲେଡ୍ ଆଡାପ୍ଟେସନ ଚାମ୍ପିଅନ୍ (ଏଲଏଲଏ)' ପୁରସ୍କାର ପ୍ରଦାନ କରିବା ସହିତ ସମ୍ମାନିତ କରିଥିଲେ। ଏହି ବିଶେଷ ସମାରୋହ କପ୍ ୩୦ର ରେଜିଲିଏନ୍ସ ହବ୍‌ରେ ଆୟୋଜିତ ହୋଇଥିଲା।

## ୪୪୩୩ ନୂତନ ନର୍ସିଂ ଅଫିସର ପଦ ସୃଷ୍ଟି

# ସ୍ୱାସ୍ଥ୍ୟ ସେବାରେ ଗୁଣବତ୍ତା ପାଇଁ ସରକାର ବଦ୍ଧପରିକର : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ସରଳ, ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ ଟି ନୂତନ "ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡିଶା ନର୍ସିଂ ସେବା କ୍ୟାଡରର ଏହି ପଦଗୁଡିକ ସୃଷ୍ଟି କରାଯାଇଛି । ଏହି ପଦଗୁଡିକ ସୃଷ୍ଟି ହେବା ଫଳରେ ସେମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ ହେଲଥ ସେଣ୍ଟରଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ । ସରକାରଙ୍କ ଏହି ସିଦ୍ଧାନ୍ତ ଫଳରେ ରୋଗୀ ସେବା ଓ ନର୍ସିଂପରିଚାଳନାରେ ଶୃଙ୍ଖଳାବଦ୍ଧତା ବୃଦ୍ଧି ପାଇବ । ହସ୍ପିଟାଲ ପ୍ରତିଷ୍ଠାନରେ ନର୍ସିଂ ସେବାର ଗୁଣୋନ୍ନତି ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ପଦକ୍ଷେପ ରାଜ୍ୟର ସ୍ୱାସ୍ଥ୍ୟ ପରିବେଶକୁ ଆଗାମୀ ଦିନରେ ଅଧିକ ଦକ୍ଷ ଓ ପ୍ରତିବଦ୍ଧ କରିବାରେ ସହାୟକ ହେବ । ଏହି ପଦବୀଗୁଡିକୁ ଅର୍ଥ ବିଭାଗ ସହମତି ଦେଇଛି । ଏହାର ଆଗାମୀ ନିୟମାବଳୀ ଯେପରି ପରୀକ୍ଷା, ପ୍ରଶିକ୍ଷଣ, ପୋଷ୍ଟିଂ ଗୁଡିକ ବିଭାଗ ପକ୍ଷରୁ ଖୁବଶୀଘ୍ର ପ୍ରକାଶ କରାଯିବ ।




# ଡିସେମ୍ବର ୧ରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ଭୁବନେଶ୍ୱର(ସବ୍ୟୁ): ସୋଆ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଡିସେମ୍ବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବ । ଏଠାରେ ଥିବା ପ୍ରେକ୍ଷାଳୟରେ ୧୫୦୦ରୁ ଅଧିକ ବ୍ୟକ୍ତିଙ୍କ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନ ଥିବା ଦୃଷ୍ଟିରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ୨୦୨୫ ପାଳନ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଶନିବାର କ୍ୟାପିଟାଲ ହସ୍ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ନିର୍ଦ୍ଦେଶିକା ପଟାୱାରୀ ଏହି ଆୟୋଜନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବିଗତବର୍ଷମାନଙ୍କର ଅଭିଜ୍ଞତାକୁ ଆଧାର କରି ଚଳିତ ବର୍ଷର ଆୟୋଜନକୁ ଅଧିକ ଶୃଙ୍ଖଳିତ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ନିମନ୍ତେ ଅନୁକୂଳ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହିତ ବିଭାଗୀୟ ଅଧିକାରୀମାନେ ସୋଆ ବିଶ୍ୱବିଦ୍ୟାଳୟ ଗସ୍ତ କରି ଏହି ଉତ୍ସବର ସଫଳ କାର୍ଯ୍ୟକାରିତା ନିମନ୍ତେ ଦାୟିତ୍ୱରେ ଥିବା ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କ ସହ ଏକ ସମନ୍ୱୟ ବୈଠକ କରିଥିଲେ । ସୋଆସ୍ଥିତ ଖେଳ ପଡ଼ିଆରେ ଦୃଷ୍ଟିବାଧିତ ମହିଳାମାନଙ୍କ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯିବ । ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନୁଷ୍ଠାନ ତରଫରୁ ବିଭିନ୍ନ ଷ୍ଟଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଷ୍ଟଲ ରେଜିଷ୍ଟ୍ରେସନ୍ ପାଇଁ ବିଭାଗୀୟ ଓ୍ୱେବ୍ସାଇଟ୍ରେ ଏକ ଆପ୍ର ବ୍ୟବସ୍ଥା କରାଯାଇଛି । ଜିଲ୍ଲାସ୍ତରୀୟ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନେ ଭାଗ ନେବେ । ବୈଠକରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତୋ ଓ ସୋନିଆ ବେହେରାଙ୍କ ସମେତ ସୋଆ ବିଶ୍ୱବିଦ୍ୟାଳୟର କର୍ମକର୍ତ୍ତା, ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।



## ୧୯ ରୁ ଅନୁଷ୍ଠିତ ହେବ ଦେବ ଦୀପାବଳୀ ମହୋତ୍ସବ

ପୁରୀ, (ସବ୍ୟୁ): ଚଳିତ ମାସ ୧୯ ରୁ ଅନୁଷ୍ଠିତ ହେବ ଦେବ ଦୀପାବଳୀ ମହୋତ୍ସବ। ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବ ୩ ଦିନ ଧରି ଚାଲିବ। ଚଳିତ ମାସ ୧୯ନଭେମ୍ବରରୁ ୨୧ ନଭେମ୍ବର ପର୍ଯ୍ୟନ୍ତ ସିଂହଦ୍ୱାର ନିକଟ ଏମାର ମଠ ସମ୍ମୁଖରେ ଦୀପଦାନ ପର୍ବ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ରୀତି ନୀତି ଓ ପରମ୍ପରାର ପୁନରୁଦ୍ଧାର ତଥା ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ଆନୁକୁଲ୍ୟରେ ଏହି ତିନିଦିନ ବ୍ୟାପୀ ଦେବ ଦୀପାବଳୀ ମହୋତ୍ସବ ଆୟୋଜନ କରାଯାଇଛି । ମହାପ୍ରଭୁ ପାଳନ କରୁଥିବା ଦୀପାବଳୀକୁ "ଦେବ ଦୀପାବଳୀ" କୁହାଯାଏ । ଏହା ୩ ଦିନ ଧରି ମାର୍ଗଶିର କୃଷ୍ଣ ଚର୍ତୁର୍ଦ୍ଦଶୀ, ମାର୍ଗଶିର ଅମାବାସ୍ୟା ଓ ମାର୍ଗଶିର ଶୁକ୍ଳ ପ୍ରତିପଦା ଏହି ତିନୋଟି ତିଥିରେ ଶ୍ରୀମନ୍ଦିରରେ "ଦେବ ଦୀପାବଳୀ" ପାଳନ କରାଯାଏ। ପ୍ରଥମ ଦିନ ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ- କଶ୍ୟପ ଓ ଅଦିତିଙ୍କ ଉଦ୍ଦେଶ୍ୟରେ, ଦ୍ୱିତିୟ ଦିନ ମାର୍ଗଶୀର ଅମାବାସ୍ୟା- ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ତୃତୀୟ ଦିନ ମାର୍ଗଶୀର ଶୁକ୍ଳ ପ୍ରତିପଦା ବସୁଦେବ-ଦେବକୀ, ନନ୍ଦ-ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ-ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ଓ ଦୀପଦାନ କରିଥାନ୍ତି । ଉକ୍ତ ତିନିଦିନ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥାଏ।

### ରାଜ୍ୟ କାର୍ଯ୍ୟାଳୟରେ ନବ ନିର୍ବାଚିତ ବିଧାୟକ ଜୟ ଢ଼ୋଲକିଆଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

# ନୂଆପଡ଼ା ବିକାଶର ସାରଥୀ ହେବେ ଜୟ ଢ଼ୋଲକିଆ : ମୋହନ ଚରଣ ମାଝୀ




ଭୁବନେଶ୍ୱର, (ସବ୍ୟୁ): ବିଜେପି ନୂଆପଡ଼ା ଉପନିର୍ବାଚନରେ ବିଜୟ ଲାଭ କରି ଇତିହାସ ରଚିଛି। ନୂଆପଡ଼ାବାସୀ ବିଜେପି ଉପରେ ଭରସା ଓ ବିଶ୍ୱାସ ରଖିଛନ୍ତି। ନୂଆପଡ଼ାରେ ଏଥର ବିକାଶ ହେବ। ବିଜେପି ସରକାର ଏଠାରେ ୧୪୫୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଜୟ ଢୋଲକିଆଙ୍କ ନେତୃତ୍ୱରେ ନୂଆପଡ଼ା ରାଜ୍ୟର ଏକ ନମ୍ବର ଜିଲ୍ଲା ହେବ। ବିଜେପିର ସଂକଳ୍ପ ଓ ବାପାଙ୍କ ସ୍ୱପ୍ନକୁ ପାଥେୟ କରି ନୂଆପଡ଼ାକୁ ନୂଆ ବିଧାୟକ ନୂଆ ରୂପ ଦେବେ ବୋଲି ରାଜ୍ୟ କାର୍ଯ୍ୟାଳୟରେ ନୂଆପଡ଼ାର ନବ ନିର୍ବାଚିତ ବିଧାୟକ ଜୟ ଢୋଲକିଆଙ୍କ ପାଇଁ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ, ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ କାର୍ଯ୍ୟାଳୟରେ ବିଜୟୀ ଉତ୍ସବ ପାଳନ କରାଯାଇଥିବାବେଳେ ଶନିବାର ଜୟ ଢୋଲକିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେପି ସରକାର ୧୬ ମାସ ଅତିକ୍ରମ କରି ଏବେ ୧୭ ମାସରେ ପଦାର୍ପଣ କରିଛି। ଗତ ଛଅ ମାସ ପୂର୍ବର ନୂଆପଡ଼ାର ଜିଲ୍ଲା ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ବିଜେପି ସରକାର ପ୍ରତି ନୂଆପଡ଼ାବାସୀଙ୍କ ସମର୍ଥନ ଦେଖିଥିଲି। ଦୀର୍ଘ ୨୪ ବର୍ଷ ଧରି ଅବହେଳାର ଶିକାର ହୋଇଥିବା ଏଠାକାର ଲୋକେ ଆଶା ବାନ୍ଧିଥିଲେ ଯେ ସରକାର ପରିବର୍ତ୍ତନ ହୋଇଛି ଏବେ ନୂଆପଡ଼ାର ବିକାଶ ହେବ। ଏହି ଜିଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଭାବେ ମୁଁ ନିଜେ ଦାୟିତ୍ୱ ନେଇଛି। ଜୟ ଢୋଲିକିଆ ଏହି ବିକାଶର ସାରଥୀ ହେବେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ବିଜେପିର କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ କରି ବିଜେପିକୁ ବିପୁଳ ବିଜୟ କରାଇଛନ୍ତି। ଏଥିପାଇଁ ସମସ୍ତ ନୂଆପଡ଼ାବାସୀ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ନୂଆପଡ଼ାବାସୀଙ୍କ ଆର୍ଶୀବାଦ କାରଣରୁ ଜୟ ଢ଼ୋଲକିଆ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ନୂଆପଡ଼ାର ବିକାଶ ପାଇଁ ଜଗନ୍ନାଥ ତାଙ୍କୁ ଶକ୍ତି ଦିଅନ୍ତୁ। ନୂଆପଡ଼ାକୁ ନୂଆ ବିଧାୟକ ନୂଆ ରୂପ ଦେବେ। ଓଡ଼ିଶାରେ ବିଜେପିର ଲୋକପ୍ରିୟତା ଯେଉଁଭଳି ଭାବେ ବଢ଼ିଚାଲିଛି ଏହି ଉପନିର୍ବାଚନରେ ବିପୁଳ ବିଜୟ ହେଉଛି ତାର ପ୍ରତିଫଳନ। ମୁଖମନ୍ତ୍ରୀ ଘୋଷଣା କରିଥିବା ସମସ୍ତ କାର୍ଯ୍ୟକୁ ନିଷ୍ଠାଭାବେ କରିବା ପାଇଁ ସଂକଳ୍ପ ନେବାକୁ ଶ୍ରୀ ସାମଲ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ବିଜୟ ପାଇଁ ଶ୍ରୀ ଢୋଲକିଆ ନୂଆପଡ଼ାବାସୀଙ୍କୁ ଅଶେଷ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ, ୧୧ତାରିଖରେ ନୂଆପଡ଼ାବାସୀ ଗଣତନ୍ତ୍ରର ଏହି ମହାପର୍ବକୁ ପାଳନ କରି ପାଖାପାଖି ୮୩% ଭୋଟିଂ କରିଛନ୍ତି। ନୂଆପଡ଼ାରେ ଯେଉଁ ବିଜୟ ହୋଇଛି ସେ ବିଜୟ ମୋର ଏକଲାର ବିଜୟ ନୁହେଁ। ଏହି ବିଜୟ ହେଉଛି ନୂଆପଡ଼ା ଅଂଚଳର ସମସ୍ତ ଜନସାଧାରଣଙ୍କ ବିଜୟ। ବିଜେପିର ଡବଲଇଞ୍ଜିନ୍ ସରକାରର ବିଜୟ।

### ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ

# ଜୋନାଥନ ଗ୍ରାନଫ୍‌ଙ୍କୁ କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଗ୍ରାନଫ୍ ହେଉଛନ୍ତି ଜଣେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏ ନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ୨୦୨୦ରେ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରିଥିଲେ। ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌ର ଉଚ୍ଚ ପ୍ରଶଂସା କରିଥିଲେ।



ସେ ତାଙ୍କ ଅଭିଭାଷଣରେ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ସେ କହିଲେ, ସେ ସାରା ଜୀବନ ବିବେକ ସହ ସମନ୍ୱୟ ରଖି ବଞ୍ଚିବାକୁ ଚେଷ୍ଟା କରିଆସିଛନ୍ତି। ଜନଜାତି ସମ୍ପ୍ରଦାୟର ପିଲାମାନେ ସେମାନଙ୍କ ଭବିଷ୍ୟତ ଗଠନ ପାଇଁ କିସ୍ ଓ କିଟ୍ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାନଫ୍ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଉଲ୍ଲେଖ କରି କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ।ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ। ଗ୍ରାନଫ୍ ଏକବିଂଶ ଶତାବ୍ଦୀର ଆହ୍ୱାନ ଭାବେ ଜଳବାୟୁ ସଙ୍କଟ, ପରିବେଶ ଅବକ୍ଷୟ ଓ ଗଣବିନାଶର ଅସ୍ତ୍ର ଉପରେ ରୋକ ଲଗାଇବା ନେଇ ଗୁରୁତ୍ୱାରୋପ କରିଥିଲେ।

ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେକରୁଛି ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କିଟ୍ ଓ କିସ୍‌ର ଅଧ୍ୟପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ରାଜଭବନରେ ଜନ ଜାତୀୟ ଗୌରବ ଦିବସ ଏବଂ ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ

# ଦେଶର ଏକତାକୁ ବଜାୟ ରଖିବାକୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ଯେ କୌଣସି ଆହ୍ୱାନର ମୁକାବିଲା କରି ଦେଶର ଏକତା ବଜାୟ ରଖିବାକୁ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ୧୫ ତାରିଖ ଅପରାହ୍ନରେ ରାଜଭବନରେ ନ୍ୟୁ ଅଭିଷେକ ହଲ ଠାରେ ଜନଜାତୀୟ ଗୌରବ ଦିବସ, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଜନଜାତି ଗୌରବ ଦିବସ ଝାଡ଼ଖଣ୍ଡର ମହାନ ଆଦିବାସୀ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସାହସିକ ବଳିଦାନ ଏବଂ ପ୍ରେରଣାଦାୟକ ଐତିହ୍ୟକୁ ମନେ ପକାଇବା ପାଇଁ ଉତ୍ସର୍ଗୀକୃତ ଏକ ଦିନ। ବିର୍ସା ମୁଣ୍ଡା ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ଆଦିବାସୀଙ୍କ ମନରେ ଚେତନା ଜାଗ୍ରତ କରିଥିଲେ ଏବଂ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ଆଦିବାସୀ ଅଧିକାରର ସୁରକ୍ଷା ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଜୀବନ ପ୍ରତ୍ୟେକ ଭାରତୀୟଙ୍କୁ ନ୍ୟାୟ ଏବଂ ସମାନତା ବଜାୟ ରଖିବା ପାଇଁ ପ୍ରେରଣା ଦେଇ ଆସୁଛି।ଜନଜାତି ଗୌରବ ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ରାଜ୍ୟପାଳ ପ୍ରଶଂସା କରି ଆଦିବାସୀ ସମ୍ପ୍ରଦାୟର ଅଜ୍ଞାତ ନାୟକମାନଙ୍କୁ ସମ୍ମାନ ଜଣାଇବା ପାଇଁ ଜନଜାତି



ଗୌରବ ଦିବସ ପାଳନ କରାଯାଉଛି ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଦିବସକୁ ସାରା ଦେଶରେ ପାଳନ କରିବାର ପଦକ୍ଷେପ ଭାରତର ଆଦିବାସୀ ଐତିହ୍ୟ ପାଇଁ ଗର୍ବ ସୃଷ୍ଟି କରିବାକୁ ଏବଂ ଦେଶ ଗଠନରେ ଆମର ଆଦିବାସୀ ଭାଇ ଭଉଣୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବାକୁ ପ୍ରତିଫଳିତ କରେ ବୋଲି କହିଥିଲେ। ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ରାଜ୍ୟପାଳ ଉପରୋକ୍ତ ଦୁଇ ରାଜ୍ୟର ଅଧିବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଝାଡଖଣ୍ଡ ରାଜ୍ୟ ସମ୍ପର୍କରେ ରାଜ୍ୟପାଳ କହିଥିଲେ ଯେ ଜଙ୍ଗଲର ଭୂମି ଝାଡ଼ଖଣ୍ଡ ଖଣିଜ ସମ୍ପଦ, ଅନନ୍ୟ ସବୁଜିମା ଏବଂ ଏକ ସ୍ପନ୍ଦନଶୀଳ ଆଦିବାସୀ ଐତିହ୍ୟରେ ଆଶୀର୍ବାଦପ୍ରାପ୍ତ। ଏହା ବିର୍ସା ମୁଣ୍ଡାଙ୍କ ଜନ୍ମସ୍ଥାନ ଯାହାଙ୍କ ଅଦମ୍ୟ ସଂଗ୍ରାମ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆକାର ଦେଇଥିଲା। ଏହାର ସମୃଦ୍ଧ ପରମ୍ପରା, ଛଉ ଏବଂ ପାଇକ ପରି ଆଦିବାସୀ ନୃତ୍ୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କ ପ୍ରକୃତି କୋଳରେ ଜୀବନ ଜୀଇଁବାର ଏବଂ ସାଂସ୍କୃତିକ ଗର୍ବର ଏକ ମଡେଲ କରିଛି ବୋଲି କହିଥିଲେ। ଏହି ଅବସରରେ ରାଜ୍ୟପାଳ ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡର ସମସ୍ତ ଲୋକଙ୍କୁ ଯେଉଁମାନେ ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଇ ଥିଲେ ଓ ସେମାନେ ସମାଜରେ ସୁନ୍ଦର ଭାବର ମିଶି ସ୍ଥାନୀୟ ପରମ୍ପରା ଏବଂ ମୂଲ୍ୟବୋଧକୁ ଗ୍ରହଣ କରିବା ସହିତ ସେମାନଙ୍କର ପରମ୍ପରା ଏବଂ ମୂଲ୍ୟବୋଧକୁ ବାଣ୍ଟି ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ଭାବନାକୁ ପ୍ରତିପାଦନ କରିଛନ୍ତ ବୋଲି କହିଥିଲେ। ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଏହି ସମାରୋହରେ ଉପସ୍ଥିତ ଥିଲେ। ଏହି ଅବସରରେ ଉତ୍ତରାଖଣ୍ଡର ମାନ୍ୟବର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ରିଟାୟର୍ଡ) ଗୁରମିତ୍ ସିଂହଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଏତଦବ୍ୟତୀତ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରେରଣାଦାୟୀ ଜୀବନୀ ସମ୍ପର୍କିତ କ୍ଷୁଦ୍ର ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା। ଉତ୍ତରାଖଣ୍ଡର ମୂଳ ବାସିନ୍ଦା ତଥା ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ସମେତ ଉଭୟ ରାଜ୍ୟର ମୂଳ ବାସିନ୍ଦା ଓଡ଼ିଶାକୁ କର୍ମକ୍ଷେତ୍ର କରିଥିବା ବ୍ୟକ୍ତିବିଶେଷ ନିଜ ନିଜ ରାଜ୍ୟର ବୈଶିଷ୍ଟ୍ୟ ଏବଂ ଓଡ଼ିଶା ସହ ସମ୍ପର୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ନଭେମ୍ବର ୧୦ ତାରିଖରେ ଦିଲ୍ଲୀରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରାଯାଇ ଦିବଙ୍ଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡର ରାଜ୍ୟର ଲୋକନୃତ୍ୟ ପରିବେଷିତ ହୋଇଥିବାବେଳେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଓ ଅନୁସୂଚିତ ଜନଜାତି ଓ ଅନୁସ୍ଥିତ ଜାତି ଉନ୍ନୟନ ବିଭାଗ ତରଫରୁ ଓଡ଼ିଶାର ଲୋକନୃତ୍ୟ ପରିବେଷିତ ହୋଇଥିଲା।

### ଶେଷ ହେଲା ବାଲିଯାତ୍ରା-୨୦୨୫

# ବାଲିଯାତ୍ରାରେ ମୃତ୍ୟୁ ଘଟିଥିବା ୫ଜଣଙ୍କୁ ଏଯାଏଁ ମିଳିନି ସହାୟତା

କଟକ,(ସବ୍ୟୁ): ଐତିହାସିକ ବାଲିଯାତ୍ରା-୨୦୨୫ ଗତ ୧୩ ତାରିଖରେ ଶେଷ ହୋଇଛି । ଜିଲ୍ଲା ପ୍ରଶାସନ ଓ କମିଶନରେଟ୍ ପୁଲିସର ତ୍ରୁଟିପୂର୍ଣ୍ଣ ପରିଚାଳନା ନିମେନ୍ତ ଏଥର ବାଲିଯାତ୍ରାରେ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗିଛନ୍ତି । ଅଧାରୁ ଫେରି ଯାଇଛନ୍ତି ବ୍ୟବସାୟୀ । ଉଠା ଦୋକାନୀଙ୍କୁ ମାଡ଼ ମାରି ପଡ଼ିଆରୁ ବାହାର କରାଯାଇଛି । ଏକାଧିକ ଅବ୍ୟବସ୍ଥା ଭିତରେ ୯ମ ଦିନ ସନ୍ଧ୍ୟାରେ ପୁଣି ଏକ ଅଘଟଣ ଘଟିଥିଲା । ବଲିଉଡ୍ ସିଙ୍ଗର୍ ଶ୍ରେୟା ଘୋଷାଲ୍‌ଙ୍କ କାର୍ଯ୍ୟକ୍ରମରେ ୨ଜଣ ଦର୍ଶକ ଦଳାଚକଟାରେ ବେହୋସ ହୋଇଯାଇଥିଲେ । ପୁଲିସ ଲାଠିଚାର୍ଜ କରିଥିଲା । ଉପର ପଡ଼ିଆକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶେଷ ପର୍ଯ୍ୟାୟରେ ପ୍ରଶାସନ ନିଜ ଜିଦିରେ ଅଟଳ ରହି କିଲ୍ଲାପଡ଼ିଆକୁ ଗାଡ଼ି ଷ୍ଟାଣ୍ଡରେ ରୂପାନ୍ତର କରିଥିଲା । ଏଭଳି ମନମୁଖି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଥିବା ବେଳେ ଆଉ ଏକ ପ୍ରଶାସନିକ ଅବହେଳା ସାମ୍ନାକୁ ଆସିଛି । ଗତବର୍ଷ ଅର୍ଥାତ ବାଲିଯାତ୍ରା-୨୦୨୪ରେ ଯାତ୍ରା ପଡ଼ିଆରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କୁ ଖୁବ୍‌ଶୀଘ୍ର ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା । ଏକ ବର୍ଷ ଅର୍ଥାତ ଚଳିତ ବର୍ଷ ବାଲିଯାତ୍ରା ଶେଷ ହୋଇଥିବା ବେଳେ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରି ନାହାଁନ୍ତି । ସେହିପରି ପ୍ରମୋଦ ନାଥ ନାମକ ଜଣେ ଯୁବକ ତାଙ୍କର ୪ ଜଣ ସାଙ୍ଗଙ୍କ ସହ ବାଲିଯାତ୍ରା ପଡିଆରେ ପହଞ୍ଚିଥିଲେ । ବୁଲାବୁଲି ଭିତରେ ଖାଇବା ସହ ଦୋଳି ଖେଳିବା ବି ହୋଇଥିଲା । ପରେ ସାଙ୍ଗମାନେ ଏକାଠି ହୋଇ ବୋଇତ ଗେଟ୍ ସମ୍ମୁଖରେ ସେଲ୍‌ଫି ନେଉଥିଲେ । ଏତିକିବେଳେ ପ୍ରମୋଦ ହଠାତ ଅସୁସ୍ଥ ହୋଇ ତଳେ ଗଳିପଡିଲେ । ସାଙ୍ଗମାନେ ତାଙ୍କ ମୁହଁରେ ପାଣି ଆଣି ଛିଞ୍ଚିଥିଲେ ବି ସେ ଉଠିନଥିଲେ । ଏହା ଦେଖି ନିକଟସ୍ଥ ଏଡପୋଷ୍ଟରୁ ପୁଲିସ କର୍ମଚାରୀ ଓ ପ୍ରଶାସନିକ କର୍ମଚାରୀ ଦୌଡି ଆସି ତାଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରଶାସନ ମୃତ ପ୍ରମୋଦଙ୍କୁ ସହାୟତା ରାଶି ଦେବ ବୋଲି ବାଲିଯାତ୍ରାରେ ଘୋଷଣା କରିଥିଲା । ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ । ପୁରୀ ଗୋପ ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗାଁର ୭୬ ବର୍ଷୀୟ ଘନଶ୍ୟାମ ବାରିକ ଓରମାସର ଷ୍ଟଲ ନମ୍ବର ୨୦୬ରେ କାମ କରୁଥିଲେ । ରାତି ପ୍ରାୟ ସାଢେ ୧୦ଟା ବେଳେ ସେ କାମ କରୁଥିଲା ବେଳେ ହଠାତ ତଳେ ପଡି ଯାଇଥିଲେ । ତାଙ୍କୁ ତୁରନ୍ତ ଥାନା ଗାଡିରେ ଏସସିବି ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କୁ ମଧ୍ୟ ପ୍ରଶାସନିକ ସହାୟତା ରାଶି ଦିଆଯାଇ ନାହିଁ । ଅନ୍ୟପଟେ ବାଲିଯାତ୍ରା ବୋଇତ ଗେଟ ନିକଟ ଗିବନ୍ଧ କଡରୁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା । ପାଖରେ ଏକ ଟ୍ରାଇ ସାଇକେଲ ରହିଥିଲା । ତାଙ୍କର ପରିଚୟ ଅସ୍ପଷ୍ଟ ରହିଥିଲା । ପ୍ରଶାସନ ଓ ପୁଲିସ ପରବର୍ତ୍ତି ପର୍ଯ୍ୟାୟରେ ତାଙ୍କ ପରିଚୟ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହାନ୍ତି । ଗତବର୍ଷ ବାଲିଯାତ୍ରାରେ ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ତଳ ପଡିଆରେ ଯଜ୍ଞାନୁଷ୍ଠାନ ଓ ମହାନଦୀ ମହାଆଳତି ସାରିବା ପରେ କିଛି ଆନୁଗତ୍ୟଙ୍କ ସହ ଓରମାସ ଷ୍ଟଲ ବୁଲିବାକୁ ଯାଇଥିଲେ । ସେଠାରେ କିଛି ଖାଦ୍ୟ ଓ ମାଟି ନିର୍ମିତ ସାମଗ୍ରୀ କିଣାକିଣି କରି ଶିଷ୍ୟଙ୍କ ମଧ୍ୟରେ ବଣ୍ଟନ କରିଥିଲେ । ଏହାପରେ ଶିଶୁ ସୁରକ୍ଷା ଷ୍ଟଲରେ ବାଲି ବିବାହ ବନ୍ଦ ସହ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସଚେତନ କରିଥିଲେ । ପରେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ମର୍କତନଗର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଏପରି ଭାବେ ବାଲିଯାତ୍ରା-୨୦୨୪ରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ପ୍ରଶାସନ ବାଲିଯାତ୍ରାରୁ ଲକ୍ଷାଧିକ ଟଙ୍କା ଲାଭ କରୁଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିବା କୌଣସି ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରୁନାହିଁ । କେବଳ ଘୋଷଣାରେ ସୀମିତ ରହୁଛି ପ୍ରଶାସନିକ ସହାୟତା । ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତକଙ୍କୁ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

### ପିଣ୍ଡି ଉପରେ କ୍ୟାବିନ୍, ଶୌଚାଳୟରେ ପରିବା ଓଜନକଣ୍ଟା

# ତାଳଦଣ୍ଡା କେନାଲ କଡ଼ରେ ବ୍ୟବସାୟୀ ଓ ଚାଷୀ

କଟକ, (ସ୍ୱପ୍ର): ଦୀର୍ଘ ୨ବର୍ଷ ବିତିଯାଇଥିଲେ ସୁଦ୍ଧା କଟକ ଅର୍ବାନହାଟ ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି । ପିଣ୍ଡି ଟେଣ୍ଡରକୁ ନେଇ ବିବାଦ ଯୋଗୁଁ ସ୍ଥାନୀୟ ବଜାରର କର୍ମକର୍ତ୍ତା ଅସନ୍ତୁଷ୍ଟ ଥିବାବେଳେ ଦୀର୍ଘ ଦିନ ହେବ ପିଣ୍ଡିରୁୟୁଜର୍ସ ଫି ଆଦାୟ ବନ୍ଦ ଥିଲା । ଟେଣ୍ଡର ହେବା ପର୍ଯ୍ୟନ୍ତ କଟକ ମହାନଗର ନିଗମ ପିଣ୍ଡିରୁ ୨୦ଟଙ୍କା ଲେଖାଏଁୟୁଜର୍ସ ଫି ଆଦାୟ କରୁଥିବାବେଳେ ହାଟରେ ଅବ୍ୟବସ୍ଥା ସମ୍ପର୍କରେ ନୀରବ ରହୁଥିବା ଦେଖିବାକୁ ମିଳିଛି । ହାଟ ଭିତରେ ପ୍ରଭାବଶାଳୀ ବ୍ୟକ୍ତି ପିଣ୍ଡିକୁ ଭଡାସୁତ୍ର ଦେଇଥିବା ବେଳେ ବର୍ତ୍ତମାନ ପିଣ୍ଡି ଉପରେ କ୍ୟାବିନ୍ ପକାଇ ବ୍ୟବସାୟ କରୁଛନ୍ତି । ଏହି କ୍ୟାବିନରେ ଖାଦ୍ୟସାମଗ୍ରୀ ପ୍ରସ୍ତୁତି ସହ ବିକ୍ରି ହେଉଥିବା ବେଳେ ଶୌଚାଳୟରେ ପରିବା, ଓଜନକଣ୍ଟା ରହୁଥିବା ଯୋଗୁଁ ଲୋକମାନେ ବାହାରେ ପରିସ୍ରା, ମଳତ୍ୟାଗ କରୁଛନ୍ତି । ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହେବାଯୋଗୁଁ ଖୋଲାମେଲାରେ ବିକ୍ରି ହେଉଥିବା ଖାଦ୍ୟ ସଂକ୍ରମଣ ହୋଇ ରୋଗ ବ୍ୟାପିବା ଆଶଙ୍କା ରହିଛି । କଟକ ମହାନଗର ନିଗମ ଖାଦ୍ୟ ସୁରକ୍ଷା ବିଭାଗ ଏଥିପ୍ରତି କଡା କାର୍ଯ୍ୟାନୁଷ୍ଠାନ



ଗ୍ରହଣ କରିବା ପାଇଁ ଦାବି ହେଉଛି । ପିଣ୍ଡିକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ ରଖି ବେଆଇନ ଭାବେ ଭଡାସୁତ୍ର ଦେବା ସହ ବେଆଇନ ଭାବେ ବ୍ୟବହାର କରୁଥିବା ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ଚାଷୀ, ନୀରିହ ବ୍ୟବସାୟୀ ଗୁଜୁରାଣ ମେଣ୍ଟାଇବା ପାଇଁ ପନିପରିବା ଧରି ତାଳଦଣ୍ଡା କେନାଲ କଡରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି । ଏହି ବ୍ୟବସାୟୀମାନେ ବେପାର କରିବା ବେଳେ ଟ୍ରାଫିକ ସମସ୍ୟା ଓ ଆମ୍ବୁଲାନ୍ସ, ହାଇକୋର୍ଟ ଗାଡି ଯିବା ଆସିବା ସମୟରେ ବହୁ ଅସୁବିଧା ସୃଷ୍ଟି ହେଉଛି । ଫଳରେ ସ୍ଥାନୀୟ ପୁଲିସ ଏହି ବ୍ୟବସାୟୀମାନଙ୍କୁ ରାସ୍ତାରୁ ଉଠାଉଥିବା ଯୋଗୁଁ ବ୍ୟବସାୟୀ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଅର୍ବାନହାଟର ସମସ୍ୟା ସ୍ଥାୟୀ ସମାଧାନ ସହ ପରିମଳ ବ୍ୟବସ୍ଥା ସୁଧାର ଆଣିବା ପାଇଁ ସିଏମସି କମିଶନର, ମେୟର ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପ୍ରକାର ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଚାଷୀ, ବ୍ୟବସାୟୀଙ୍କ ନିମନ୍ତେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପିଢି ପରେ ପିଢି ଲୋକଙ୍କୁ ନ୍ୟାୟ, ସମାନତା ଓ ଅଧିକାର ପାଇଁ ଲଢିବା ପ୍ରେରଣା ଦେଇଆସୁଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରେରଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀ ମାନଙ୍କ ଉତ୍ଥାନ ତଥା କଲ୍ୟାଣ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି । ଶନିବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ବିଜୁ ଜନତା ଦଳର ମିଡିଆ ସଂଯୋଜକ ଏବଂ ପ୍ରବକ୍ତା ଡ଼ ଲେନିନ୍ ମହାନ୍ତି ଓ ଡ଼ ପ୍ରିୟବ୍ରତ ମହାନ୍ତି ଭାରତର ବୀର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀଙ୍କ ଗର୍ବ ଭଗବାନ ବିର୍ସା ମୁଣ୍ଡାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଏହା କହିଛନ୍ତି ।

ଡ଼ ମହାନ୍ତି କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଜନଜାତି ସଶକ୍ତିକରଣ ଓ ସମାବେଶୀ ଶାସନର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ଶ୍ରୀ ପଟ୍ଟନାୟକ କେବଳ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ନୁହନ୍ତି ବରଂ ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶ ପରମ୍ପରାକୁ ଜୀବନ୍ତ କରି ରଖିବାରେ ପଶ୍ଚାଦପଦ ଦେଇ ନାହାନ୍ତି । ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ପଟ୍ଟନାୟକ ତାଙ୍କ ୨୪ ବର୍ଷର ଶାସନକାଳରେ ଓଡ଼ିଶାକୁ ସମାବେଶୀ ବିକାଶର ଏକ ମଡେଲ ରାଜ୍ୟରେ ପରିଣତ କରିଥିଲେ । ବିଶେଷକରି ଆଦିବାସୀ ସଶକ୍ତିକରଣ ଦିଗରେ ବିଜେଡି ସରକାର ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ଆଦିବାସୀଙ୍କ କଲ୍ୟାଣ ବିନା ଓଡ଼ିଶାର ସମୃଦ୍ଧି ସମ୍ଭବ ନୁହେଁ ନୀତିରେ ବିଶ୍ୱାସ ରଖୁଥିବା ଶ୍ରୀ ପଟ୍ଟନାୟକ ମର୍ମେ ମର୍ମେ ଅନୁଭବ କରିଥିଲେ । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜେଡି ସରକାରଙ୍କ ପ୍ରତିବଦ୍ଧତା ହେତୁ ଆଦିବାସୀମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ସଂସ୍କୃତି ଓ ପରିଚୟ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ନୂଆ ସୂର୍ଯ୍ୟୋଦୟ ଦେଖିଛି । ଓଡ଼ିଶାରେ ଜନଜାତି ଐତିହ୍ୟର ସୁରକ୍ଷା ସୁନିଶ୍ଚିତ କରି ତାହାର ସାଂସ୍କୃତିକ ଗରିମାକୁ ଅକ୍ଷୁର୍ଣ୍ଣ ରଖିବା ସହ ଆର୍ଥିକ ଓ ସାମାଜିକ ସଶକ୍ତିକରଣରେ ନୂଆ ଯୁଗର ଅୟମାରମ୍ଭ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜନଜାତିୟ ନେତୃତ୍ୱଙ୍କ ସମ୍ମାନରେ ବାରିପଦା ମେଡିକାଲ କଲେଜକୁ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରିଥିବା ବେଳେ କୋରାପୁଟରେ ସହିଦ ଲକ୍ଷ୍ମଣ ନାୟକ ଓ ଭବାନୀପାଟଣାରେ ସ୍ୱାଧୀନତା ସେନାନୀ ରେଣ୍ଡୋ ମାଝୀଙ୍କ ନାମରେ ନାମିତ କରିଛନ୍ତି ।

### ସମ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷଣ କ୍ଷେତ୍ରରେ

# ଏଆଇ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍ ସମ୍ପର୍କିତ ସମ୍ମିଳନୀ ପୂର୍ବ-କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ସ୍ୱାସ୍ଥ୍ୟ ସେବା ଏବଂ ପରୀକ୍ଷଣ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍‌ର ବ୍ୟବହାର ସମ୍ପର୍କରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲରେ ଏକ ସମ୍ମିଳନୀ ପୂର୍ବ-କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି। କନ୍‌ସୋରଟିୟମ୍ ଅଫ ଆକ୍ରେଡିଟେଡ୍ ହେଲ୍‌ଥ କେୟାର ଅର୍ଗାନାଇଜେସନ୍ (କାହୋ) ଏବଂ ସମ ହସ୍ପିଟାଲ୍‌ର ମିଳିତ ସହଯୋଗରେ ଏହି ସମ୍ମିଳନୀ ପୂର୍ବ-କର୍ମଶାଳାର ଆୟୋଜନ କରାଯାଇଥିବା ବେଳେ କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କାହୋର ଅଧ୍ୟକ୍ଷା ଡାକ୍ତର ଅପର୍ଣ୍ଣା ଜୟରାମ ଯୋଗ ଦେଇ ଏଆଇ ଏବଂ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍ ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ବୋଲି କହିଥିଲେ। ବିଭାଗର ମୁଖ୍ୟ ଡାକ୍ତର କୁନ୍ଦନ ଶାହା ଯୋଗ ଦେଇ



କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ସମ୍ ସେଣ୍ଟ୍ରାଲ ଲ୍ୟାବର ନିର୍ଦ୍ଦେଶିକା ପ୍ରଫେସର ରାଜଶ୍ରୀ ପାଣିଗ୍ରାହୀ, ଯୁଗ୍ମ ନିର୍ଦ୍ଦେଶିକା ପ୍ରଫେସର ବ୍ରତତୀ ସିଂ ଏବଂ ମାଇକ୍ରୋବାୟୋଲଜି ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଓ ଟେକ୍ନୋଲଜିକାଲ୍ ଆଡଭାନ୍‌ସେସ୍‌ର ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ହସ୍ପିଟାଲ୍‌ର କ୍ୱାଲିଟି ବିଭାଗର ମୁଖ୍ୟ ପ୍ରଫେସର ଅରୋଲିପି ଦାସ ପରିଚାଳନା କରିଥିଲେ।

# ମୟୂରଭଞ୍ଜରେ ପାଳିତ ହେଲା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ

## ଜିଲ୍ଲାସ୍ତରୀୟ ଜନଜାତିୟ ଗୌରବ ଦିବସ-୨୦୨୫

ବାରିପଦା, (ସବ୍ୟୁ) : ମହାନାୟକ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶରେ ଜନଜାତିୟ ଗୌରବ ଦିବସ-୨୦୨୫ ପାଳିତ ହୋଇଯାଇଛି ଏବଂ ଏହି ସ୍ୱତନ୍ତ୍ର ଦିବସ ପାଳନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟରୁ ଏହି ଦିବସ ପାଳନ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ ଜିଲ୍ଲାପ୍ରଶାସନର ମିଳିତ ଅନୁକୁଲ୍ୟରେ ବାରିପଦା ଛଉପଡିଆ ଠାରେ ଜିଲ୍ଲାସ୍ତରୀୟ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ, ଓଡ଼ିଶା ସରକାର ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସମାରୋହର ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାଂସଦ ମମତା ମହାନ୍ତ, ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ପ୍ରମୁଖ




ଯୋଗ ଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥି ବୃନ୍ଦ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନିଜ ଅଭିଭାଷଣରେ ମନ୍ତ୍ରୀ ଡାଃ ମହାପାତ୍ର କହିଥିଲେ ଯେ, ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଭାରତର ଆଦିବାସୀ ସମ୍ପ୍ରଦାୟର ମହାନ ବିପ୍ଳବୀମାନଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଆଦିବାସୀମାନଙ୍କ ସଂଘର୍ଷ ସୂଚାଏ ଯେ, ଏ ମାଟିର ଏପରି ଏକ ସ୍ୱତନ୍ତ୍ର ପରମ୍ପରା ରହିଛି, ଯେଉଁଠାରେ କୌଣସି ସମାଜ ବା ସମ୍ପ୍ରଦାୟ ମୁଖ୍ୟସ୍ରୋତ ଠାରୁ ପୃଥକ୍ ନୁହନ୍ତି । ଅଧୁନା ଅନୁସୂଚିତ ଜନଜାତି ବର୍ଗ ଅନ୍ତର୍ଭୁକ୍ତ ବନବାସୀଗଣ ସର୍ବଦା ଭାରତୀୟ ସମୂହର ଅଂଶ ହୋଇ ରହିଆସିଛନ୍ତି । "ଦିନ ଥିଲା, ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ବିପ୍ଳବୀଗଣ ଆମ ଇତିହାସର ଅନାଲୋଚିତ ନାୟକ ଭାବେ ପରିଗଣିତ ହେଉଥିଲେ । କିନ୍ତୁ ସାମ୍ପ୍ରତିକ ସମୟରେ ସେମାନଙ୍କ ପରାକ୍ରମ ଓ ବଳିଦାନ ଅଧିକରୁ ଅଧିକ ପ୍ରଶଂସିତ ହେଉଛି । ଆଦିବାସୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରିବା ପାଇଁ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫କୁ ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଆଦିବାସୀ ସଂଗ୍ରାମୀ ମାନଙ୍କ ଅମର ଇତିହାସ ପୂର୍ବାପେକ୍ଷା ବୃଦ୍ଧି ପାଇଛି । ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ ପ୍ରତି ସମ୍ମାନ ପ୍ରଦର୍ଶନ ଦ୍ୱାରା ସ୍ୱଳ୍ପାଲୋଚିତ ଆଦିବାସୀ ଇତିହାସ ଭାରତ ଇତିହାସର କେନ୍ଦ୍ରବିନ୍ଦୁ ପାଲଟିଛି । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ମଧ୍ୟ ବିର୍ସା ମୁଣ୍ଡାଙ୍କ ଆଦର୍ଶ ଓ ନିର୍ଭିକତା ବିଷୟରେ ଉଲ୍ଲେଖ କରି କହିଥିଲେ । ଏହି ଅବସରରେ ଅତିଥି ବୃନ୍ଦ ଜଙ୍ଗଲ ଜମି ଅଧିକାର ଆଇନ ଅଧୀନରେ ୧୫ଜଣ ଭୂମି ହୀନ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ମଙ୍ଗଳ ବିଭାଗ ଓ ଆଇଟିଡିଏ ବିଭାଗର ଅଧିକାରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଆକାଶବାଣୀ ଉଦଘୋଷୀକା ସସ୍ମିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୀତବାସ ହତ୍ୟା ମାମଲା, ଜେଲ୍‌ରେ ୮ ଅଭିଯୁକ୍ତଙ୍କ ହେଲା ଟିଆଇ ପରେଡ୍

ବ୍ରହ୍ମପୁର, (ସବ୍ୟୁ): ପୀତବାସ ପଣ୍ଡା ହତ୍ୟା ମାମଲାର ତଦନ୍ତ କରୁଥିବା ବ୍ରହ୍ମପୁର ପୋଲିସ ପକ୍ଷରୁ ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୮ ଜଣ ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଯାଇଛି । ମାଜିଷ୍ଟ୍ରେଟ, ପୋଲିସ ସହ ୨ ଜଣ ପ୍ରତ୍ୟେକ୍ଷଦର୍ଶୀ ଜେଲ ଭିତରକୁ ଯାଇ ଏହି ୮ ଜଣ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ । ଟିଆଇ ପରେଡରେ ସାମିଲ ହୋଇଥିବା ଅଭିଯୁକ୍ତମାନେ ହେଲେ ସାର୍ପସୁଟର କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ, ବିହାର ରାଜ୍ୟର ଶିଶୁପାଳ ପାସୱାନ ଓ କୁନ୍ଦନ କୁମାର, ଷଡଯନ୍ତ୍ରକାରୀଙ୍କ ମୁଖ୍ୟ ସହଯୋଗୀ ଉମା ବିଷୋୟୀ, ଯୋଗୀ ରାଉତ, ସୀମାଞ୍ଚଳ ନାୟକ ଏବଂ ବିପିନ ସ୍ୱାଇଁ । ଶନିବାର ଅପରାହ୍ନରେ ମାଜିଷ୍ଟ୍ରେଟ ଭାବେ ଜେଏମଏଫସି ଓ ମାମଲାର ତଦନ୍ତ ଅଧିକାରୀ ଟାଉନ ଏସଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ସହ ଅନ୍ୟ ପୋଲିସ ଅଧିକାରୀ ଏହି ହତ୍ୟା ମାମଲାର ୨ ଜଣ ପ୍ରତ୍ୟେକ୍ଷ ଦର୍ଶୀଙ୍କୁ ଧରି ଜେଲ ଭିତରେ ପହଞ୍ଚିଥିଲେ । ପୂର୍ବରୁ ଜେଲ କର୍ତ୍ତୃପକ୍ଷ ଉପରୋକ୍ତ ୮ ଜଣ ଅଭିଯୁକ୍ତଙ୍କୁ ଆଣି ଧାଡିରେ ଛିଡା କରାଇଥିଲେ । ପ୍ରତ୍ୟେକ୍ଷ ଦର୍ଶୀମାନେ ଅଭିଯୁକ୍ତଙ୍କୁ ଦେଖି ଅଧିକାରୀଙ୍କ ସମ୍ମୁଖରେ ନିଜ ମତ ରଖିଥିଲେ । ଏହି ହତ୍ୟା ମାମଲାରେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରି ମଣ୍ଡଳ କାରାଗାରକୁ ପଠାଇଥିଲା । ସୁରକ୍ଷା ଦୃଷ୍ଟିରୁ ଉକ୍ତ ଜେଲରେ ଥିବା ପୂର୍ବତନ ମେୟର ଶିଶବଙ୍କର ଦାଶ ଓରଫ ପିଣ୍ଟୁଙ୍କୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ବ୍ରହ୍ମପୁର କାରାଗାରରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, କର୍ପୋରେଟର ମଳୟ ବିଷୋୟୀ, ବିଜେଡି ନେତା ମଦନ ଦଳେଇ ସମେତ ମୋଟ ୧୫ ଜଣ ରହୁଛନ୍ତି ।

# ମଇଁଷି ଚୋରାଚାଲାଣ ବେଳେ ଧରିଲେ ଗୋସେବକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଜାତୀୟ ରାଜପଥ ଦେଇ ବେଧଡକ ଭାବେ ଚଲାଣ ହେଉଛି ଗାଈ ମଇଁଷି । ଗତକାଲି କୌଣସି ପ୍ରକାରେ ଛତ୍ରପୁରର ଗୋସେବକ ମାନେ ଖବର ପାଇଁ ଛତ୍ରପୁର ଉଜଳେଶ୍ୱରୀ ମନ୍ଦିର ଜାତୀୟ ରାଜପଥ ଦେଇ ଯାଉଥିବା ଏକ ଆନ୍ଧ୍ର ନମ୍ବର ପିକଅପ ଭ୍ୟାନକୁ ଅଟକାଇଥିଲେ । ସେହି ଗାଡିରେ ୮ଟି ମଇଁଷି ରହିଥିବା ଦେଖିବା ସହ ଛତ୍ରପୁର ପୁଲିସକୁ ଜିମା ଦେଇଥିଲେ । ଏପରିକି ୪ଟି ଗାଡିରେ ଚୋରା ଚାଲାଣ ହେଉଥିବା ବେଳେ ସେମାନେ କେବଳ ଗୋଟିଏ ଗାଡିକୁ ଅଟକାଇ ପାରିଥିଲେ ବୋଲି ଗୋସେବକ ମାନେ କହିଥିଲେ । ଏପରିକି କିଛି ଗାଡି ଅଟକାଇ ବାକୁ ଚେଷ୍ଟା କରିଥିଲେ ବି ସେମାନଙ୍କ ଉପରକୁ ଚାଲି ଆସିଥିବାରୁ ଭୟରେ ଦୁରେଇ ଯିବାରୁ ୩ଟି ଗାଡି ଫେରରା ହୋଇଯାଇଥିବା କହିଥିଲେ । ଫେରରା ତିନୋଟି ଗାଡିରେ ଗାଁ ମଧ ଯାଇଥିବା କହିଥିଲେ । ଏହି ମଇଁଷି ସବୁ ଗଞ୍ଜାମ ବ୍ଲକ ସିଦ୍ଧାର୍ଥ ନଗରରୁ ଆସୁଥିବା ଗାଡି ଚାଳକ ଜଣକ ଗୋସେବକ ମାନଙ୍କୁ କହିଥିବାବେଳେ ତାହା ବ୍ରହ୍ମପୁର ପରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହୋଇଥାନ୍ତା । ଏନେଇ ଛତ୍ରପୁର ଥାନାରେ ଗାଡିକୁ ଜବତ କରିବା ସହ ଚାରି ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ଉଦ୍ଧାର କରାଯାଇଥିବା ମଇଁଷି ଗୁଡିକୁ ଗୋଶାଳାରେ ଛଡା ଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି ।

# ଏମକେସିଜିରେ ସୁରକ୍ଷାକର୍ମୀଙ୍କ ଦାଦାଗିରି

## ରୋଗୀ ସମ୍ପର୍କୀୟଙ୍କୁ ଆକ୍ରମଣ, ଥାନାରେ ମାମଲା

ବ୍ରହ୍ମପୁର, (ସବ୍ୟୁ) : ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର । ପ୍ରତିବାଦ କରିବାରୁ ସୁରକ୍ଷାକର୍ମୀ( ସିକ୍ୟୁରିଟି) ଲଗାଇ ପିଟିଲେ ଡାକ୍ତର । ହୋହାଲ୍ଲା ହେବାରୁ ଡାକ୍ତର ବି ଆସି ପିଟିଲେ । ଏଭଳି ଅଭାବନୀୟ ଘଟଣା ଆଜି ଏମକେସିଜିରେ ଘଟିଥିବା ଅଭିଯୋଗ ହୋଇଛି । ସୁରକ୍ଷାକର୍ମୀଙ୍କ ଦାଦାଗିରି ଦେଖିବାକୁ ମିଳିଛି । ଆକ୍ରମଣର ଶିକାର ହେବା ପରେ ମହିଳା ଜଣକ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି । ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ଗଜପତି ନଗର ଗ୍ରାମର ପୁଷ୍ପଲତା ଦାସ ତାଙ୍କ ଭିନ୍ନକ୍ଷମ ପୁଅ (୧୧ବର୍ଷ) ଅସୁସ୍ଥ ଥିବାରୁ ଛତ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ଡାକ୍ତରଙ୍କ ପରାମର୍ଶ ପ୍ରକାରେ ତାଙ୍କୁ ଗତ ୧୧ ତାରିଖରେ ଏମ୍କେସିଜି ସ୍ଥାନାନ୍ତର କରାଯାଇଥିଲା । ସେ ସଂପୂର୍ଣ୍ଣ ମାନସିକ ଭିନ୍ନକ୍ଷମ ଥିବାବେଳେ ଶିଶୁ ରୋଗ ଚିକିତ୍ସା ବିଭାଗରେ ଭର୍ତ୍ତି କରାଯାଇଥିଲା । ତା'ହାତରେ ସାଲାଇନ୍ ଦେବାକୁ ଭ୍ୟାନ୍ ପ୍ରୋ ଲାଗିଥିଲା । ଆଜି ଅପରାହ୍ନ ୩ଟାରେ ସେ ଭ୍ୟାନ୍ ପ୍ରୋ ହାତରୁ ବାହାର କରିଦେଇଥିଲା । ପୁଷ୍ପଲତା ସେଠାରେ ଥିବା ନର୍ସିଂ ଅଫିସରଙ୍କୁ ଜଣାଇଥିଲେ । ନର୍ସିଂ ଅଫିସର ପ୍ରଥମେ ତାଙ୍କୁ ଦୁବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ । ସେଠାରେ ଡ୍ୟୁଟିରେ ଥିବା ଜଣେ ଡାକ୍ତର ସହାନୁଭୁତି ଦେଖାଇବା ସହ ଭ୍ୟାନ୍ ପ୍ରୋ ଲଗାଇଦେବାକୁ ନର୍ସିଂ ଅଫିସରଙ୍କୁ କହିଥିଲେ । କିଛି ସମୟ ଭିତରେ ଆଉ ଜଣେ ଡାକ୍ତର ସେଠାକୁ ଆସି ପୁଷ୍ପଲତାଙ୍କୁ ଗାଳିଗୁଲଜ କରି ମାରିବାକୁ ହାତ ଉଠାଇଥିଲେ । ଦୁର୍ବ୍ୟବହାରର ପ୍ରତିବାଦ କରି ସେ ଓ ତାଙ୍କ ସାନ ଭଉଣୀ ପାଟି କରିଥିଲେ । ଡାକ୍ତର ସେଠାରେ ଥିବା ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଡାକି ଦୁଇଭଉଣୀଙ୍କୁ ସେଠାରୁ ବାହାର କରିବା ସହ ପିଟିବାକୁ କହିଥିଲେ । ସିକ୍ୟୁରିଟି ଗାର୍ଡ ତାଙ୍କୁ ଆକ୍ରମଣ କରିବାରୁ ଚୁଡି ଭାଙ୍ଗି ଯିବା ସହ ହାତରେ ପଶି ଯାଇଥିଲା । ସେ ରକ୍ତାକ୍ତ ହୋଇ ବୈଦ୍ୟନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ । ସାନ ଭଉଣୀକୁ ବିଷ ଇଞ୍ଜେକସନ୍ ଦେଇ ମାରି ଦେବାକୁ ସେଠାରେ ଥିବା ଜଣେ ଡାକ୍ତର ଧମକ ଦେଲେ ବୋଲି ସେ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସେଠାରେ ଥିବା ରୋଗୀ ଓ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଛି । ଜଣେ ରୋଗୀ ପ୍ରାଣ ବିକଳରେ ଡାକ୍ତରଖାନାକୁ ଆସୁଥିବା ବେଳେ ସେଠାରେ ସମ୍ପର୍କୀୟମାନଙ୍କୁ ଏଭଳି ବ୍ୟବହାର ଗ୍ରହଣୀୟ ନୁହେଁ ବୋଲି ଅଭିଯୋଗକାରୀ କହିଛନ୍ତି । ପୂର୍ବରୁ ମଧ ଶିଶୁ ରୋଗ ବିଭାଗରେ ଜଣେ ଡାକ୍ତର ତାଙ୍କ ସମ୍ପର୍କୀୟଙ୍କୁ ନେଇ ଆସିଥିବା ବେଳେ କିଛି ଡାକ୍ତର ହିଁ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଶିଶୁ ରୋଗ ବିଭାଗରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ହୋଇଛି । ଅଧୀକ୍ଷକ ପ୍ରଫେସର ଦୁର୍ଗାମାଧବ ଶତପଥୀ କହିଛନ୍ତି । ମହିଳା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ରୋଗୀ ସମ୍ପର୍କୀୟ ପାଲଟା ଅଭିଯୋଗ କରିଛନ୍ତି । ସେମାନେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି । ଯଦି କୌଣସି ବିଶୃଙ୍ଖଳା ଆଚରଣ କର୍ମଚାରୀ କରିଥିବେ ତାହେଲେ କାର୍ଯ୍ୟାନୁଷ୍ଠାନ ହେବ ।

## ଓଡି ୨.୦-ଟ୍ରେକିଂ ଅଭିଯାନ ଜରିଆରେ

# ଓଡ଼ିଶାର ଚାରି ଟାଟା ପାୱାର ଡିସକମ୍ ହେଲେ ଏକାଠି

ବ୍ରହ୍ମପୁର, (ସବ୍ୟୁ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ) ତରଫରୁ ଓଡି ୨.୦ - ଟ୍ରେକିଂ ଆରମ୍ଭ ହୋଇଛି । ଏହି ଦୁଃସାହସିକ ଟ୍ରେକିଂ ଅଭିଯାନ ଦୁଇଦିନ ଧରି ଅନୁଷ୍ଠିତ ହେବ । ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ପର୍ବତରେ ଏହା ଆରମ୍ଭ ହୋଇଛି । ଏହା ଆସନ୍ତାକାଲି ଶେଷ ହେବ । ଏଥିରେ ଓଡ଼ିଶାର ବିଦ୍ୟୁତ ବଣ୍ଟନର ଦାୟିତ୍ୱରେ ଥିବା ଚାରୋଟି ଡିସକମ୍ ତଥା ଟିପିଏସ୍ଓଡିଏଲ୍, ଟିପିଏନ୍ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଓ ଟିପିସିଓଡିଏଲ୍‌ର ୪୫ଜଣ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ । ପ୍ରତି ଡିସକମ୍ ୧୦ଜଣ ଅଂଶଗ୍ରହଣକାରୀଙ୍କୁ ମନୋନୀତ କରିଥିବା ବେଳେ ବାକି ୫ଜଣ କ୍ରୀଡ଼ା ଦଳରୁ ମନୋନୀତ ହୋଇଥିଲେ । ଅଭିଯାନର ପ୍ରଥମ ଦିନରେ ୫ କିଲୋମିଟର ଟ୍ରେକିଙ୍ଗ ଟ୍ରେଲ୍ ରହିଥିଲା । ପରେ ଆସନ୍ତାକାଲି ପାଇଁ ରାପେଲିଙ୍ଗ ଏବଂ ରକ୍-କ୍ଲାଇମ୍ବିଙ୍ଗ କାର୍ଯ୍ୟକ୍ରମ ବିଷୟରେ ବୁଝା ଯାଇଥିଲା । ଓଡି ୨.୦ ସହନଶୀଳତା, ଦଳଗତ କାର୍ଯ୍ୟ ପ୍ରଦର୍ଶନ, ପରିସ୍ଥିତି ସମ୍ପର୍କରେ ସଚେତନତା, ଫିଟନେସକୁ ଗୁରୁତ୍ୱ ଦେବା ଏବଂ ଅନ୍ତଃ କମ୍ପାନୀ ମଧ୍ୟରେ ଥିବା ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ । ଏହି ଅବସରରେ କାର୍ଯ୍ୟକ୍ରମକୁ ଓଡ଼ିଶା ଡିସକମର ସିଇଓମାନେ ଯୁଗ୍ମ ଭାବରେ ଉଦଘାଟନ କରିଛନ୍ତି । ଗଜାନନ କାଲେ ଓଡିଶା ବିଦ୍ୟୁତ ବିତରଣ ବ୍ୟାପାର ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଟିପିଏନଓଡିଏଲ, ଅମିତ କୁମାର ଗର୍ଗ, ସିଇଓ - ଟିପିଏସ୍ଓଡିଏଲ୍, ଅରବିନ୍ଦ ସିଂହ, ସିଇଓ - ଟିପିସିଓଡିଏଲ୍ ଏବଂ ପ୍ରବୀଣ ବର୍ମା, ସିଇଓ - ଟିପିଡବ୍ଲୁଓଡିଏଲ୍ ଏଥିରେ ଉପସ୍ଥିତ ଥିଲେ । କର୍ମଚାରୀଙ୍କ ଉନ୍ନତି, ସେମାନଙ୍କର ମଙ୍ଗଳ ଏବଂ ଅନ୍ତଃକମ୍ପାନୀ ମଧ୍ୟରେ ଥିବା ସହଯୋଗକୁ ଆହୁରି ଦୃଢ଼ କରିବା ପାଇଁ ଏବଂ କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଏହି ଅବସରରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, ଓଡି ୨.୦ କେବଳ ଏକ ଦୁଃସାହସିକ ଅଭିଯାନ ନୁହେଁ । ଏହା ଆମର ଓଡିଶା ଡିସକମ୍ ପରିବାର ମଧ୍ୟରେ ଦଳଗତ କାର୍ଯ୍ୟ, ସାହସ ଏବଂ ସହଯୋଗର ଏକ ଉତ୍ସବ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ଟ୍ରେକିଂ ସମ୍ବନ୍ଧରେ ପିୟର୍ ଲର୍ଣ୍ଣିଙ୍ଗ ଅନୁଭବ, ସ୍ଥାନୀୟ ଗାଇଡ୍ମାନଙ୍କ ସହ ଆଲୋଚନା ଏବଂ ଆହ୍ୱାନମୂଳକ ପରିବେଶରେ ନେତୃତ୍ୱ ଉପରେ ଚିନ୍ତାମୂଳକ ଆଲୋଚନାରେ ସାମିଲ ହେଉଛନ୍ତି । ଏହି ଉଦ୍ୟମ ଚାରି ଡିସକମ୍ର ଅଧିକାରୀମାନଙ୍କ ମଧ୍ୟରେ ସାଙ୍ଗଠନିକତା ଏବଂ ସହଯୋଗକୁ ପ୍ରୋତ୍ସାହିତ କରୁଛି, ଉନ୍ନତ ଦଳଗତ କାର୍ଯ୍ୟ ଏବଂ ଅପରେସନାଲ୍ ଉତ୍କର୍ଷତା ପାଇଁ ପଥ ପ୍ରଶସ୍ତ କରୁଛିଏହି ଅବସରରେ ଟିପିଏସ୍ଓଡିଏଲ୍ ସମସ୍ତ ଅଂଶଗ୍ରହଣକାରୀ, ଆୟୋଜକ, ସେଫଟି ଟିମ୍ ଏବଂ ସହାୟକ କର୍ମଚାରୀଙ୍କୁ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କୃତଜ୍ଞତା ଜ୍ଞାପନ କରିଛି ।




## ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ ପାଇଁ

### ରାଷ୍ଟ୍ରୀୟ ଗ୍ରାମ ପ୍ରଧାନ/ସରପଞ୍ଚ ସଙ୍ଗଠନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ : ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୟାରାମ ରାୟ

ବ୍ରହ୍ମପୁର, (ସବ୍ୟୁ): ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ୍ ସ୍ୱପ୍ନକୁ ସଫଳ କରିବା ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରାଯିବା ଏବଂ ସରପଞ୍ଚମାନଙ୍କୁ ଅଧିକ କ୍ଷମତା ପ୍ରଦାନ କରିବା ପାଇଁ ଲୋକସଭାରେ ୭୩ତମ ସାମ୍ବିଧାନିକ ସଂଶୋଧନ ପାରିତ ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମ ପ୍ରଧାନ/ସରପଞ୍ଚ ସଙ୍ଗଠନ ଅଧ୍ୟକ୍ଷ ଦୟାରାମ ରାୟ ପ୍ରକାଶ କରିଛନ୍ତି । ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମ ପ୍ରଧାନ/ସରପଞ୍ଚ ସଂଗଠନ, ଓଡ଼ିଶା ଶାଖାର ସଭାପତି ରବି ରଥଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ୍ ହାଉସ ଠାରେ ଏସମ୍ପର୍କରେ ଆୟୋଜିତ ବୈଠକରେ ସରପଞ୍ଚମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସରକାରୀ ସ୍ତରରେ ରହୁଥିବା ଚାପରୁ ମୁକ୍ତ କରିବା, ସେମାନଙ୍କ କାର୍ଯ୍ୟ ପରିସରକୁ ବ୍ୟାପକ କରିବା, ଗ୍ରାମର ଉନ୍ନତି ଦିଗରେ ଆସୁଥିବା ଅନୁଦାନକୁ ସଠିକ୍ ବିନିଯୋଗ କରିବା ସହିତ ନକ୍ସଲ ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ସଙ୍ଗଠନ ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ସରପଞ୍ଚମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସରକାରୀ ଓ ଅସାମାଜିକ ତ%୦ମାନଙ୍କ ହସ୍ତକ୍ଷେପକୁ ଦୂରୀଭୁତ କରିବା ଦିଗରେ ସଙ୍ଗଠନ ପକ୍ଷରୁ ପଦକ୍ଷେପ ନିଆଯାଇ ଖୁବଶୀଘ୍ର ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ ବୋଲି ଶ୍ରୀ ରାୟ ପ୍ରକାଶ କରିଥିଲେ । ଏହି ବୈଠକରେ କେନ୍ଦ୍ରୀୟ କମିଟି ସଦସ୍ୟା ସବିତା ସାହୁକାର, ଗଜପତି ଜିଲ୍ଲା ସଂଯୋଜକ ଗଣେଶ ବିଷୋୟୀ, ସୁବ୍ରତ ପୂଜାରୀ, ସଂଜୟ ଆଚାରୀ, ନବୀନର ପ୍ରକାଶିକା ମଞ୍ଜୁ ରଥ, ସୁଶାନ୍ତ କର, ଦୀପକ ମହାନ୍ତି, ରଂଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, କେ. ରବି ବାବୁ, ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୂର୍ବାହ୍ନରେ ନବୀନ ଭବନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରରେ ଶିଶୁ ଦିବସ

ବ୍ରହ୍ମପୁର, (ସବ୍ୟୁ): ଶୁକ୍ରବାର ଦିନ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପ୍ରାଙ୍ଗଣରେ ଶିଶୁ ଦିବସ ଯୁକ୍ତ ତିନି ଶ୍ରେଣୀର ଚାରିଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଉତ୍ସାହର ସହ ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ୩୦ ରୁ ଉର୍ଦ୍ଧ୍ୱ ପ୍ରଧ୍ୟାପକ ଏବଂ ପ୍ରଧ୍ୟାପିକା ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସଫଳ ଜୀବନର ମନ୍ତ୍ର, ଭବିଷ୍ୟତ ନିର୍ମାଣ ପାଇଁ ରଣକୌଶଳ ଏବଂ ସୁନ୍ଦର ଜୀବନର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଭାବେ ମାର୍ଗଦର୍ଶନ କରିଥିଲେ । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ନାରାୟଣ ପଣ୍ଡା, ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, ଡିନ୍ ଡ. ବିବେକାନନ୍ଦ ପଣ୍ଡା, ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ. ବି. ରାଜେନ୍ଦ୍ର ମୂର୍ତି ଏବଂ ଉପାଧ୍ୟକ୍ଷ ଡ. ଚିତରଞ୍ଜନ ପଣ୍ଡା ମଞ୍ଚାସୀନ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଶିଶୁ ଦିବସ ପାଳନର ଆବଶ୍ୟକତା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଶେଷରେ ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସମ୍ପର୍କରେ ଉଦ୍‌ବୋଧନ ଦେବା ସହ ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।





# ଝଂଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଯାପିତ, ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

ବାରିପଦା, (ସବ୍ୟୁ) : ଝଂଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ପୂଜା ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ପୁରସ୍କାର ବିତରଣ କରିବା ସହ ବେଶ ପ୍ରସିଦ୍ଧି ଲାଭ କରିଥିବା ଜଗଦ୍ଧାତ୍ରୀ ମେଳାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ସାଂସଦ ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ବିଧାୟକ ଭାଦବ ହାଁସଦାଃ, ପୂର୍ବତନ ବିଧାୟକ କାନ୍ଦରା ସୋରେନ ଓ ସମାଜସେବୀ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଏତେ ବଡ଼ ମେଳାର ଆୟୋଜନ କରୁଥିବା କମିଟିର ପ୍ରଶଂସା କରିଥିଲେ। କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରିତମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ରାଙ୍କନରେ ବୈଶାଳୀ ନାୟକ, କୁଇଜ୍‌ରେ ଏମ ସାଇ ପ୍ରୀତି, ନୃତ୍ୟ ଜୁନିୟରରେ ପ୍ରସାଦ ବାରିକ, ସିନିୟରରେ ଅଙ୍କିତା ସି, ଡୁଏଟ୍‌ରେ ହରିହର ଓ ପ୍ରିୟଦର୍ଶିନୀ ଯୋଡ଼ି ଏବଂ ଗ୍ରୁପରେ ଆଇଡିଏସ କ୍ରିଉ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ମେଳାର ସଫଳତା ପାଇଁ ସହଯୋଗ କରିଥିବା ଝଂଜପୁର ଥାନା ଆଇଆଇସି, ଟ୍ରାଫିକ ଇନ୍ସପେକଟର, ଟିପିଏନଓଡିଏଲ, ବାରିପଦା ମ୍ୟୁନିସିପାଲିଟି, ଅଗ୍ନିଶମ ବିଭାଗ ସମେତ ସିଧାପ୍ରସାରଣ ପାଇଁ ମିଡ଼ିଆ କ୍ରିଏସନ ଫୋଟୋଗ୍ରାଫି, ବ୍ଲୁ-ସ୍କାୟକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳା ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟବ୍ରତ ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଜଗଦିଶ ପାଣି ଓ ମିଡ଼ିଆ ସଂଯୋଜକ ସୋମନାଥ ସିଂହଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ମେଳା ୧୬ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିବା ବେଳେ ୧୭ତାରିଖ ଦିନ ବଲିଉଡ ନାଇଟରେ ପ୍ରଖ୍ୟାତ ଗାୟକ ସାନଙ୍କ କାର୍ଯ୍ୟକ୍ରମ ରହିଛି।



# ରାଜ୍ୟସ୍ତରୀୟ ସୁରଭି ୨୦୨୫ରେ ଶ୍ରେଷ୍ଠ ସାଂସ୍କୃତିକ ଦଳ ଭାବେ ମୟୂରଭଞ୍ଜ ପୁରସ୍କୃତ

ବାରିପଦା, (ସବ୍ୟୁ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଉଚ୍ଚ ବିଦ୍ୟାଳୟ,ୟୁନିଟ-୩ ପରିସରରେ ୧୨ତାରିଖ ଠାରୁ ୧୪ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ୩୧ଟି ବିଭାଗରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଏହି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରିଥିଲେ । ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସବୁଠାରୁ ଆକର୍ଷଣୀୟ ସାଂସ୍କୃତିକ ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ଦଳଗତ ନୃତ୍ୟ ମଧ୍ୟରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇନ୍ଦଖୋଳି, ବହଳଦାର ଛାତ୍ରଛାତ୍ରୀ ଯଥା ସୁସ୍ମିତା ବିହାରୀ, ସ୍ୱାତି ମହାପାତ୍ର, ପ୍ରିୟା ମହାପାତ୍ର, ସନାକ୍ଷୀ କେରାଇ, ନିବାଇ ହାଁସଦାଃ, ଗୋପୀନାଥ ମାରଣ୍ଡୀ ଓ ସାବିତ୍ରୀ ମାଝୀ ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି । ସେହିପରି ଏକାଦଶରୁ ଦ୍ୱାଦଶ ବରିଷ୍ଠ ଉଚ୍ଚ ମାଧ୍ୟମିକ ବର୍ଗର କୁଇଜରେ ସୌରଭ କୁମାର ବେହେରା, ପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡସାହି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସମୟରେ ଚତୁର୍ଥରୁ ସପ୍ତମ କନିଷ୍ଠ ବର୍ଗର ଚିତ୍ରାଙ୍କନରେ ଗୌରୀ ବିହାରୀ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଇନ୍ଦଖୋଳି, ବହଳଦା ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି । ରାଜ୍ୟସ୍ତରୀୟ ସୁରଭିକୁ ଅଧିକ ଚିତ୍ତାକର୍ଷକ ଓ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀ ମାନଙ୍କୁ ଅଂଶଗ୍ରହଣ କରିବା ପାଇଁ ରାଜ୍ୟସ୍ତରରୁ ନିମନ୍ତ୍ରିତ କରାଯାଇଥାଏ । ରାଜ୍ୟସ୍ତରୀୟ ସୁରଭି ୨୦୨୫ରେ ମୟୂରଭଞ୍ଜ ଜିଲ୍ଲାର ୨୬ଗୋଟି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୫୨ଜଣ ଛାତ୍ରୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ଛାତ୍ରାବାସ, ପୂର୍ଣ୍ଣଚନ୍ଦ୍ରପୁର, ବାରିପଦା ଓ ବିଶୋଇର ୨୦ଜଣ ଛାତ୍ର ଯୋଗଦାନ କରିଥିଲେ । ଅତିଥିଙ୍କ ସ୍ୱାଗତ ନିମନ୍ତେ ମୟୂରଭଞ୍ଜ ଜିଲ୍ଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାନ୍ତାଳୀ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ହେବା ସହିତ ଉଚ୍ଚ ପ୍ରଶଂସିତ ହୋଇଥିଲା । ଉପରୋକ୍ତ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



# ସୁନାମାଳ ଗୁଣିବା ନାମରେ ସୁନାହାର ଲୁଟ୍

## ଛତିଶଗଡରେ ୪ ମହିଳା ଥାନାରେ ଅଟକ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ପରଜଙ୍ଗ ଥାନା ଅଞ୍ଚଳରୁ ଏକ ବଡ଼ ଧରଣର ସୁନା ଚୋରି ମହିଳା ଗ୍ୟାଙ୍ଗକୁ ପୋଲିସ କାବୁ କରିବାରେ ସଫଳ ହୋଇଛି । ଛତିଶଗଡରୁ ଆସି ଓଡ଼ିଶାର ବିଭିନ୍ନ ଅଂଚଳକୁ ଯାଇ ସୁନା ଅଳଙ୍କାର ଲୁଟ୍ କରୁଥିଲେ । ଏପରିକି ପରଜଙ୍ଗ ଗାଁର ଅନିତା ଗଡ଼ନାୟକଙ୍କର ଏକ ସୁନା ମାଳକୁ ଗୁନି'ବା ପାଇଁ ମହିଳା ମାନଙ୍କୁ ଦେଇଥିଲେ । ମହିଳା ମାନେ ଅରିଜିନାଲ ସୁନା ବଦଳରେ ଡୁପ୍ଲିକେଟ ସୁନା ମାଳ ଦେଇଥିଲେ । ଯାହାକୁ ନେଇ ଅନିତାଙ୍କର ସନ୍ଦେହ ଜାତ ହେବାରୁ ସେ ପୋଲିସର ହାରସ୍ଥ ହୋଇଥିଲେ । ସୁନା ମାଳ ଗୁନିବା ନାଁରେ କିପରି ମହିଳା ମାନେ ସୁନା ଅଳଙ୍କାର ଲୁଟ କରୁଥିଲେ ତାହା ଏବେ ଲୋକଲୋଚନକୁ ଆସିଛି । ଯାହାକୁ ନେଇ ଅଭିଯୋଗ ପରେ ଛତିଶଗଡର ୪ ଜଣ ମହିଳାଙ୍କୁ ଅଟକ ରଖି ଅଧିକ ତଦନ୍ତ ଆରମ୍ଭ କରିଦେଇଛି ପରଜଙ୍ଗ ପୋଲିସ । ସେପଟେ ଏପରି ଅଚିହ୍ନା ଅଜଣା ଲୋକଙ୍କ ଠାରୁ ଦୂରେଇ ରହିବାକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି ।



# ସରକାରୀ ଆଇଟିଆଇ କ୍ୱାର୍ଟରରେ ଲାଗିଲା ନିଆଁ

ତାଳଚେର, (ସବ୍ୟୁ): ତାଳଚେର ପୌରପରିଷଦ ଅନ୍ତର୍ଗତ ବାଘୁଆବୋଲ ସ୍ଥିତ ସରକାରୀ ଆଇଟିଆଇ କ୍ୱାର୍ଟର ୨ମହଲା ଘରେ ହଠାତ ହୁହୁ ହୋଇ ନିଆଁ ଲାଗିବାରୁ ସେଠାରେ ଉପସ୍ଥିତ ଥିବା ଅଂଚଳବାସୀ ହତବାକ୍ ହୋଇଯାଇଥିଲେ । କ୍ୱାର୍ଟରରେ ମହିଳା ରୋଷେଇ କରୁଥିବା ଅବସ୍ଥାରେ ନିଆଁ ଏକିକୁ ପ୍ରଥମେ ଧରିଥିଲା । ଏହାପରେ ବିଦ୍ୟୁତ ସରସରକିଟ୍ ହୋଇ ଏହି ନିଆଁ ଲାଗିଥିବା ଅନୁମାନ କରାଯାଉଛି । ମାତ୍ର ସଠିକ୍ ତଥ୍ୟ ତଦନ୍ତ କଲାପରେ ଜଣାପଡ଼ିବ ବୋଲି କୁହାଯାଉଛି । ଏସମ୍ପର୍କରେ ଅଗ୍ନିଶମ ବାହିନୀ ଖବର ପାଇ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ତେବେ ଏଥିରେ ଘର ଭିତରେ ରହିଥିବା ଏସି, ଫ୍ରିଜ୍, କୁଲର ଓ ଅନ୍ୟାନ୍ୟ ଆସବାବ ପତ୍ର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି ।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ବିଭିନ୍ନ ପ୍ରତିଯୋଗିତା

ଆଠମଲ୍ଲିକ, (ସବ୍ୟୁ): ସ୍ୱାମିବିବେକାନନ୍ଦ ଲୋକ ସଂସଦ ତରଫରୁ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ଅନୁଗୁଳ ଜିଲ୍ଲା, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ କ ବର୍ଗରେ ୧୦୬, ଖ ବର୍ଗରେ ୧୨୧, ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ କ ବର୍ଗ ୧୩୨, ଖ ବର୍ଗରେ ୧୭୦, କିଶୋରନଗର ବ୍ଲକ ରାମଦେଓ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ କ ବର୍ଗ ୧୬୫, ଖ ବର୍ଗ ୧୮୫ ପ୍ରତିଯୋଗି ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସଫଳତା ହାସଲ କରିଥିବା ବିଭିନ୍ନ ବର୍ଗର ପ୍ରତିଯୋଗିମାନଙ୍କୁ ଆସନ୍ତା ଜାନୁଆରୀ ୧୨ ତାରିଖରେ ପ୍ରତିକେନ୍ଦ୍ରରେ ପୁରସ୍କାର ପ୍ରଦାନ କରାଯିବ । ଅନୁଷ୍ଠାନର ମୁଖ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନଙ୍କର ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ସ୍ୱାମିବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ତଥା ସଂଯୋଜକ ଭବାନୀ ଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି ।

# ମରାଣାତ୍ମକ ଆକ୍ରମଣ ଓ ଡ଼କାୟତି ମାମଲାରେ ୮ ବର୍ଷ ଜେଲ

ତାଳଚେର, (ସବ୍ୟୁ): ଏକ ମରାଣାତ୍ମକ ଆକ୍ରମଣ ଓ ଡ଼କାୟତି ମାମଲାରେ ସହକାରୀ ଦେଓ୍ୱାନୀ ବିଚାରପତି ସ୍ୱର୍ଣ୍ଣଲତା ନାୟକ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ସହ ବିଚରାକରି ଆଶମୀ ରଞ୍ଜିତ ସାହୁକୁ ୮ବର୍ଷ ଜେଲ ଦେବା ସହ ୫ହଜାର ଟଙ୍କା ଜୋରିମାନା କରିଛନ୍ତି । ସୂଚନାଯୋଗ୍ୟ ଗତ ୨୦୨୩ ଫେବୃଆରୀ ୨ତାରିଖ ଦିନ ଏତଲାକାରୀ ବିନୋଦ ଚନ୍ଦ୍ର ସାହୁ ବଲଣ୍ଡା ସ୍ଥିତ କ୍ୱାର୍ଟରରେ ଥିବା ସମୟରେ ତାଙ୍କ ନିଜ ପୁଅ ରଣଜିତ ସାହୁ ତାଙ୍କ ଘରେ ଡ଼କାୟତି କରିବା ଉଦ୍ଦେଶ୍ୟରେ ଘରେ ପଶି ତାଙ୍କୁ ଧକ୍କାଦେବା ସହ ବୋହୁ ସୁଜାତା ସାହୁଙ୍କୁ ଏକ ଧାରୁଆ ଅସ୍ତ୍ରରେ ବେକରେ ଚୋଟମାରି ଘର ଆଲମିରାରୁ ୧୦ହଜାର ଟଙ୍କା ନେଇ ପଳାଇଥିଲା । ପୋଲିସ୍ ଏମାମଲାରେ ତଦନ୍ତ କରି ରଣଜିତକୁ ଗିରଫ କରିବା ସହ ଭାରତୀୟ ପିଙ୍ଗଲକୋର୍ଟ ଦଫା ୩୯୪/୩୨୪/୩୨୬/୩୯୭ ଓ ୩୦୭ରେ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିଲା । ମାମଲାକୁ ସରକାରୀ ତରଫରୁ ଅତିରିକ୍ତ ଗିରିଜାଶଙ୍କର ମିଶ୍ର ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ

ଆଠମଲ୍ଲିକ, (ସବ୍ୟୁ): ଆଠମଲ୍ଲିକ ଉପଖଣ୍ଡ ଅନ୍ତର୍ଗତ କିଶୋରନଗର ବ୍ଲକ ବରପଡିଆରେ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ସତ୍ୟ ନାରାୟଣ ସାହୁ, ସମ୍ମାନିତ ଅତିଥି ଭାବରେ କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈଳେନ୍ଦ୍ରି ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ସମ୍ବଲପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି କୁମୁଦ କୁମାର ପ୍ରଧାନ, ବିଡ଼ିଓ ସୁବ୍ରତ କୁମାର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଆତ୍ମା ଅଧ୍ୟକ୍ଷ ତପନ ସାହୁ ପ୍ରମୁଖ ଯୋଗଦେଇ ସରକାର ଙ୍କର ମତ୍ସ୍ୟ ଓ ପ୍ରାଣୀ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଲାଗୁ ହୋଇଥିବା ଯୋଜନା ତଥା ମାଛ ଚାଷ, କୁକୁଡ଼ା ଚାଷ, ଛେଳି ଚାଷ, ଗୋ ପାଳନ,ଯୋଜନା ଉପରେ ବିସ୍ତୃତ ଭାବରେ ବୁଝାଇବା ସହିତ ବିଭାଗୀୟ ଅଧିକାରୀ ଙ୍କ ସହିତ ଆଲୋଚନା କରି ଫାଇଦା ନେବାକୁ ଉପସ୍ଥିତ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ପ୍ରାଣୀ ସମ୍ପଦ ଅଧିକାରୀ ଅମରେଶ ସ୍ୱାଇଁ, ଡ଼ଃ ଶୁଭଶ୍ରୀ ଶ୍ୱେତପଦ୍ମାସାହୁ, ବ୍ଲକ ଭେଟେ ନାରୀ ଅଫିସର ସରିତା ବେହେରା,ଡ଼ଃ ସୁଶ୍ରୀ ସୁଭାଷିନୀ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବ୍ଲକର ବିଭିନ୍ନ କିସମ ର ଚାଷ କରି ସଫଳତା ପାଇ ଆତ୍ମ ନିର୍ଭର ହୋଇଥିବା ଚାଷୀ ମାନଙ୍କୁ ବିଭାଗ ତରଫରୁ ପୁରସ୍କୃତ କରାଯାଇଥିଲା । ଡ଼ଃ ସୁଶ୍ରୀ ସୁଭାଷିନୀ ବେହେରା ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ପକ୍ଷରୁ ଶିଶୁଦିବସ

ଅନୁଗୋଳ, (ସବ୍ୟୁ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ ତରଫରୁ ସ୍ଥାନୀୟ କୁମଣ୍ଡ ଜରସିଂଗା ଉଚ୍ଚ ବିଦ୍ୟାଳୟ ଠାରେ ଶିଶୁଦିବସ ପାଳିତ ହୋଇଯାଇଛି । ଏହା ସହିତ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ, ଛାତ୍ରଛାତ୍ରୀ ମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ ଓ କିଶୋର ନ୍ୟାୟ ଆଇନ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଚିବ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୋଳ କମଳାକାନ୍ତ ନାୟକ, ଶିଶୁ ମଙ୍ଗଳ କମିଟିର ସଦସ୍ୟ କଲ୍ୟାଣ କିଶୋର ମହାନ୍ତି, ଡି.ଏସ୍.ପି, ଅନୁଗୋଳ ଶ୍ରୀମତୀ ଲଳିତା ଲାକ୍ରା, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିହାର ରଂଜନ ପ୍ରଧାନ, ସାକ୍ଷରତା କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ସରୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥମାନେ ଛାତ୍ରଛାତ୍ରୀମାନଙ୍କୁ ଶିଶୁଦିବସର ମହତ୍ତ୍ୱ, ଭାରତୀୟ ନାଗରିକମାନଙ୍କର ମୌଳିକ କର୍ତ୍ତବ୍ୟ, ଯୌନ ଅପରାଧରୁ ସୁରକ୍ଷା ଆଇନ୍, ଆଇନ ଅନୁଯାୟୀ ଦୋଷୀକୁ ଦଣ୍ଡ, ସରକାରଙ୍କ ତରଫରୁ ପୀଡ଼ିତଙ୍କ ପାଇଁ କ୍ଷତିପୂରଣ ବ୍ୟବସ୍ଥା, କିଶୋର ନ୍ୟାୟ ଆଇନ ଇତ୍ୟାଦି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ । ସର୍ବଶେଷରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର କାଞ୍ଜିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାରପିଟ ଓ ଡକାୟତି ମାମଲାରେ ଏତଲା

ଖମାର, (ସବ୍ୟୁ): ଖମାର ରେଙ୍ଗାଳି ରୋଡରେ ସୁଲେଇପାଳ ଗ୍ରାମର ଚନ୍ଦୁ ମହାନ୍ତି ନାମକ ଯୁବକଙ୍କୁ କିଛି ଲୋକ ମାଡ ମାରିଥିବା ଓ ତାଙ୍କ ଠାରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଥାନାରେ ଦିଆଯାଇଥିବା ଏତଲା ଅନୁଯାୟୀ ଭାଜପାର ଖମାର ମଣ୍ଡଳ ସଭାପତିଙ୍କ ନର୍ଦ୍ଦେଶରେ ଦୁଇ ଜଣ ଯୁବକ ଓ ତାଙ୍କର କିଛି ସାଥି ମିଶି ଚନ୍ଦୁ ମହାନ୍ତିଙ୍କୁ ନିସ୍ତୁକ ମାଡ ମାରିବା ସହିତ ତାଙ୍କ ଠାରୁ ସୁନା ଚେନ ଓ ମୋବାଇଲ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏନେଇ ଅନୁଗୁଳ ଆରକ୍ଷୀ ଅଧିକ୍ଷକଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିବା ଅଭିଯୋଗକାରୀ ପ୍ରକାଶ କରିଛନ୍ତି । ତେବେ ଏନେଇ ଖମାର ମଣ୍ଡଳ ସଭାପତି ତାଙ୍କ ପ୍ରତିକ୍ରିୟାରେ ଏସବୁ ଅଭିଯୋଗ କପଳୋକଳ୍ପିତ କହିବା ସହିତ ଜାଣିଶୁଣି ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରି ମିଥ୍ୟା ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି । ଖମାର ପୋଲିସର କହିବା ଅନୁଯାୟୀ ଅଭିଯୋଗ ପରେ ତଦନ୍ତ ଜାରି ରହିଛି । ଖୁବଶୀଘ୍ର ଘଟଣାରା ପର୍ଦ୍ଦାଫାସ କରାଯିବ ।

# ଡ. ପରମାନନ୍ଦ ମିଶ୍ରଙ୍କ ଦୁଇଟି ଆଇନ ପୁସ୍ତକ ଉନ୍ମୋଚିତ

ଅନୁଗୋଳ, (ସବ୍ୟୁ): ଅନୁଗୋଳର ବରିଷ୍ଠ ଆଇନଜୀବୀ ଡ. ପରମାନନ୍ଦ ମିଶ୍ରଙ୍କ ସ୍ୱଲିଖିତ ଦୁଇଟି ଆଇନ ସମ୍ପର୍କିତ ଅଣ୍ଡରଷ୍ଟାଣ୍ଡିଙ୍ଗ ସିଭିଲ ସୁଟ୍ସ ଓ ନାଭିଗେଟିଙ୍ଗ ମେଟ୍ରିମୋନିଆଲ ଲ ପୁସ୍ତକ ସ୍ଥାନୀୟ ଶାନ୍ତି ରେସିଡେନ୍ସି ହୋଟେଲ ଠାରେ ଉନ୍ମୋଚିତ ହୋଇଯାଇଛି । ଦେଓ୍ୱାନୀ ମୋକଦମା ଓ ବିବାହ ଓ ବିବାହ ବିବାଦ ଆଇନ ଉପରେ ଏହି ଦୁଇଟି ପୁସ୍ତକ ରଚନା କରାଯାଇଛି । ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ପ୍ରିତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ । ଏହି ପୁସ୍ତକ ଉନ୍ମୋଚନ ସମାରୋହକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଡ. ମିଶ୍ରଙ୍କ ଲିଖିତ ପୁସ୍ତକ ଦୁଇଟି ସରଳ ଭାଷାରେ ଆଇନ ସମ୍ପର୍କିତ ବିଷୟ ଗୁଡ଼ିକୁ ରଚନା କରିଥିବାରୁ ଆଇନ ଛାତ୍ରଛାତ୍ରୀ ଓ ଯୁବ ଆଇନଜୀବୀ ମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କହିଥିଲେ । ଅନୁଗୋଳର ବରିଷ୍ଠ ଆଇନଜୀବୀ ଦିଲ୍ଲୀପ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକାଶିତ ଦୁଇଟି ପୁସ୍ତକ ଆଇନଜୀବୀ ମାନଙ୍କ ପାଖରେ ଆଦୃତ ହେବ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ଅରୁଣ କୁମାର ସାହୁ, ଅନୁଗୋଳ ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପୁସ୍ତକର ରଚୟିତା ଡ. ପରମାନନ୍ଦ ମିଶ୍ର ତାଙ୍କ ବକ୍ତବ୍ୟରେ ସେ କାହିଁକି ଓ କିପରି ଏହି ଦୁଇଟି ପୁସ୍ତକ ରଚନା କରିଲେ ତାହା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଯୁବ ଆଇନଜୀବୀ ବିନୋଦ ସାମଲ (ଲିଟନ) ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ । ଏହି ଉନ୍ମୋଚନ ସମାରୋହରେ ବରିଷ୍ଠ ଆଇନଜୀବୀ ବସନ୍ତ ଦାସ, ମହେନ୍ଦ୍ର ବସ୍ତିଆ,ଅନୁପ ସେନଗୁପ୍ତ, ଦ୍ୱାରିକା ପ୍ରସାଦ ନନ୍ଦ,ଓକିଲ ସଂଘର ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ପ୍ରଦୀପ ଦେବତା, ସୁଶୀଲ ପ୍ରଧାନ, ପ୍ରଦୀପ ପଣ୍ଡା, ଅଜିତ ବିଶୋଇ,ପାର୍ଥସାରଥୀ ପ୍ରଧାନ ପ୍ରମୁଖ ଯୋଗ ଦେଥିଲେ । ପୁସ୍ତକର ରଚୟିତା ଡ. ମିଶ୍ର ଜଣେ ବରିଷ୍ଠ ସରକାରୀ ଆଇନଜୀବୀ, ସୁଲେଖକ, ସଙ୍ଗଠକ ତଥା ସମାଜସେବୀ ଭାବେ ପରିଚିତ ।



# କଣିହାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

କଣିହାଁ, (ସବ୍ୟୁ): ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ କଣିହାଁ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ କଣିହାଁ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ, କଣିହାଁ ପଂଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲାପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ତାଳଚେର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ସୁବାଷ ଚନ୍ଦ୍ର ସାହୁ , ଅନୁଗୋଳ ସହକାରୀ ମତ୍ସ୍ୟ ଚିକିତ୍ସା ଅଧିକାରୀ ମହାକୁଡ ରାଟେଲ, କଣିହାଁ ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ । ଭାଷଣ ପ୍ରସଙ୍ଗରେ ମୂଖ୍ୟଅତିଥି ବିଧାୟକ ଶ୍ରୀ ମହାନ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ହେଲେ ଚାଷୀମାନଙ୍କ ଅଭିବୃଦ୍ଧି ହେବ ବୋଲି କହିବା ସହ ଘରର ଆର୍ଥିକ ସ୍ଥିତି ମଜବୁତ ପାଇଁ ଚାଷ ଜରୁରୀ ବୋଲି କହିଥିଲେ । ମେଳାରେ ଉପସ୍ଥିତ ଅନ୍ୟାନ୍ୟ ଅତିଥିଗଣ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିବା ସହ ମାଛ ଓ ଗୋପାଳନ ଚାଷ ପାଇଁ ଚାଷୀ ଆନ୍ତରିକତାର ସହ କଲେ ସଫଳ ହୋଇପାରିବ ବୋଲି କହିଥିଲେ । ମେଳାରେ ପ୍ରାଣୀ ସମ୍ପଦ ବିଭାଗର ୪ଜଣ ସଫଳ ଚାଷୀ ଗଣେଶ୍ୱର ମାଝୀ, ବାବୁଲି ଗଡ଼ନାୟକ, ଦେବରାଜ ଦାସ, ଯୋଗମାୟା ଏସଏଚଜିଙ୍କୁ ଓ ମତ୍ସ୍ୟ ବିଭାଗର ୪ଜଣ ସଫଳ ଚାଷୀ ମନୋଜ କୁମାର ଦେହୁରୀ, ମନିଶା ରାଉତ, ପ୍ରଦୀପ କୁମାର ସାହୁ, ବୈଷ୍ଣଦେବି ଏସଏଚଜିଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା । ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ କଣିହାଁ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ରଞ୍ଜନ ସେଠୀ ସଂଯୋଜନା, ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ଅଙ୍କିତା ଆରାଧନା ମଞ୍ଚ ପରିଚାଳନା, ରେଙ୍ଗାଳି ପ୍ରାଣୀ ଚିକିତ୍ସା ଅଧିକାରୀ ଡାଃ ତୁଷାରକାନ୍ତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସୋଳରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୭୮ ୟୁନିଟ ସଂଗ୍ରହ

ରାସୋଳ, (ସବ୍ୟୁ): ଶ୍ରଦ୍ଧା ଶକ୍ତି ସେବା ସଂସ୍ଥା ନଜନ ମଙ୍ଗଳ ରାସୋଳ ଓ ହିନ୍ଦୋଳ କଲ୍ୟାଣ ସଙ୍ଗଠନ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସହଯୋଗୀ ଅନୁଷ୍ଠାନ ଏ ପ୍ଲସ୍ ଫିଟ୍ ନେସ୍‌ର ସହାୟତାରେ ୧୪ ତାରିଖ ଶୁକ୍ରବାର ଦିନ ରାସୋଳ ସଭାଗୃହ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛ । ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା



ଜନମଙ୍ଗଳ ରାସୋଳ ସଂଗଠନର ଉପଦେଷ୍ଟା ପ୍ରିୟ ରଞ୍ଜନ ମାହୁନ୍ତ ଓ ଉଦଘାଟକ ଭାବେ ରାସୋଳ ଗ୍ରାମ ପଞ୍ଚାୟତର ସରପଞ୍ଚ ଦିବାକର ନାଏକ ଯୋଗ ଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ପ୍ରଥମ ରକ୍ତଦାତା ଭାବେ ଜନମଙ୍ଗଳ ରାସୋଳ ସଂଗଠନର ସମ୍ପାଦକ ପ୍ରଦୀପ ନାୟକ ନାମ ପଞ୍ଜି କରଣ କରି ରକ୍ତଦାନ କରିଥିଲେ । ମୁଖ୍ୟ ଅତିଥି, ଉଦଘାଟକ ସମେତ ସଂଗଠନର ଉପଦେଷ୍ଟାଗଣ ଓ ଢେଙ୍କାନାଳ ରେଡ଼କ୍ରସର ଭାଇସ୍ ଚେୟାରମ୍ୟାନ ରୋଟାରୀଆନ୍ ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଢେଙ୍କାନାଳ ରକ୍ତ ଭଣ୍ଡାରର ଟେକ୍ନିସିଆନ୍ ପରମା ନନ୍ଦ ପଣ୍ଡା କର୍ମଚାରୀ ରୋହିତ ଦାସ, ଅଜୟ ସ୍ୱାଇଁ ଓ ତପନ ଜେନା ପ୍ରମୁଖ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିର ରେ ୭୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ରକ୍ତଦାନ କରିଥିବା ରକ୍ତଦାତା ଓ ସହଯୋଗୀ ଅନୁଷ୍ଠାନ ଏ ପ୍ଲସ୍ ଫିଟ୍ ନେସକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମାଇକ୍ରୋ ମିଡିଆର ୨୩ତମ ବାର୍ଷିକ ଉତ୍ସବ ତଥା କପିଳାସ ମହୋତ୍ସବ

## ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋ ମିଡ଼ିଆ ଆଓ୍ୱାରନେସ ପକ୍ଷରୁ ଅନୁଷ୍ଠାନର ୨୩ ତମ ବାର୍ଷିକ ଉତ୍ସବ ତଥା କପିଳାସ ମୋହତ୍ସବ ଅବସରରେ ବିଶ୍ୱର ସର୍ବ କନିଷ୍ଠ ସହିଦ୍ ବୀର ବାଜି ରାଉତ ଜନ୍ମ ଶତବାର୍ଷିକ ଉପଲକ୍ଷେ ସମସ୍ତ କାର୍ଯ୍ୟକ୍ରମକୁ ଉତ୍ସର୍ଗିକୃତ କରାଯାଉଛି । ଏହି ପରିପ୍ରେକ୍ଷିରେ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ରାଜ୍ୟ ସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଡଃ ବିଧାନ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜନ କରାଯାଇଥିଲା । ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ଭାବେ ସମାଜସେବୀ ଯୁବରାଜ ଅମରଜ୍ୟୋତି ସିଂହଦେଓ, ସ୍ୱତନ୍ତ୍ର ଅତିଥି ଭାବେ ଶବ୍ଦ, ରାଗ, ନୃତ୍ୟଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ, ବରିଷ୍ଠ ସାମ୍ବାଦିକ, କ୍ରୀଡାବିତ୍, ସଂଗଠକ ରତନ କୁମାର ନାୟାର ପ୍ରମୁଖ ଯୋଗଦାନ କରି ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଶବ୍ଦ, ରାଗ, ନୃତ୍ୟଗୁରୁ ଭାଗବତ ପ୍ରଧାନଙ୍କୁ ଡଃ. ବିଧାନ ମିଶ୍ର ସ୍ମୃତି ସମ୍ମାନ, ବରିଷ୍ଠ କଳାକାର ଓ ମଂଚ ଅଭିନେତା ଇଂ. ଅଶୋକ କୁମାର ଦାଶଙ୍କୁ ରାଜ୍ୟ ସ୍ତରୀୟ କଳା ସମ୍ମାନ, ବରିଷ୍ଠ ସାମ୍ବାଦିକ, ସମାଜସେବୀ ମାଲକାନଗିରିର ପ୍ରସାଦ ନାୟକ, ବିକାଶଯୁଥ କ୍ଲବ୍-କମାରସାହି, ଅନୁଗୁଳର କ୍ରୀଡାବିତ୍ ପ୍ରକାଶ ଗଡନାୟକ, କଟକର ଓଡିଆ ସିନେ ଯୁବ ସାମ୍ବାଦିକ ଶ୍ରୀରାମ ରଏ, ବରଗଡର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମହେନ୍ଦ୍ର କୁମାର ସାହୁ, ଭଦ୍ରକର ପ୍ରଫେସର ଡଃ ସୁରେନ୍ଦ୍ର ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଷୋଳପାଲାର ଓଡିଆ ରଚୟିତା କବି ଧନେଶ୍ୱର ପାଣି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଓଡିଶୀ ନୃତ୍ୟ କ୍ଷେତ୍ରରେ ଶତରୂପା ଓଡିଶୀ ନୃତ୍ୟ ରିସର୍ଚ୍ଚ ସେଂଟର-ଦେଉଳସାହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ଦିନରେ ଗୀତା ଆବୃତ୍ତି ଓ ବୀର ବାଜି ରାଉତଙ୍କ ବିଷୟରେ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କପିଳାସ ମହୋତ୍ସବର ଆବାହକ ଇଂ. ସୌମ୍ୟବ୍ରତ ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସୁଶାନ୍ତ ପାଣି ସ୍ୱାଗତ ଭାଷଣ ଓ ପରିଚାଳନା କରିଥିଲେ । ପରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଅନୁଷ୍ଠିତ ହୋଇଥିଲା । ସେହିପରି ଉଦଘାଟନୀ ଉତ୍ସବରେ ଜିଲ୍ଲା ଓକିଲ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ବରିଷ୍ଠ ଆଇନଜିବୀ ତଥା ଅନୁଷ୍ଠାନର ଉପଦେଷ୍ଟା ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସମାଜସେବୀ ସୁକାନ୍ତ କୁମାର ମିଶ୍ର, ସଂସ୍କୃତି ଗବେଷକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଗୋପବନ୍ଧୁ ଟାଉନ୍ ହଲର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତରୋତ୍ତର କାମନା କରିଥିଲେ । ସେହିପରି ସ୍ୱତନ୍ତ୍ର କବିତା ଆସର କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ରାଜ୍ୟ ସାହିତ୍ୟ ଏକାଡେମୀର ସଦସ୍ୟ କବି ବାହାଦୂର ପାଟସାହାଣୀ, ସାହିତ୍ୟିକା ତଥା ପୂର୍ବତନ ଢେଙ୍କାନାଳ ସାହିତ୍ୟ ଏକାଡେମୀ ସଦସ୍ୟା ଡଃ. ପୁଷ୍ପଲତା ରଥ, ଥିଙ୍କର୍ସ ଫୋରମର ସଂପାଦକ କବି ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦାନ କରିଥିଲେ । କବିତା ଆସର କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କବି ପରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ୩୫ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱ-ରଚିତ କବିତାପାଠ କରିଥିଲେ ଏବଂ ଅପରାହ୍ନ ୪ ଘଟିକା ସମୟରେ ବାଜିଚୌକ ଛକ ନିକଟରୁ ବୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ମଶାଲ ଶୋଭାଯାତ୍ରା ସହ ସହର ପରିକ୍ରମା କରି ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ପହଞ୍ଚିଥିଲା । ଏଥିରେ ପାଇକ ଆଖଡା ଦଳ, ସଂକୀର୍ତନ ମଣ୍ଡଳୀ, ବିଭିନ୍ନ କଳାକାର, ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ । ଏହି ମଶାଲ ଶୋଭାଯାତ୍ରାକୁ ବରିଷ୍ଠ କଳାକାର ଶତୃଘନ ମାଟି ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ଦୀପକ ମିଶ୍ର, ମାନସ ସାହୁ, ଶୁଭନାରାୟଣ ସାହୁ, ଇନ୍ଦ୍ରଜିତ୍ ସାହୁ, ସନ୍ଦିପ୍ କର, ରାଜଶ୍ରୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଆସନ୍ତା ୧୫ ଓ ୧୬ ତାରିଖ ଦୁଇଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ।

# ଆନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଅନୁଗୁଳ, (ସବ୍ୟୁ): ସ୍ଥାନୀୟ ବିଜୁ ମୈଦାନ ଠାରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରା.ଲି. ଓ 'ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ' ସହାୟତାରେ ପ୍ରଥମ ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୫ ଉଦଘାଟିତ ହୋଇଯାଇଛି । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ । ଆୟୋଜିତ ହୋଇଥିବା ଏହି ମେଳାରେ ୨୨ ଗୋଟି ରାଜ୍ୟ ଓ ୮ ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି । ଏହି ମେଳା ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ ଏହି ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାଡୱେର, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହିତ ଘରୋଇ ଉପକରଣ, ଇଲେକେଟ୍ରାନିକ୍ସ, ଆର୍ଟିଷ୍ଟିକ- ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକେଟ୍ରାନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣ୍ଣିଚର୍, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି । ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍ ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇପାରିବେ । ଏହି ମେଳା ୧୧ ଦିନ ଧରି ଚାଲିବ । ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ପାଇପାରିବ ବୋଲି ମେଳା ସଂଯୋଜକ ପର୍ଶୁରାମ ଦାଶ ପ୍ରକାଶ କରିଛନ୍ତି । ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି । ସେହିପରି



ଇଣ୍ଡୋନେସିଆ ବାଲିର ଜଳପରି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଖୁବ୍ ମନମୁଗ୍ଧକର ହେବ । ଉଦଘାଟନି ଉତ୍ସବରେ ଅନୁଗୋଳ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିବା ବେଳେ ଗୁପ୍ତା ଇଭେଣ୍ଟ ମ୍ୟାନେଜେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ଆପେଲ୍ ସାଇନ୍‌ର ନିର୍ଦ୍ଦେଶକ ଦିନେଶ ଭୋଳ ଓ ମେଳା ସହ ସଂଯୋଜକ ଜୟନ୍ତ କର, ପ୍ରତାପ ମହାପାତ୍ର, ଆକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଢେଙ୍କାନାଳ ବନଖଣ୍ଡର ବାର୍ଷିକ ସମୀକ୍ଷା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ବନଖଣ୍ଡର ସମୀକ୍ଷା ବୈଠକ ମହିଷାପାଟ ସ୍ଥିତ ବହୁମୁଖୀ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଇଶ୍ୱରପାଟି ଯୋଗଦେଇ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ସହଯୋଗ ଯୋଗୁ ବନାୟନ ଯୋଜନା ସଫଳ ହୋଇପାରିଛି ବୋଲି କହିଥିଲେ । ୨୦୧୭-୧୮ ଆର୍ଥିକ ବର୍ଷରୁ ଚାଲିଥିବା ଏହି ବନାୟନ ଯୋଜନାରେ ଏସଏସଜି ଗୋଷ୍ଠି ମାନଙ୍କ ଦ୍ୱାରା ବିଭିନ୍ନ ଉପିାଦନ କାର୍ଯ୍ୟକ୍ରମକୁ ପ୍ରଦର୍ଶିତ କରାଯାଇଥିଲା । ଲାଇନଡିପାର୍ଟମେଣ୍ଟମାନେ ଗୋଟିଏପ୍ଲାଟ ଫର୍ମରେ କପିଳାସବ୍ରାଣ୍ଡିଙ୍ଗ ନାମରେ ଜିଲ୍ଲାର ସମସ୍ତ ଉପିାଦନ ଗୁଡିକୁ ମିଶନ ଶକ୍ତି ମାଧ୍ୟମରେ ଉଚିତ ମୂଲ୍ୟ ସହ ବିକ୍ରୀ ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । କାଜୁ କ୍ଲଷ୍ଟର ସଭାପତି ସ୍ୱର୍ଣ୍ଣପ୍ରଭା ବିଶ୍ୱାର ଏବଂ ତାଙ୍କର ଅନ୍ୟ ଏସଏସଜି ଗ୍ରୁପ ସଦସ୍ୟମାନେ ନିକଟ ଅତୀତରେଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟସୁଭଦ୍ରା ମେଳାରେ ଅଂଶ ଗ୍ରହଣକରି କ୍ଲଷ୍ଟର ଉପିାଦ କାଜୁ, ମହୁ ଏବଂ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ ବିକ୍ରୟକରି ପୁରସ୍କୃତ ହୋଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ସୁମିତ କର କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେସୂଚନା ଦେଇଥିଲେ । ଏହାକୁ କିପରି ଅଧିକ ପ୍ରଚାର ପ୍ରସାର କରାଯିବ ସେ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠୀ ଅତିଥି ଭାବରେ ଯୋଗଦେଇ ଥିଲେ । ବନବିଭାଗର ଏଭଳି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଲୋକମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହିଥିଲେ । ଏହି ଅବସରରେ ବନଖଣ୍ଡ ବିଭାଗ ତରଫରୁ ସମୀକ୍ଷା ୨୦୨୫କୁ ଉନ୍ମୋଚନ କରାଯାଇଥିଲା । ଏହି ବୈଠକରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧୀକାରୀ, ଢେଙ୍କାନାଳ ବନଖଣ୍ଡ ଡିଭିଜନର ସମସ୍ତ ରେଞ୍ଜ ବନସୁରକ୍ଷା ସମିତିର ସଭ୍ୟସଭ୍ୟା ଏନଂ ବନାୟକ ଯୋଜନାର କର୍ମଚାରୀ ଉପସ୍ଥିତ ରହିଥିଲେ । ଶେଷରେ ଜୀବନ ଜିବୀକାର ବିଶେଷଜ୍ଞ ଅମୀୟ ରଞ୍ଜନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ୍ ପାର୍କିଂ ବ୍ୟବସ୍ଥା ନେଇ ନିର୍ବାହୀ ଅଧିକାରୀଙ୍କୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଦାବି

ତାଳଚେର, (ସବ୍ୟୁ): ଶିଳ୍ପ ନଗରୀ ତାଳଚେର ଭଳି ଏକ ପୌରାଞ୍ଚଳରେ ସ୍ଥାନୀୟ ଟ୍ରକ୍ ମାଲିକଙ୍କର ପ୍ରାୟତଃ ୧୫୦୦ ଟ୍ରକ୍ ରହିଛି । ମାତ୍ର ତାଳଚେର ପୌରାଞ୍ଚଳରେ ଟ୍ରକ୍ ଟର୍ମିନାଲ ନଥିବାରୁ ଅଧିକାଂଶ ସମୟରେ ରାସ୍ତା କଡ଼ରେ ହେଉ ବା ପବ୍ଲିକ ସ୍ଥାନ ମାନଙ୍କରେ ଟ୍ରକ୍ ରଖିବାକୁ ପରିସ୍ଥିତ ବାଧ କରିଥାଏ । ଯାହା ଦ୍ୱାରା କେତେବେଳେ ଆରଟିଓ ଏବଂ ଆଉ କେତେବେଳେ ପୋଲିସ ସମ୍ପୃକ୍ତ ଟ୍ରକ୍ ନାମରେ ଜୋରିମାନା କରିଥାନ୍ତି । ପୁନଃ ତାଳଚେର ପୌର ପରିଷଦ ପକ୍ଷରୁ ସେଇ ଟ୍ରକ୍ ଗୁଡ଼ିକ ବିରୁଦ୍ଧରେ ନୋଟିସ ଦେଇଥାନ୍ତି । ଏପରି ହେବା ଦ୍ୱାରା ଟ୍ରକ୍ ମାଲିକ ମାନେ ଅନେକ କ୍ଷତି ସହି ଆସୁଛନ୍ତି । କୋଇଲା ଲୋଡ଼ିଂ ସମସ୍ୟାକୁ ନେଇ ଟ୍ରକ୍ ମାଲିକଙ୍କ ସମସ୍ୟା ଅତ୍ୟନ୍ତ ଦୟନୀୟ ହୋଇ ପଡିଥିବା ସ୍ଥଳେ ଟ୍ରକ୍ ପାଇଁ ଫାଇନ ଦେବା, ଏକ ବୋଝ ଉପରେ ନଳିତା ବିଡା ସଦୃଶ ଅବସ୍ଥା ସୃଷ୍ଟି କରିଛି । ଏନେଇ ତାଳଚେର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି କି, ଆପଣ ତାଳଚେର ପୌରାଞ୍ଚଳର ଟ୍ରକ୍ ମାଲିକଙ୍କ ଉଦ୍ଦେଶ୍ୟରେ ଏକ ଟ୍ରକ୍ ପାର୍କିଂ ନତୁବା ଟ୍ରକ୍ ଟର୍ମିନାଲ ନିର୍ମାଣ କରିବା ପାଇଁ ଯଥାଶୀଘ୍ର ଜମି ଯୋଗାଇ ଦେବାକୁ ବ୍ୟବସ୍ଥା କରାଇଲେ ଏହି ସମସ୍ୟା ଗୁଡ଼ିକର ସମାଧାନ ହୋଇ ପାରନ୍ତା ବୋଲି ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି ଦିଲୀପ କୁମାର ପାଣି ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା ପ୍ରମୁଖ ଏକ ଲିଖିତ ଅଭିଯୋଗରେ ଏହା ପ୍ରକାଶ କରିଛନ୍ତି । ତେବେ ଏହି କାର୍ଯ୍ୟ କେବେ କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନର ସମୟ କହିବ ବୋଲି କୁହାଯାଉଛି ।

## ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟା

# ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ



ଭଦ୍ରକ, (ସବ୍ୟୁ): ସାହିତ୍ୟ ଓ ସମ୍ବାଦ ଜଗତକୁ ଭଦ୍ରକର ଅବଦାନ ଅନସ୍ୱୀକାର୍ଯ୍ୟ । ଭଦ୍ରକ ଭୂମିର ସାରସ୍ୱତ ସାଧକ ଲେଖନୀ ଚାଳନା କରି ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛନ୍ତି ସେପରି ଭଦ୍ରକ ମାଟିରୁ ବହୁ ପତ୍ର ପତ୍ରିକା ଓ ସମ୍ବାଦପତ୍ର ଆତ୍ମପ୍ରକାଶ କରି ସାମଗ୍ର ଉତ୍କଳ ତଥା ଭାରତକୁ ଆଲୋକିତ କରିଛନ୍ତି ବୋଲି ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ପଂଚମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ପଂଚମ ସଂନ୍ଧ୍ୟାକୁ ରାଜନେତା ଓ କବି ବିଷ୍ଣୁ ସେଠୀଙ୍କ ସ୍ମୃତି ରେ ଉତ୍ସର୍ଗୀତ ହେବା ସହ 'ଭଦ୍ରକର ସଂସ୍କୃତି, ଐତିହ୍ୟ ଓ ପରମ୍ପରା'ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ମହୋତ୍ସବର ଆବାହକ ନୀହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଓ ସଂଗଠିକା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପାଣିଗ୍ରାହୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ ।

ଅବସର ପ୍ରାପ୍ତ କୃଷିବିତ୍ ତଥା ଆକାଶବାଣୀ ଗୀତିକାର ଅରୁଣ ପାତ୍ର ମୁଖ୍ୟ ବକ୍ତା ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି , ଅବସର ପ୍ରାପ୍ତ ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଚାନ୍ଦବାଲି ବିକାଶ ପରିଷଦ ସଭାପତି ନିରୋଦ କୁମାର ରାଉତ ବରେଣ୍ୟ ଅତିଥି ଏବଂ କବୟିତ୍ରୀ ଅଧକ୍ଷା ଦୀପ୍ତିମୟୀ ସାହୁ ବରେଣ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ସଭାପତି ଇଂ ଅଭୟ ସୂତାର ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ସମ୍ପାଦକ ରବି ନାରାୟଣ ଖିଲାର ଅତିଥି ପରିଚୟ ଓ ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ ପ୍ରଦାନ ଏବଂ ବରପ୍ରାପ୍ତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । କଣ୍ଠଶିଳ୍ପୀ ଶଶିକଳା ମିଶ୍ର ଓ କବୟିତ୍ରୀ ଚୈତାଳୀ ଖିଲାର ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।

ସଂଯୁକ୍ତା ବଳ ନାୟକ ଓଦମୟନ୍ତୀ ରାଉତ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ । ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ଡା. ଅନିଲ କୁମାର ଦାଶ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଞ୍ଜନା ମିଶ୍ର, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ ।

## ବିଜ୍ଞାନ ଆଧୁନିକ ସଭ୍ୟତାର ଜନକ
# ଏନଆରଆଇ ବିଦ୍ୟାଳୟରେ ବିଜ୍ଞାନମେଳା



ଭଦ୍ରକ, (ସବ୍ୟୁ): ଭଦ୍ରକ ସହରର ଆରଡ଼ି ଛକସ୍ଥିତ ଏନ ଆର ଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ 'ସାଇନ୍ସ ଫିଏଷ୍ଟା – ୨୦୨୫' ଅଧକ୍ଷ ବିବେକାନନ୍ଦ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗର ମୁଖ୍ୟ ପଦ୍ମନାଭ ପତ୍ରୀ, ଅସୁରାଳି ବୈଷୟିକ ମହାବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର କୁମାର ଜେନା, ଚରମ୍ପା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରମୋଦ କୁମାର ପାଣି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ପିଲାମାନଙ୍କଦ୍ୱାରା ପ୍ରସ୍ତୁତ ପ୍ରକଳ୍ପମାନ ମୂଲ୍ୟାଙ୍କନ କରିଥିଲେ 'ବିଜ୍ଞାନ ଆଧୁନିକ ସଭ୍ୟତାର ଜନକ ଏହିପରି କାର୍ଯ୍ୟକ୍ରମ ପିଲାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟିକରେ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ପରିଚାଳନା ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣିଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ, ଅଭିଭାବକ ଅଭିଭାବିକା ମାନଙ୍କର ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା ।

## ଦୁଇଟି ସ୍ଥାନରେ ଦୁର୍ଘଟଣା : ୧୩ରୁ ଉର୍ଦ୍ଧ୍ୱ ଆହତ

ସୋର, (ସବ୍ୟୁ): ସୋର ଥାନା ଅଧିନ ଭିନ୍ନ ଭିନ୍ନ ସ୍ଥାନରେ ପୃଥକ ଦୁର୍ଘଟଣାରେ ୧୩ ଜଣରୁ ଅଧିକ ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୁଚନା ଅନୁସାରେ ଶନିବାର ଅପରାହ୍ଣରେ ଓଡି ୦୨ ଡବ୍ଲୁ ୬୫୫୫ ନମ୍ବର ବିଶଷ୍ଟ ଏକ ଇନୋଭା କାର ଖଇରାରୁ ସୋର ଅଭିମୁଖେ ଆସୁଥିବା ବେଳେ ସୋର ଥାନା କାନପୁର ନିକଟରେ ତିନୋଟି ବାଇକକୁ ସିରିଜ ଧକା ଦେଇ ନୟନଯୋରୀକୁ ଓଲଟି ପଡିଥିଲା ।ଫଳରେ ବାଇକରେ ଥିବା ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କାଛିସାହି ଅଞ୍ଚଳର ଆକାଶ ସେଠୀ (୨୮) ଓ ତାଙ୍କ ସ୍ତ୍ରୀ ସବିତା ସେଠୀ(୨୭), ଔପଦା ବ୍ଲକ କମାରପାଳ ଗ୍ରାମର ରତିକାନ୍ତ ବେହେରା,ତାଙ୍କ ସ୍ତ୍ରୀ ଆରତି ବେହେରା, ଛଅ ବର୍ଷର ପୁଅ ଚିରଞ୍ଜିବି ବେହେରା ଓ ତିନି ମାସର ଶିଶୁ କନ୍ୟା ଅନିଶାରାଣୀ ବେହେରାଙ୍କ ସମେତ ୮ଜଣ ଗୁରୁତର ଆହତ ହୋଇଥିଲେ । ଇନୋଭାଟି ନୟନଜୋରିକୁ ଓଲଟି ପଡିଥିବା ବେଳେ ନିଶାଶକ୍ତ ଅବସ୍ଥାରେ ଥିବା ଗାଡି ଚାଳକକୁ ସ୍ଥାନୀୟ ଲୋକେ ଉତ୍ତମ ମଧ୍ୟମ ଦେବା ସହ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଗାଡି ଚାଳକ ନିରଜ କୁମାର ପାତ୍ର(୪୦)ଙ୍କ ସମେତ ୫ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସେହିପରି ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଏକ ସ୍କର୍ପିଓ କାର ବର୍ତ୍ତନା ଛକ ନିକଟରେ ଦୁଇଟି ବାଇକୁ ଧକା ଦେଇଥିଲା । ଏଥିରେ ସୋର ପୌରାଞ୍ଚଳ ୮ ନମ୍ବର ୱାର୍ଡ ଅଡଙ୍ଗ ଗ୍ରାମର ମନୋରଞ୍ଜନ ପାତ୍ର ଓ ସାହସପୁରା ଗ୍ରାମର ଶେଖ ଆଜିବୁଲା ଓ ତାଙ୍କ ସ୍ତ୍ରୀ ନଜମା ବିବି ଗୁରୁତର ଭାବେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ପୋଲିସକୁ ମାଡ଼ମାରି ଅଭିଯୁକ୍ତକୁ ଛଡ଼ାଇ ନେଲେ

କେନ୍ଦୁଝର, (ଜିପ): କେନ୍ଦ୍ରାପଡା ସଦର ଥାନା ପୋଲିସ ସହାୟତାରେ ଗତକାଲି ଶାଳଣିଆଁର ଯୋଗେନ୍ଦ୍ର ବେହେରାକୁ ଗିରଫ କରିଥିଲା । ଅଭିଯୁକ୍ତକୁ ଧରି ନନ୍ଦିପଦା ଥାନାକୁ ଆଣିବା ପରେ ରାତି ୮ଟା ବେଳେ ଧରି କେନ୍ଦ୍ରାପଡା ଅଭିମୁଖେ ବାହାରି ଥିଲେ । ତେବେ ପୋଲିସ ଗାଡି ଚଷାଖଣ୍ଡ ନିକଟରେ ପହଞ୍ଚିବା ପରେ ୧୦ରୁ ୧୨ଜଣ ଯୁବକ ପୁଲିସକୁ ସଂଘବଦ୍ଧ ଆକ୍ରମଣ କରି ଅଭିଯୁକ୍ତକୁ ଛଡ଼ାଇ ନେଇଥିଲେ । ଏଥିରେ ଦୁଇ ପୋଲିସ ଆହତ ହୋଇଛନ୍ତି । କେନ୍ଦ୍ରାପଡ଼ା ପୋଲିସ୍ ସେଠାରୁ ଫେରି ନନ୍ଦପଦା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (୩୬୨/୨୫) ରୁଜୁ ହୋଇଛି । ନନ୍ଦପଦା ପୋଲିସ ପକ୍ଷରୁ ଗତକାଲି ରାତିଠାରୁ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନା ଘନତା ଆରମ୍ଭ ହୋଇଯାଇଛି । ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି ।

ଜଣାପଡିଛି ଯେ, କେନ୍ଦ୍ରାପଡା ଜିଲ୍ଲାର ବସପୁରା ଲୁଣା ନଦୀ ବାଲିଘାଟ ଡେରାବିଶକୁ ଶାଳଣିଆଁର ଯୋଗେନ୍ଦ୍ର ବେହେରା ଲିଜ୍ ନେଇଥିବା ବେଳେ ବାଲି ଘାଟ ଚଳାଇବା ପାଇଁ ନିକିରାଇ ଥାନା ଇଟିପୁର ଗ୍ରାମର ମାଧବ ଚନ୍ଦ୍ର ପ୍ରଧାନଙ୍କ ନାମରେ ଚୁକ୍ତି କରି ତାଙ୍କ ଠାରୁ ପ୍ରାଥମିକ ପର୍ଯ୍ୟାୟରେ ୨୫ଲକ୍ଷ ଟଙ୍କା ଆଣିଥିଲେ । ତେବେ ପରେ ଅନ୍ୟ ଲୋକଙ୍କ ନାମରେ ଚୁକ୍ତିପତ୍ର କରିଦେଇଥିଲେ । ଯାହାକୁ ନେଇ ବିବାଦ ଦେଖା ଦେବାରୁ ମାଧବ ଚନ୍ଦ୍ର ପ୍ରଧାନ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିଥିଲେ । ଯୋଗେନ୍ଦ୍ର ଓ ଜଳସରପୁର ଗ୍ରାମର ବରଦା ପ୍ରସନ୍ନ ନାୟକ ତାଙ୍କ ଠାରୁ ମୋଟ ୪୫ ଲକ୍ଷ ୫୪ ହଜାର ୯୫୯ ଟଙ୍କା ଠକି ନେଇଥିବା ମାଧବ ଅଭିଯୋଗ କରିବା ପରେ କେନ୍ଦ୍ରାପଡ଼ା ପୋଲିସ୍ ଥାନାରେ ଏକ ମାମଲା (ନଂ୫୧୫/୨୫) ରୁଜୁ କରି ତଦନ୍ତ ଚଳାଇଥିଲା । ଗୁରୁବାର କେନ୍ଦ୍ରାପଡ଼ା ସଦର ଥାନା ଏସ୍ଆଇ ବିଶ୍ୱଭୂଷଣ ସାହାଣୀଙ୍କ ନେତୃତ୍ୱରେ ୪/୫ ପୁଲିସ କର୍ମଚାରୀ ଅଭିଯୁକ୍ତକୁ ଧରିବା ପାଇଁ ଆସି ନନ୍ଦିପଦା ପୋଲିସ ସହାୟତାରେ ଯୋଗେନ୍ଦ୍ରକୁ ଶାଳଣିଆଁରୁ ଉଠାଇ ଆଣିଥିଲେ । ରାତି ୮ଟା ବେଳେ କେନ୍ଦ୍ରାପଡ଼ା ପୋଲିସ୍ ଯୋଗେନ୍ଦ୍ରକୁ ଧରି ଅନ୍ୟ ଅଭିଯୁକ୍ତ ବରଦା ପ୍ରସନ୍ନ ନାୟକଙ୍କୁ ଆଣିବାକୁ ଜଳସରପୁର ଯାଉଥିବା ବେଳେ ଯୋଗେନ୍ଦ୍ରଙ୍କୁ ଆଣିବାକୁ ଜଳସରପୁର ଯାଉଥିବା ବେଳେ ଯୋଗେନ୍ଦ୍ରଙ୍କ ସମ୍ପର୍କୀୟ ଓ ସମର୍ଥକମାନେ ଚଷାଖଣ୍ଡ ନିକଟରେ କେନ୍ଦ୍ରାପଡ଼ା ପୋଲିସ୍ ଆକ୍ରମଣ କରି ଯୋଗେନ୍ଦ୍ରକୁ ଛଡ଼ାଇ ନେଇଥିଲେ । କେନ୍ଦ୍ରାପଡ଼ା ପୋଲିସ୍ ଅଭିଯୋଗ କ୍ରମେ ନନ୍ଦିପଦା ଥାନାରେ ଏ ସମ୍ପର୍କରେ ଏକ ମାମଲା (ନଂ୩୬୨/୨୫) ରୁଜୁ ହୋଇଛି ।

ତେବେ ଏଠାରେ କେନ୍ଦ୍ରାପଡ଼ା ପୋଲିସ୍ କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି । ସ୍ଥାନୀୟ ପୋଲିସ ସହାୟତା ନନେଇ ଅଭିଯୁକ୍ତକୁ ସାଙ୍ଗରେ ଧରି ତାଙ୍କ ଗାଁକୁ ଯିବା କେତେଦୂର ଯୁକ୍ତିଯୁକ୍ତ ? ଯଦି ଅନ୍ୟ ଅଭିଯୁକ୍ତକୁ ଧରିବାର ଥିଲା ତେବେ ଧରିଥିବା ଅଭିଯୁକ୍ତକୁ ନନ୍ଦିପଦା ପୋଲିସ ଜିମାରେ ରଖାଯାଇ ପାରିଥାଆନ୍ତା । କିଛି ହାତଗଣତି କର୍ମଚାରୀଙ୍କୁ ଧରି ପୋଲିସ ଯାଇଥିଲା କାହିଁକି ? ଅଭିଯୁକ୍ତକୁ ଛଡ଼ାଇ ଦେବା ପାଇଁ ପୋଲିସର ଏକ ନାଟକ ନୁହେଁ ତ ? ଏପରି କେତେ କ'ଣ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ଆଖଡ଼ା ଶୋଭାଯାତ୍ରା ବେଳେ ଗଣ୍ଡଗୋଳ ଘଟଣା
# ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

ସୋର, (ସବ୍ୟୁ): ଗତ ଜୁନ ମାସ ୭ ତାରିଖରେ ସୋର ପୌର ପାଳିକାରେ ଇଦ ଉଲ ଜୁହା ପାଳନ ଅବସରରେ ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଗତ ଜୁନ ୭ ତାରିଖରେ ଏହି ଆଖଡ଼ା ଶୋଭାଯାତ୍ରା ଚାଲିଥିବା ବେଳେ ଇଟୁଆ ଗ୍ରାମର ସେକ ରେହେମାନ, ଦିଦାର ଖାନ ଏବଂ ପଠାଣ ମହଲ୍ଲା ଗ୍ରାମର ରିୟାଜ ଖାନ ଛତ୍ରପୁର ଛକରେ ଶୋଭାଯାତ୍ରା ଦେଖୁଥିଲେ। ଏହି ସମୟରେ କାଶୀପୁର ଗ୍ରାମର ୩ ଜଣ ଯୁବକ ହାତରେ ଖଣ୍ଡା, ହକିଷ୍ଟିକ ଧରି ସେଠାରେ ପହଞ୍ଚି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସମସ୍ତେ ଗୁରୁତ୍ତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଦିଦାରର ଅବସ୍ଥା ଗୁରୁତ୍ତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ସେକ ରେହମାନ ସୋର ଥାନାରେ ଅଭିଯୋଗ କରିଥିଲେ।

ଅଭିଯୋଗ ମୂଳେ ପୁଲିସ ୪୩୬/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ କାଶୀପୁର ଗ୍ରାମର ସେକ କାଦିର (୨୫) କୁ ଗତକାଲି ବିଳମ୍ବିତ ରାତିରେ ପୁଲିସ ଗିରଫ କରିଥିଲା। ଶନିବାର ଅପରାହ୍ଣରେ ସୋର ମେଡ଼ିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ



ନୀଳଗିରି, (ସବ୍ୟୁ) : ନୀଳଗିରି ବ୍ଲକର ତେଲିପାଳ ପଞ୍ଚାୟତର ରାଇପାଳ ଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବାବା ବିର୍ସା ମୁଣ୍ଡା ୟୁଥ୍ କ୍ଲବ୍ ଆନୁକୁଲ୍ୟରେ ଆୟୋଜିତ ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଆଲୋକପାତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ସରପଞ୍ଚ ବାହାମଣୀ ମାର୍ଣ୍ଡୀ, ପୂର୍ବତନ ସରପଂଚ ସରସ୍ୱତୀ ମୁର୍ମୁ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସରେନ୍ ବସ୍କେ, ଉପେନ୍ଦ୍ର ଦାସ, ଭୀମ ମୁର୍ମୁ, ବଳଭଦ୍ର ବାସ୍କେ, ରୁପାୟେ ଟୁଡୁ, କଙ୍କା ଟୁଡୁ, ଅକ୍ଷୟ ମାଝି, ରଞ୍ଜନ ବାରିକ, ଅରବିନ୍ଦ ଦାସ, ରଞ୍ଜନ ଶଙ୍ଖୁଆ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ମଞ୍ଚାସୀନ ରହି ବିର୍ସା ମୁଣ୍ଡାଙ୍କ ଗାରିମା ଉପରେ ଆଲୋଚନା କରିଥିଲେ । ବହୁ ଧୁମଧାମରେ ପାଳନ କରାଯାଇଥିବାର ଦେଖିବାକୁ ମିଳିଛି।


## ଜବାହରଲାଲଙ୍କ ୧୩୬ତମ ଜୟନ୍ତୀ ପାଳନ
# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ମଞ୍ଚସ୍ଥ ହେଲା ନାଟିକା : ମୋବାଇଲ୍

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସହର ଉପକଣ୍ଠ ସୁନ୍ଦରୀ ଗ୍ରାମରେ ଅବସ୍ଥିତ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଜନ୍ମଦିନ ପାଳନ ଅବସରରେ ଇଂରାଜୀ ମାଧ୍ୟମରେ ପରିଚାଳିତ ସ୍କୁଲ୍‌ର ଶିକ୍ଷକ- ଶିକ୍ଷିକାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋବାଇଲ୍ ଭୂତ ନାଟିକା ମଂଚସ୍ଥ ହୋଇଯାଇଛି। ସର୍ବପ୍ରଥମେ ବିଶିଷ୍ଟ କାବ୍ୟସ୍ରଷ୍ଟା ବଙ୍କିମ ଚନ୍ଦ୍ରଙ୍କ ବନ୍ଦେ ମାତରମ୍ ଆବାହନୀ ସଙ୍ଗୀତରେ ଚାଚା ନେହେରୁଙ୍କ ଜନ୍ମଦିନ ଉଦ୍ଘାଟନ କରାଯାଇଥିଲା ।

ମୁଖ୍ୟଅତିଥି ଭାବରେ ବିଶିଷ୍ଟ କବି-ନାଟ୍ୟକାର ଶ୍ରୀଦେବ ଜବାହରଲାଲ୍‌ଙ୍କ ଉଚ୍ଚଶିକ୍ଷା ସାଂଗକୁ ବିଶାଳ ଭାରତବର୍ଷ ଗଠନର ଉଚ୍ଚାକାଂକ୍ଷା କିଭଳି ଆମ ଦେଶ ପୃଥିବୀର କୋଣ ଅନୁକୋଣରେ ଚର୍ଚ୍ଚାର ଶୀର୍ଷସ୍ଥାନରେ ପହଞ୍ଚାଇପାରିଛି – ଏ ସଂପର୍କିତ ନିଜ ଯୁକ୍ତି ରଖୁଥିଲାବେଳେ ମୁଖ୍ୟ ଆକର୍ଷଣୀୟ ଅତିଥି ଭାବରେ ବିଶିଷ୍ଟ ଗାୟିକା ରଶ୍ମିରେଖାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ପ୍ରଭୂତ ମୁଖରିତ କରିଥିଲା ।

ଅନୁଷ୍ଠାନର ପ୍ରତିଷ୍ଠାତା ସର୍ବଶ୍ରୀ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସରୋଜିନୀ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ମୋନାଲିସା ପଣ୍ଡା, ଜି. ସାହିନ୍, ସସ୍ମିତା ଆଚାର୍ଯ୍ୟ, ପ୍ରଣିତା ଅଗସ୍ତି,ଏଚ୍.ଏଚ୍.ଶ୍ରୀରାମ, ସୁବଳ କୁମାର ଦାସ, ନାହିଦ୍ ସୁଲତାନା, ଅଜୟ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ବେହେରା, ଆଫ୍ରିନ୍ କାର୍ସୀ, ପ୍ରିୟଙ୍କା ବେହେରା, ରୂପରେଖା ବାରିକ, ଅଭିମନ୍ୟୁ ପ୍ରଧାନ, ରଜତ୍ ଦାସ ଅଧିକାରୀ, ଜୟନ୍ତୀ ଦାଶ, ଅଭୟ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପସ୍ଥିତ ବହୁସଂଖ୍ୟାର ପିଲାମାନଙ୍କର ପ୍ରତିଯୋଗିତା ନାଟିକାଦିକୁ ଭରପୁର ଉପଭୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପଚାଶରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା ।

## ସମାଜସେବୀ ମୁଖତାର ଆଜାଦ (ମୁମୁ)ଙ୍କ ଦେହାନ୍ତ



ଭଦ୍ରକ, (ସବ୍ୟୁ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ବାଚସ୍ପତି ଓ ରାଜ୍ୟସଭା ସାଂସଦ ମହମ୍ମଦ ହନିଫଙ୍କ ନାତି ମୁଖତାର ଅହେମଦ ଆଜଦ ଓରଫ ମୁମୁ ଭାଇ(୬୬ )ଙ୍କ ଆମେରିକା ସ୍ଥିତ ଓହାଇଓ ସିନସନାତି ସହରରେ ହୃଦଘାତ ଯୋଗୁଁ ନିଜ ବାସଭବନରେ ପରଲୋକ ହୋଇଯାଇଛି । ଭଦ୍ରକ ପୁରୁଣାବଜାର ସ୍ଥିତ କାଜି ମହଲ୍ଲା ନିବାସୀ ସ୍ୱର୍ଗତ କମରୁଲ ହୋଦା ଆଜାଦ,ମାତା ତଇମିନା ଖାତୁନଙ୍କ ଔରଷରୁ ୨୮ଡିସେମ୍ବର ୧୯୫୯ ମସିହାରେ ଜନ୍ମଲାଭ କରିଥିଲେ ଓ ପାଠପଢା ସହିତ ଜନସାଧାରଣଙ୍କ ସେବାରେ ଲିପ୍ତ ରହିଥିଲେ ।

ମୁମୁ ନିଜ ଗାଁ ସହିତ ଆଖପାଖ ଅଂଚଳରେ ମଧ୍ୟ ଜଣେ ମେଳାପୀ ଓ ପରୋପକାରୀ କାର୍ଯ୍ୟରେ ରହି ଲୋକମାନଙ୍କ ସେବା କରୁଥିଲେ । ପୁରୁଣା ବଜାର ରୋଭର୍ସ କ୍ଲବରେ ଆଗଧାଡିର ଫୁଟବଲ ଖେଳାଳୀ ଭାବେ ସୁନାମ ଅର୍ଜନ କରିଛନ୍ତି । ୧୯୮୫ରୁ୧୯୯୦ମସିହାରେ ସମୟରେ ନିଜ ଗାଁ କାଜି ମହଲ୍ଲା ୱାର୍ଡ ନମ୍ବର ୨୭ରେ ୱାର୍ଡ ମେମ୍ବର ନିର୍ବାଚନରେ ନିର୍ବାଚିତ ହୋଇ କାଉନସିଲର ହୋଇଥିଲେ । ଏହାପରେ 'ନାଜନୀନ ଅଖତର ଆଜାଦ'ସହିତ ବିବାହ ହୋଇ ଆମେରିକାରେ ରହୁଥିବା ତାଙ୍କ ନିଜ ଭଉଣୀ ଓ ଭିଣେଇ ପାଖକୁ ଚାଲିଯାଇଥିଲେ ।

ସେଠାରେ ରହି ନିଜର ବ୍ୟବସାୟ ଆରମ୍ଭ କରି ୩୫ବର୍ଷ ପର୍ଯ୍ୟନ୍ତ ଆମେରିକାରେ ରହି ୧୪ ଡ଼ିସେମ୍ବର ୨୦୨୫ ଆମେରିକା ଠାରେ ହୃଦଘାତ ଯୋଗୁଁ ନିଜ ବାସଭାବନରେ ପରଲୋକ ହୋଇଛି । ତାଙ୍କ ମୃତ୍ୟୁର ଖବର ମୁମୁର ଭାଇ ମିର୍ଜା ଇଜାଜ ବେଗ ପ୍ରକାଶ କରିଥିବାରୁ ଭଦ୍ରକ ସହରରେ ଶୋକର ଛାୟା ଖେଳି ଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ମାଁ,ସ୍ତ୍ରୀ,ଏକ ମାତ୍ର ବିବାହିତ ପୁଅ ଓ ଅବିବାହିତ ଝିଅ ମଧ୍ୟ ଉପସ୍ଥିତ ରହିଥିଲେ ।

## ବୈତରଣୀରେ ବୃଦ୍ଧ ନିଖୋଜ

ଅସୁରାଳି, (ସବ୍ୟୁ): ଶୁକ୍ରବାର ରାତିରେ ବୈତରଣୀ ନଦୀକୁ ଶୌଚ ହେବାକୁ ଯାଇଥିବା ଧାମନଗର ବ୍ଲକ ପାଳସାହି ପଂଚାୟତ କୂଳସାହି ଗ୍ରାମର ଦୀନବନ୍ଧୁ ବିଶ୍ୱାଳ(୬୮) ନିଖୋଜ ଅଛନ୍ତି । ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଅନେକ ଖୋଜଖୋଜି ପରେ ମଧ୍ୟ ଶନିବାର ସନ୍ଧ୍ୟା ସୁଦ୍ଧା ତାଙ୍କର ସନ୍ଧାନ ମିଳିପାରିନାହିଁ । ଗତକାଲି ବୃଦ୍ଧ ଦୀନବନ୍ଧୁ ବେତାଳିଗାଁ ବଜାରରୁ ଘରକୁ ଯାଇ ଗାଁ'ନିକଟରେ ପ୍ରବାହିତ ବୈତରଣୀ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ ।

ଅନେକ ସମୟ ଯାଏଁ ସେ ନଫେରିବାରୁ ଘର ଲୋକେ ଖୋଜାଖୋଜି କରି ନଦୀ କୂଳରେ ତାଙ୍କ ଜୋତା ଭାସୁଥିବା ଦେଖିବାକୁ ପାଇଥିଲେ । ଏନେଇ ଧୂଷୁରୀ ଥାନା ସମେତ ଧାମନଗର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଆଜି କୂଳସାହି ଠାରୁ ସୁନ୍ଦରପୁର ପର୍ଯ୍ୟନ୍ତ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇ ଥିଲେ ବି ନିଖୋଜ ଦୀନବନ୍ଧୁଙ୍କ ସନ୍ଧାନ ମିଳିନାହିଁ । ବୈତରଣୀ ନଦୀରେ କୁମ୍ଭୀର ଆକ୍ରମଣର ଆଶଙ୍କା ଥିବାରୁ ନିଖୋଜ ଦୀନବନ୍ଧୁଙ୍କ ପରିବାର ଲୋକେ ଶଂକାଗ୍ରସ୍ତ ହୋଇ ପଡିଛନ୍ତି ।

## ଦୁଇ ବେଆଇନ ବାଲି ଗାଡି ଜବତ

ସୋର, (ସବ୍ୟୁ): ଶନିବାର ସକାଳେ ବେଆଇନ ବାଲି ଚାଲାଣ ହେଉଥିବା ନେଇ ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଛଡାଉ କରି ଗାଡିର କାଗଜପତ୍ର ଯାଞ୍ଚ କରିଥିଲେ।

ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଓଡି ୦୧ ଏଆର ୭୮୬୦ ଏବଂ ଓଡି ୦୯ ସି ୫୬୭୭ ନମ୍ବର ବିଶିଷ୍ଟ ଦୁଇଟି ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିଥିଲେ। ଚଢାଉ ହେଉଥିବା ଜଣିପାରି ୩୦ରୁ ଉର୍ଦ୍ଧ୍ୱ ଗାଡି ଫେରାର ହୋଇଯାଇଥିବା ଜଣାପଡିଛି ।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଡାଇବେଟିସ ଦିବସ –୨୦୨୫



ବାଲେଶ୍ୱରଳ (ସବ୍ୟୁ): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ଡାଇବେଟିସ ଦିବସ –୨୦୨୫ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଶ୍ୱ ଡାଇବେଟିସ ଦିବସର ବିଷବସ୍ତୁ – ଡାଇବେଟିସ ଏବଂ ସୁସ୍ଥତା ଉକ୍ତ ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନ ରତ ଛାତ୍ରୀମାନେ ଉପସ୍ଥିତ ଥିଲେ ।

ସଭାପତି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ୩ଚ (ଅଳ୍ପ ପରିସ୍ରା , ଅତ୍ୟଧିକ ଶୋଷ, ଅତ୍ୟଧିକ ଭୋକ ) ଏବଂ ୩ଢ (ପ୍ରତେହ ଜୀବନ ଚର୍ଯ୍ୟା, ସନ୍ତୁଳିତ ଖାଦ୍ୟ, ଔଷଧ) ଉପରେ ଧ୍ୟାନ ଦେବା ସଙ୍ଗେ ସଙ୍ଗେ ଗୋଷ୍ଠୀ ସ୍ତରରେ ୩୦ ବର୍ଷ ପୂରଣ କରିଥିବା ସମସ୍ତ ଜନସାଧାରଣଙ୍କର ରକ୍ତ ପରୀକ୍ଷା ଏବଂ ଆଲୋଚନା ଦ୍ୱାରା ଏହି ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ।ଡ଼ାକ୍ତର ମନୋଜ ସାହୁ କେଉଁ ଖାଦ୍ୟରେ କେତେ ପରିମାଣରେ ସୁଗାର ରହୁଛି ଏବଂ ଖାଦ୍ୟରେ ଭାତ ଏବଂ ରୁଟି କୁ ଅଳ୍ପ ପରିମାଣ ତତ୍ସହିତ ସବୁଜ ପରିବା, ଶାଗ ଏବଂ ସାଲାଡ଼ କୁ ବହୁ ପରିମାଣରେ ଖାଇବାକୁ ଉପଦେଶ ଦେଇଥିଲେ । ଡ଼ାକ୍ତର ସୂର୍ଯ୍ୟ ପ୍ରକାଶ ରାଉତ ରଏ ସଚେତନତା,ରକ୍ତ ଚାପ, କୋଲେଷ୍ଟରାଲ,ଔଷଧ ସହିତ ଚିନ୍ତା ପରିହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଡ଼ାକ୍ତର ପ୍ରଦୀପ କର (ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ), ଡ଼ାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଡ଼ାକ୍ତର ସଞ୍ଜୀବ କୁମାର ପ୍ରଧାନ ଡାଇବେଟିସର ସଚେତନତା ଓ ପ୍ରତିରୋଧ ଉପାୟ ଉପରେ ମତ ବ୍ୟକ୍ତ କରିଥିଲେ । ସଭା ଶେଷରେ ଅଣ ସଂକ୍ରାମକରୋଗ (ଡାଇବେଟିସ) ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ମୌସୁମୀ ସାମଲ (ଅଣ ସଂକ୍ରାମକ ଉପଦେଷ୍ଟା) ଧନ୍ୟବାଦ ଜଣାଇଥିଲେ ।


**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

**No. RDM-LAB-GM-0015-2025- 20959 / R&DM, Dated. 11 JUN 2025**

**XII-13:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ମୌଜା–ଛଣମେରି, ଥାନା– ପାଟପୁର, ତହସିଲ–ସାନଖେମୁଣ୍ଡି, ଜିଲ୍ଲା–ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ ୦.୫୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରୁଛନ୍ତି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପର ନିର୍ମାଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ ।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାର ଛେଳିଗଡ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା–୩୪୮୮୪, ତାରିଖ : ୦୮.୧୦.୨୦୨୪ରେ ଦ୍ରଷ୍ଟବ୍ୟ ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ

୬. ଜମିର ବିବରଣୀ

**ଜମିର ବିଶଦ ବିବରଣୀ**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ଛଣମେରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୫୪୫ | ଏ. ୦.୫୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ–ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା/- (ମଧୁସ୍ମିତା ସାହୁ)**
**ଅତିରିକ୍ତ ଶାସନ ସଚିବ**

**ଛଣମେରି ଗ୍ରାମର ଜମିର ବିବରଣୀ**

**ମୌଜା - ଛଣମେରି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅର୍ଜିତ ହେବାକୁ ଥିବା ଜମିର ପରିମାଣ (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨୭୩ | ୧୪୯୮ | ଶ୍ରୀ କପିଳେଶ୍ୱର ମହାଦେବ ବିଜେ ନିଜଗାଁ ମାର୍ଫତ ଛଣମେରି ଗ୍ରାମବାସୀ ତରଫେ ଟ୍ରଷ୍ଟି | ୧.୨୦୦ | ବିଲ ଅଣଜଳସେଚିତ ଦୁଇ | ୦.୨୪୦ | |
| | ୧୫୨୮ | | ୦.୨୬୦ | | ୦.୦୩୦ | |
| | ୧୫୩୧ | | ୦.୫୮୦ | | ୦.୦୧୫ | |
| | ୧୫୩୭ | | ୦.୨୪୫ | | ୦.୦୫୦ | |
| | ୧୫୨୬ | | ୦.୧୩୫ | | ୦.୦୯୦ | |
| | ୧୫୨୭ | | ୦.୧୨୫ | | ୦.୮୫ | |
| | | | | | ମୋଟ - ୦.୫୧୦ ଏକର | |

Sd/-
Spl. L.A. Cum-R & R.O. (M.I.P),
Mahendragada, (Gajapati

# ସମ୍ବାଦପତ୍ର ଓ ଆମେ



ସନତ ମିଶ୍ର

ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଏବେ ସମ୍ବାଦପତ୍ର ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି । ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ସମ୍ବାଦପତ୍ରକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା । ସ୍ୱାଧୀନତା ପରେ ମଧ୍ୟ ସମ୍ବାଦପତ୍ରକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଉଦାହରଣ ଦିଆଯାଉଥିଲା । ମାତ୍ର ସମ୍ବାଦପତ୍ର ବା ମୁଦ୍ରଣ ଗଣମାଧ୍ୟମ ଏବେ ସଙ୍କଟରେ ବୋଲି କୁହାଗଲାଣି । ସମ୍ବାଦପତ୍ରର ଇତିହାସ ବେଶ୍ ଉଜ୍ଜ୍ୱଳ ବୋଲି ମନେ ହୋଇଥାଏ । ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ସମ୍ବାଦପତ୍ର ଭାବେ 'ବେଙ୍ଗଲ ଗେଜେଟ୍' ବା 'କାଲକଟା ଜର୍ଣ୍ଣାଲ ଆଡ୍‌ଭାର୍ଟାଇଜର' ଇଂରାଜୀ ଭାଷାରେ ତତ୍କାଳୀନ କଲିକତା ଓ ଏବର କୋଲକତା ମହାନଗରରୁ ପ୍ରକାଶ ପାଇଥିଲା । ଏହାପରେ ୧୭୮୯ ମସିହାରେ ବମ୍ବେ (ଏବର ମୁମ୍ବାଇ)ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ହେରାଲ୍ଡ' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଅର' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂରାଜୀ ଭାଷାର ସମ୍ବାଦପତ୍ର 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା ।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ସମ୍ବାଦପତ୍ର ଭାବେ ୧୮୧୮ ମେ' ୨୩ରେ 'ସମାଚାର ଦର୍ପଣ' ପ୍ରକାଶ ପାଇବା ପରେ ହିନ୍ଦୀ ଭାଷାରେ ପ୍ରଥମ ସମ୍ବାଦପତ୍ର 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା ଓ ଏହା ପରେ କନ୍ନଡ଼, ମାଲାୟାଲମ୍, ତାମିଲ୍ ପ୍ରଭୃତି ଭାଷାରେ ସମ୍ବାଦପତ୍ରମାନ ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳ ଦୀପିକା' ସାପ୍ତାହିକ ସମ୍ବାଦପତ୍ର ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା । ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ । ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ସମ୍ବାଦପତ୍ର ଆଦୃତ ହୋଇଥିଲା। ଏବେ ଏକବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଉର୍ଦ୍ଧ୍ୱ ପୁରାତନ ସମ୍ବାଦପତ୍ର ଭାବେ ସକ୍ରିୟ ଥିବାବେଳେ ସମ୍ବାଦ, ଧରିତ୍ରୀ, ସମୟ, ପ୍ରମେୟ, ପ୍ରଜାତନ୍ତ୍ର ଓ ପ୍ରଗତିବାଦୀ ମଧ୍ୟ ନିଜ ନିଜର ସ୍ଥିତି ବଜାୟ ରଖି ପାରିଛନ୍ତି । ଆହୁରି ଅନେକ ଓଡ଼ିଆ ଦୈନିକ ସମ୍ବାଦପତ୍ର ଅଛି, ଯାହାର ନାମ ସବୁକୁ ଆଲୋଚନା କରାଯାଇ ପାରନ୍ତା ।

**ସାପ୍ତାହିକ ସମ୍ବାଦପତ୍ର ଭାବେ 'ରାଷ୍ଟ୍ରଦୀପ' ସାପ୍ତାହିକ ସମ୍ବାଦପତ୍ର ଅନ୍ୟାନ୍ୟ ସାପ୍ତାହିକ ସମ୍ବାଦପତ୍ର ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ଭର୍ତ୍ତୃହରି ମହତାବଙ୍କ ସମ୍ପାଦନାରେ 'ଝଙ୍କାର', ଇତି ସାମନ୍ତଙ୍କ ସମ୍ପାଦନାରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ', ପ୍ରଭୃତି ପ୍ରକାଶ ପାଇ ଚାଲିଛି । ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି ।**

ସାପ୍ତାହିକ ସମ୍ବାଦପତ୍ର ଭାବେ 'ରାଷ୍ଟ୍ରଦୀପ' ସାପ୍ତାହିକ ସମ୍ବାଦପତ୍ର ଅନ୍ୟାନ୍ୟ ସାପ୍ତାହିକ ସମ୍ବାଦପତ୍ର ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ଭର୍ତ୍ତୃହରି ମହତାବଙ୍କ ସମ୍ପାଦନାରେ 'ଝଙ୍କାର', ଇତି ସାମନ୍ତଙ୍କ ସମ୍ପାଦନାରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ', ପ୍ରଭୃତି ପ୍ରକାଶ ପାଇ ଚାଲିଛି । ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି ।

କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ସମ୍ବାଦପତ୍ର ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖା ଯାଇଥିଲା । ମାତ୍ର ଏବେ ସେପରି ଅବସ୍ଥା ନାହିଁ । ଏବେ ମୁଦ୍ରଣ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟିଭି ଚ୍ୟାନେଲ । ଏବେ ସେହି ସବୁ ଘରୋଇ ଓ ସରକାରୀ ଟିଭି ଚ୍ୟାନେଲକୁ ବା ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ । ଏବେ ମୋବାଇଲ୍‌ର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ୍ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ସାମାଜିକ ଗଣମାଧ୍ୟମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି । 'ହ୍ୱାଟ୍‌ସ ଆପ୍' ପରେ ସବୁଠାରୁ ବେଶୀ ଆଦୃତ ସାମାଜିକ ଗଣମାଧ୍ୟମ ହେଉଛି 'ଫେସ୍‌ବୁକ୍'। ସାରା ବିଶ୍ୱରେ ନିୟୁତ ନିୟୁତ ବ୍ୟକ୍ତି ଚଳିତବର୍ଷ (୨୦୨୫)ରେ ଏହି 'ଫେସ୍‌ବୁକ୍' ସହିତ ଯୋଡ଼ି ହୋଇ ରହିଛନ୍ତି । ଏହା ପଛକୁ 'ଇନ୍‌ଷ୍ଟାଗ୍ରାମ' ବି ରହିଛି । ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ୍ୟ ଟୁଇଟର ମଧ୍ୟ ପ୍ରଭାବଶାଳୀ ହୋଇପାରିଛି ।

ଏବେ ମୁଦ୍ରଣ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ବା ରାଜ୍ୟର ସରକାର ତଥା ସମ୍ବାଦପତ୍ର ମାଲିକମାନେ ଏଥିପ୍ରତି ସଚେତନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା । ଯେଉଁ ସାମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏବେ କୌଣସି ସକ୍ରିୟ ଭୂମିକାରେ ଥିବା ପରି ମନେ ହେଉନାହିଁ । ଅବଶ୍ୟ ବିଭିନ୍ନ ସଭା ସମିତି, ଧାରଣା, ଆଲୋଚନାଚକ୍ରରେ ସେମାନ ବ୍ୟସ୍ତ ରହୁଛନ୍ତି ।

ସମ୍ବାଦପତ୍ର ବା ଏହାର ସାମ୍ବାଦିକଙ୍କ ସ୍ୱାଧୀନତା ମଧ୍ୟ ସଙ୍କୁଚିତ ହୋଇଥିବା ପରି ମନେ ହେଉଛି । ସମ୍ବାଦପତ୍ରକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନ୍‌ସିଲ୍ ସଂସ୍ଥା ଆରମ୍ଭ କରିଥିଲେ । ସେହି ଦିବସଟି ଅର୍ଥାତ୍ ନଭେମ୍ବର ୧୬କୁ ଆମେ ପ୍ରେସ୍ ଦିବସ ଭାବେ ପାଳନ କରି ଆସୁଛୁ । ସର୍ବଭାରତୀୟ ସ୍ତରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଯାହାକି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି, ତାହାର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅଛନ୍ତି । ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି।

**ସାଧାରଣ ସମ୍ପାଦକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼, ଭୁବନେଶ୍ୱର**
**ମୋ-୯୧୭୮୪୧୭୧୭**

## ପ୍ରେସ ଦିବସ ଉପଲକ୍ଷେ

# ସଙ୍କଟରେ ଗଣମାଧ୍ୟମ



ରବି ରଥ

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ତିନୋଟି ଯାକ ସ୍ତମ୍ଭକୁ ପରାମର୍ଶ ଓ ଠିକ୍ ବାଟରେ ପରିଚାଳନା ପାଇଁ ଦିଗ୍‌ଦର୍ଶନ ଦେବା ଏହାର ପ୍ରଥମ ଲକ୍ଷ୍ୟ ଓ ଆଦର୍ଶ । ଆଜି ସମାଜରେ ଗଣମାଧ୍ୟମ ତା'ର ଲକ୍ଷ୍ୟ ଓ ଆଦର୍ଶରୁ କ୍ରମଶଃ ବିଚ୍ୟୁତ ହେବା ଘଟଣା ମୂଲ୍ୟବୋଧଭିତ୍ତିକ ଗଣତନ୍ତ୍ର ବିପର୍ଯ୍ୟସ୍ତ ଆଡ଼କୁ ହେବାକୁ ଲାଗିଛି । ଏକ ସମୟରେ ସମାଜରେ ସାମ୍ବାଦିକମାନଙ୍କ ସମ୍ମାନ ବହୁ ଉଚ୍ଚରେ ଥିଲା । ସାଧାରଣ ଜନତା ସାମ୍ବାଦିକଙ୍କୁ ଭୟ କରୁଥିଲେ ଏବଂ ସମ୍ମାନ ମଧ୍ୟ ଦେଉଥିଲେ ଆଜି ଆମ ଦେଶର ଗଣମାଧ୍ୟମ ଏପରି ଦିଗହରା ଓ ନିମ୍ନମୁଖୀ ହୋଇଛି ଯେ ସମଗ୍ର ଦେଶରେ ସାମ୍ବାଦିକମାନେ ନିରପେକ୍ଷ ରହିବା ବଦଳରେ ଦଳୀୟ ଭିତ୍ତିରେ ଭାଗ ଭାଗ ହେବାକୁ ବାଧ୍ୟ ହୋଇଛନ୍ତି ।

ଆଗରୁ ଗଣମାଧ୍ୟମ ଶତ ପ୍ରତିଶତ ସ୍ୱାଧୀନ ଥିଲା ବୋଲି କହୁନୁ । କିନ୍ତୁ ୭୦ ପ୍ରତିଶତ ଥିଲା ଆଗରୁ ଅନୁସନ୍ଧାନ । ସାମ୍ବାଦିକତାର ଅଂଶ ଭାବେ ଯଦି କିଏ କୌଣସି ଧନୀ ବା କ୍ଷମତାଶାଳୀଙ୍କର ବ୍ୟକ୍ତିଗତ ଚରିତ୍ର ସଂହାର କରୁଥିଲା ବା ତାଙ୍କର କଳାକାରନାମା, ଦୁର୍ନୀତି, ବ୍ୟଭିଚାର ଅଂଶ ଭାବେ ଯଦି କିଏ କୌଣସି ଧନୀ ବା କ୍ଷମତାଶାଳୀଙ୍କର ବ୍ୟକ୍ତିଗତ ଚରିତ୍ର ସଂହାର କରୁଥିଲା ବା ତାଙ୍କର କଳାକାରନାମା, ଦୁର୍ନୀତି, ବ୍ୟଭିଚାର ଆଦିର ପର୍ଦ୍ଦାଫାସ କରୁଥିଲା, ତେବେ ତାକୁ ହଇରାଣ ହରକତ ମଧ୍ୟ କରାଯାଉଥିଲା । ଏପରିକି ମାରିଦେବାର ଦୃଷ୍ଟାନ୍ତ ବି ରହିଛି । କିନ୍ତୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଯିଏ ସମାଲୋଚନା କଲା ବା ବିଫଳତା ଦର୍ଶାଇଲା, ସେହିପରି ବ୍ୟକ୍ତିଙ୍କୁ ସମସ୍ତେ ଦଳମତ ନିର୍ବିଶେଷରେ ଭଲ ପାଉଥିଲେ ଓ ତାଙ୍କ ଜ୍ଞାନର ଭୂରି ଭୂରି ପ୍ରଶଂସା କରୁଥିଲେ । ସେମାନଙ୍କୁ ବିଭିନ୍ନ ଉପଦେଷ୍ଟା ମଣ୍ଡଳୀରେ ରଖାଯାଉଥଲା ।

ଏହିପରି କାର୍ଯ୍ୟକୁ ଅଧ୍ୟୟନ ଓ ଅଧ୍ୟାପନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଧରାଯାଉଥିଲା । କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା । ଅନୁସନ୍ଧାନମୂଳକ ସାମ୍ବାଦିକତା ସମ୍ପୂର୍ଣ୍ଣ ମୃତ ସମସ୍ତେ ହିଁ କହିବା ମଣିଷ ଖୋଜୁଛନ୍ତି, ବର୍ତ୍ତମାନ ସରକାରଙ୍କୁ ତ୍ରୁଟିପୂର୍ଣ୍ଣ ନୀତି ନିରପେକ୍ଷ ଭାବେ ସମାଲୋଚନା କରିବା ସମ୍ଭବ ନୁହେଁ । ସେହିପରି ଯେଉଁ ବୁଦ୍ଧିଜୀବୀ ସରକାରଙ୍କ ସପକ୍ଷରେ କହିଲେ ବା ଲେଖିଲେ, ତାଙ୍କୁ ବିଭିନ୍ନ ସୁବିଧା, ସୁଯୋଗ, ପୁରସ୍କାର, ପଦ, ପଦବୀ, ଆସନ ମିଳିଲାବେଳେ, ଯେଉଁମାନେ ଲୋକଙ୍କ ହିତ ପାଇଁ ଶାସକ ଶ୍ରେଣୀର ତ୍ରୁଟିପୂର୍ଣ୍ଣ ବା ଧନୀଙ୍କ ସପକ୍ଷରେ କରାଯାଉଥିବା ନୀତି ଓ ସିଦ୍ଧାନ୍ତକୁ ବିରୋଧ କରୁଛନ୍ତି, ତାଙ୍କ ବିରୋଧରେ ଘୃଣାଭାବ ସୃଷ୍ଟି କରାଯାଉଛି । ସମାଲୋଚନା ଚାପିଦେବା ପାଇଁ ସମାଲୋଚନାକୁ ଏକ ନକାରାତ୍ମକ କାର୍ଯ୍ୟ ଭାବେ ଦର୍ଶାଯାଉଛି ।

ବାସ୍ତବରେ ପରିବାରର ସଦସ୍ୟ ବା ବନ୍ଧୁବାନ୍ଧବ ବା ସାଙ୍ଗସାଥୀଙ୍କ ଦୋଷ ବାରମ୍ବାର ଧରିବା ନକାରାତ୍ମକ କାର୍ଯ୍ୟ, କିନ୍ତୁ ଦେଶ, ଜାତି, ଗରିବ ଓ ଶ୍ରମିକ ଶ୍ରେଣୀର ହିତ ପାଇଁ ଶାସକ ଶ୍ରେଣୀ, କ୍ଷମତାଶାଳୀ, ଶିଳ୍ପପତିଙ୍କ ଦୋଷ, ତ୍ରୁଟି ବା ଶୋଷଣକୁ ଦର୍ଶାଇବା ଏକ ସକାରାତ୍ମକ କାର୍ଯ୍ୟ । ପୋଲିସ ଚୋର ଓ ଅପରାଧୀକୁ ଧରିବ, ବିଚାରପତି ଦୋଷୀକୁ ଦଣ୍ଡ ଦେବେ, ସ୍ତମ୍ଭକାର ଶୋଷଣ ବିରୁଦ୍ଧରେ ଲେଖିବେ ସେମାନେ ଯଦି ସକାରାତ୍ମକ ଚିନ୍ତାଧାରା ନାମରେ ଏସବୁ ନ କରନ୍ତି, ତେବେ ଦେଶରେ ଅରାଜକତା ଦେଖାଯିବ ଆଇନ କାନୁନ ରହିବ ନାହିଁ । ଏଭଳି ଘଟଣା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ବାରମ୍ବାର ହେଉଛି ।

ଯେଉଁ ଗଣମାଧ୍ୟମ ଶାସନ ଗୋଷ୍ଠୀର ହାତବାରିସି ହେଉନାହାନ୍ତି । ସେମାନଙ୍କ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅକ୍ଟୋବର ୩ ତାରିଖରେ ଦିଲ୍ଲୀ ପୋଲିସ ୫୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ସାମ୍ବାଦିକଙ୍କ ଘରେ ଚଡ଼ାଉ କରି କେତେକଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଥିଲା ।

**ଓଡ଼ିଶାରେ ଥିବା ବିଭିନ୍ନ ସାମ୍ବାଦିକ ସଂଗଠନ ମଧ୍ୟରେ ସମନ୍ୱୟ ଓ ଏକତା ନଥିବାରୁ ରାଜ୍ୟ ସରକାର ଏହାର ଫାଇଦା ଉଠାଉଛନ୍ତି । ଅପରପକ୍ଷରେ ଉକ୍ତ ସାମ୍ବାଦିକ ସଂଗଠନଗୁଡ଼ିକ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ ଭଳି ସମସ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତିହତ କରି ମଠର ମହନ୍ତଙ୍କ ଭଳି ଗାଦି ମାଡ଼ି ବସିଛନ୍ତି । ଏହା ମଧ୍ୟ ସଂଗଠନ ପ୍ରତି ବିପଦ ସୃଷ୍ଟି କରିବ ।**

ସମଗ୍ର ଭାରତରେ ଏବେ ଗଣମାଧ୍ୟମ ତା'ର ବିଶ୍ୱସନୀୟତା ହରାଇଛି ବୋଲି ବିଭିନ୍ନ ଗବେଷଣା ତଥା ସୂଚକାଙ୍କରୁ ଜଣାପଡ଼ିଛି । 'ଦି ରିପୋର୍ଟର୍ସ ଉଇଦାଉଟ୍ ବର୍ଡର୍ସ'ର ବାର୍ଷିକ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୨୦୨୩ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରେ ୧୬୧ ସ୍ଥାନରେ ଅଛି । ଅର୍ଥାତ୍ ଗଣମାଧ୍ୟମ ସ୍ୱାଧୀନତା ଦୃଷ୍ଟିରୁ ୧୬୦ଟି ଦେଶ ତଳେ ପୂର୍ବବର୍ଷ ୧୮୦ଟି ଦେଶ ମଧ୍ୟରେ ୧୫୦ ସ୍ଥାନରେ ଥିଲା ୨୦୧୪ରେ, ଭାରତ ଏହି ସୂଚକାଙ୍କରେ ୧୪୦ ଓ ୨୦୧୬ରେ ୧୩୩ ସ୍ଥାନରେ ଥିଲା ଅର୍ଥାତ୍ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଉନ୍ନତି ଘଟିଲାବେଳେ ୨୦୧୬ରୁ ୨୦୨୩ ମଧ୍ୟରେ ୨୮ ସ୍ଥାନ ନିମ୍ନଗାମୀ ହୋଇଛି । ଅର୍ଥାତ୍ ନରେନ୍ଦ୍ର ମୋଦିଙ୍କ ପ୍ରଥମ ଦୁଇବର୍ଷରେ ଉନ୍ନତି ଘଟିଥିଲା କିନ୍ତୁ ତା'ପରେ ଗଣମାଧ୍ୟମ ସ୍ୱାଧୀନତା କ୍ରମଶଃ ହ୍ରାସ ପାଇଲା । ୨୦୧୬ ପରେ ଭାରତର ଗଣମାଧ୍ୟମ କ୍ରମଶଃ ବିଶ୍ୱାସନୀୟତା ହରାଇଲା । ପୁନଶ୍ଚ ଯିଏ ସରକାରଙ୍କ ସପକ୍ଷରେ ସମ୍ବାଦ ପରିବେଷଣ କଲା, ତାକୁ ବିଜ୍ଞାପନ ସାଙ୍ଗକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ମିଳିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ, ଓଡ଼ିଶାର ଏକ ଦୈନିକ ସମ୍ବାଦପତ୍ରର ସମ୍ପାଦକ ନିଜ ସମ୍ପାଦକୀୟରେ 'ସରକାର ବଡ଼ ନା ପ୍ରଶାସନିକ ଅଧିକାରୀମାନେ ବଡ଼' ସମ୍ପର୍କିତ ଖବର ପ୍ରକାଶନ ପରେ ଉକ୍ତ ସମ୍ବାଦପତ୍ରକୁ ଆକ୍ରୋଶମୂଳକ ଭାବେ ପ୍ରଦାନ କରାଯାଉଥିବା ବିଜ୍ଞାପନ ବନ୍ଦ କରି ଦିଆଗଲା । ଗତ ୪୦ ବର୍ଷ ଧରି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସମୟରୁ ସାମ୍ବାଦିକଙ୍କୁ ପେନସନ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ହିସାବକୁ ନେଲେ ପ୍ରାୟ ଏକ ହଜାର ସାମ୍ବାଦିକ ରହିଥିବେ । ପଡ଼ୋଶୀ ରାଜ୍ୟମାନଙ୍କରେ ପେନସନ ବ୍ୟବସ୍ଥା ଓ ସାମ୍ବାଦିକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦିଆ ଯାଉଥିବା ବେଳେ ଓଡ଼ିଶା ସରକାର ସେ ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ । ଓଡ଼ିଶାର ବୃହତ ସମ୍ବାଦପତ୍ର ବୋଲାଉଥିବା ଦୈନିକ ସମ୍ବାଦପତ୍ରଗୁଡ଼ିକ ସରକାରଙ୍କ ଠାରୁ ବିଜ୍ଞାପନ ପାଉଥିବା ବେଳେ କେବଳ ସେମାନେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ପ୍ରେସନୋଟକୁ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶାରେ ଥିବା ବିଭିନ୍ନ ସାମ୍ବାଦିକ ସଂଗଠନ ମଧ୍ୟରେ ସମନ୍ୱୟ ଓ ଏକତା ନଥିବାରୁ ରାଜ୍ୟ ସରକାର ଏହାର ଫାଇଦା ଉଠାଉଛନ୍ତି । ଅପରପକ୍ଷରେ ଉକ୍ତ ସାମ୍ବାଦିକ ସଂଗଠନଗୁଡ଼ିକ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ ଭଳି ସମସ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତିହତ କରି ମଠର ମହନ୍ତଙ୍କ ଭଳି ଗାଦି ମାଡ଼ି ବସିଛନ୍ତି । ଏହା ମଧ୍ୟ ସଂଗଠନ ପ୍ରତି ବିପଦ ସୃଷ୍ଟି କରିବ ।

ଅବଶ୍ୟ 'ଦି ରିପୋର୍ଟର୍ସ ଉଇଦାଉଟ୍ ବର୍ଡର୍ସ'ର ରିପୋର୍ଟରେ କୁହାଯାଇଛି ସାମ୍ବାଦିକମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରିବାକୁ ଚେଷ୍ଟା କରାଯାଇଛି । ସାରା ଦେଶରେ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକର ଉନ୍ମୋଚନ କରିବାକୁ ଲକ୍ଷ୍ୟ ରଖିଥିବା ଲୋକନୀତି-ସିଏସ୍‌ଏସ୍‌ର ଏକ ରିପୋର୍ଟ ୨୦୨୩ ମସିହା ଜୁଲାଇ ମାସରେ ପ୍ରକାଶ ପାଇଛି । ଏ ରିପୋର୍ଟ ଅନୁସାରେ ଚାରିଜଣ ସାମ୍ବାଦିକଙ୍କ ମଧ୍ୟରୁ ତିନିଜଣ ବିଶ୍ୱାସ କରୁଥିଲେ ଯେ ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ସେମାନେ କମ୍ ମୁକ୍ତ ଅଟନ୍ତି ।

ଖବରକାଗଜ ବିଷୟରେ ସମାନ ଅନୁଭବ କରୁଥିବା ସାମ୍ବାଦିକଙ୍କ ସଂଖ୍ୟା ୫୫ ପ୍ରତିଶତ ଥିଲା 'ମିଡିଆ ଇନ୍ ଇଣ୍ଡିଆ: ଟ୍ରେଣ୍ଡସ୍ ଏବଂ ପାଟର୍ନସ୍' ଶୀର୍ଷକ ଏହି ରିପୋର୍ଟରେ ବିଭିନ୍ନ ଗଣମାଧ୍ୟମ ପ୍ଲାଟଫର୍ମ, ଭାଷା ପୃଷ୍ଠଭୂମି ଏବଂ ଲିଙ୍ଗ ପ୍ରତିନିଧିକୁ ଅନ୍ତର୍ଭୁକ୍ତ କରି ବିବିଧ ସାମ୍ବାଦିକଙ୍କ ମଧ୍ୟରେ କରାଯାଇଥିବା ଏକ ଅନଲାଇନ ସର୍ଭେ ଉପରେ ଆଧାରିତ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି । ସର୍ବେକ୍ଷଣରୁ ପରିସଂଖ୍ୟାନ ସମ୍ବନ୍ଧରେ ଆଉ ଏକ ତଥ୍ୟ କହେ, ସର୍ଭେ କରାଯାଇଥିବା ୮୨ ପ୍ରତିଶତ ବିଶ୍ୱାସ କରନ୍ତି ଯେ ଶାସକ ବିଜେପିକୁ ଗଣମାଧ୍ୟମ ସମର୍ଥନ କରୁଛି ।

ପୁନଶ୍ଚ ୮୦ ପ୍ରତିଶତ କହିଛନ୍ତି ଯେ ସମ୍ବାଦ ପରିବେଷଣ ବିଜେପି ପାଇଁ ଅତ୍ୟନ୍ତ ଅନୁକୂଳ ବୋଲି ମନେ କରୁଥିବାବେଳେ ୬୧ ପ୍ରତିଶତ ଅନୁଭବ କରିଛନ୍ତି ଯେ, ବିରୋଧୀ ଦଳ ପ୍ରତି ଏହା ଅତ୍ୟନ୍ତ ଅନୁକୂଳ ନୁହେଁ । ଜି-୨୦ ଶିଖର ସମ୍ମିଳନୀରେ 'ଭାରତ ଗଣତନ୍ତ୍ରର ଜନନୀ' ଶିରୋନାମାରେ ଏକ ପୁସ୍ତିକା ପ୍ରଦାନ କରାଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ଥରେ ପ୍ରେସ୍ ମିଟ୍ କରିନଥିଲେ, ଯାହାକୁ ନେଇ ବିଦେଶୀ ଗଣମାଧ୍ୟମ ପ୍ରଶ୍ନ ଉଠାଇଥିଲେ । କିନ୍ତୁ କ୍ଷମତା ଜଣକୁ ଭୁଲ୍ ବାଟରେ ନେବାର ଆଶଙ୍କା ଥାଏ । ଏଣୁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଏହା ଦେଶ ଓ ଲୋକଙ୍କ ସମସ୍ୟା, ବିଶେଷକରି ଦାରିଦ୍ର୍ୟ, କ୍ଷୁଧା, ବେକାରୀ ଓ ବୈଷମ୍ୟ, ଦରଦାମ୍ ବୃଦ୍ଧି, ଘରୋଇକରଣର କୁପ୍ରଭାବ, ଜୀବନର ଗୁଣାତ୍ମକ ମାନ ହ୍ରାସ, ସମାଜ ଭୟାନକ ଭାବେ ଅସ୍ଥିର ଓ କଳୁଷିତ ହେବା, ଲୋକ କ୍ରମଶଃ ସ୍ୱାର୍ଥପର, ହିଂସ୍ର ଓ ପ୍ରତି ହିଂସାପରାୟଣ ହେବା ସମ୍ପର୍କରେ ଆଲୋଚନା କରିବା ଉଚିତ । ଅନେକ ଯୁକ୍ତି କରନ୍ତି ଯେ ସେମାନଙ୍କର କୌଣସି ରାଜନୈତିକ ଦଳକୁ ସମର୍ଥନ କରିବା ହେଉଛି ନିଜର ମୌଳିକ ଅଧିକାର ହଁ, ସେମାନେ ବ୍ୟକ୍ତିଗତ ଜୀବନରେ ତାହା କରିପାରନ୍ତି । କିନ୍ତୁ ଜଣେ ବୁଦ୍ଧିଜୀବୀ ବା ସାମ୍ବାଦିକ ହିସାବରେ ଦଳ ମତ ନିର୍ବିଶେଷରେ କେବଳ ଲୋକଙ୍କ ହିତରେ ଯାହା ହେବ ସେହି ଅନୁସାରେ ମନ୍ତବ୍ୟ ଦେବା ଉଚିତ କେଉଁ ଦଳ ଭଲ ବା ଖରାପ କହୁନାହୁଁ, କି କିଏ ଅଧିକ ସଫଳ ଓ ବିଫଳ କହୁନୁ କିନ୍ତୁ ଏକ ସରକାର ନିର୍ବାଚିତ ହୋଇଥାଏ ଲୋକଙ୍କ କାମ କରିବା ପାଇଁ ଲୋକଙ୍କ ଅର୍ଥ ବ୍ୟୟ କରି ପ୍ରଚାର ପାଇଁ ନୁହେଁ, ପୁନଶ୍ଚ ଗଣମାଧ୍ୟମ ଜନତାଙ୍କୁ ସକାରାତ୍ମକ ଦିଗରେ ପ୍ରଭାବିତ କରିବା ପରିବର୍ତ୍ତେ, ସରକାରଙ୍କୁ ସୁହାଇଲା ପରି ସମ୍ବାଦ ପରିବେଷଣ କରୁଛି । ଏଠି ପ୍ରଶ୍ନ ନୁହେଁ, କିଏ ଶାସନ କରୁଛି ପ୍ରଶ୍ନ ହେଉଛି ଗଣମାଧ୍ୟମ ଶୋଷଣ ଓ ଭୁଲ ତଥ୍ୟ ବିରୁଦ୍ଧରେ ଏକ ବଡ଼ ଅସ୍ତ୍ର ଅଟେ । ଏହାର ବିକଳ୍ପ ନାହିଁ । ଅବଶ୍ୟ ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଚାହିଁଲେ, ପୁଣି ଗଣମାଧ୍ୟମ ଜାଗି ଉଠିବ ।

**ସମ୍ପାଦକ ନବୀନ,**
**ଅଧ୍ୟକ୍ଷ, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ,ନବୀନ ଭବନ,**
**ବ୍ରହ୍ମପୁର-୭୬୦୦୧୦**

# ବିଭ୍ରାନ୍ତିଠାରୁ ସାମାଜିକ ଗଣମାଧ୍ୟମ ଦୂରେଇ ରହୁ



ପ୍ରଦ୍ୟୁମ୍ନ କୁମାର ମହାନ୍ତି

ସଂସ୍କୃତରେ ନୀତିଶିକ୍ଷାରେ ଏକ ଶ୍ଳୋକ ଅଛି ଯେ 'ଗଧ ପିଠିରେ ଚନ୍ଦନ କାଠର ଭାର ଲଦା ହୋଇଗଲେ ସେ ତାର ମୂଲ୍ୟ ବୁଝେନାହିଁ' । ଏବେ ଏହି ଶ୍ଳୋକଟି କିଛି ଗଣମାଧ୍ୟମ କ୍ଷେତ୍ରରେ ପ୍ରଯୁଜ୍ୟ ହେଉଥିବା ଉପଲବ୍ଧି ହେଉଛି । ଜନସାଧାରଣଙ୍କୁ ନିର୍ଭୁଲ ସୂଚନା ଦେଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ହେଉଛି ଗଣମାଧ୍ୟମର ଧର୍ମ । କିନ୍ତୁ ପ୍ରାୟ ଏକ ଦଶନ୍ଧି ହେଲା ବିଭିନ୍ନ ଗଣମାଧ୍ୟମରେ ଭୁଲ୍ ସୂଚନା, ବିଭ୍ରାନ୍ତିକର ସୂଚନା, ଉଦ୍ଦେଶ୍ୟ ମୂଳକ ଭାବରେ ଅର୍ଦ୍ଧସତ୍ୟ ତଥ୍ୟ ପ୍ରସାରଣ ଭଳି କିଛି ଘଟଣା ବଢ଼ିଚାଲିଛି । ଏପ୍ରକାରର ଘଟଣା ଏଇ ଦୁଇଚାରି ବର୍ଷ ହେଲା କୃତ୍ରିମ ବୁଦ୍ଧିମତ୍ତା ସାମ୍ବାଦିକତା ଏକ ପ୍ରକାରର କାମଳ ସାମ୍ବାଦିକତା । ସମ୍ବାଦ ପରିବେଷଣ ସମୟରେ ସମାଜରେ ସମ୍ବାଦଟି କେଉଁ ପ୍ରକାରର ପ୍ରଭାବ ପକାଇବ , ତା'ର ଆକଳନ ମଧ୍ୟ ସାମ୍ବାଦିକ କରିବା ଉଚିତ । ଗଣମାଧ୍ୟମ ଭାବରେ ଆକାଶବାଣୀର ସ୍ଥାନ ସ୍ୱତନ୍ତ୍ର ।

ସମ୍ବାଦର ନିର୍ଭରଯୋଗ୍ୟ ଉତ୍ସ, ସତ୍ୟତା ଓ ସମୟାନୁବର୍ତ୍ତିତା ଏପର୍ଯ୍ୟନ୍ତ ରକ୍ଷାକରି ଆସିଛି । ଏହାର ଅପବ୍ୟବହାରର ପ୍ରଶ୍ନ ଉଠେନାହିଁ । ଟେଲିଭିଜନର ସାମ୍ବାଦିକତା କ୍ଷେତ୍ରରେ ଦେଖାଯାଇଛି ଯେ ଏକ ନିର୍ଦ୍ଧାରିତ ଗାଇଡଲାଇନକୁ ନେଇ ଦୂରଦର୍ଶନ ସମ୍ବାଦ ଓ କାର୍ଯ୍ୟକ୍ରମ ପରିବେଷଣ କରେ । ଟେଲିଭିଜନ ପ୍ରସାରଣ ପରେ ଘରୋଇ ଚ୍ୟାନେଲଗୁଡ଼ିକ ବିଭିନ୍ନ ସମୟରେ ବିବାଦରେ ଛନ୍ଦି ହୋଇଛି । ଏବେ ବିଭ୍ରାନ୍ତିକର ତଥ୍ୟର ଅନ୍ୟନାମ ସାମାଜିକ ଗଣମାଧ୍ୟମ । ସମାଜପ୍ରତି, ଦେଶପ୍ରତି, ବୃତ୍ତିପ୍ରତି ଉତ୍ତରଦାୟିତ୍ୱ ଦିନକୁଦିନ ସାମାଜିକ ଗଣମାଧ୍ୟମ

**ଭାରତୀୟ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଧର୍ମେନ୍ଦ୍ରଙ୍କୁ ଅସୁସ୍ଥତା ହେତୁ ମୁମ୍ବାଇର ବ୍ରିଚକାଣ୍ଡି ହସପିଟାଲରେ ରହିବାକୁ ପଡିଲା । ମାତ୍ର ଦୁଇତିନିଦିନ ଚିକିତ୍ସା ଚାଲିଥିବା ଭିତରେ ସାମାଜିକ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହୋଇଗଲା । ଜଣକୁ ଦେଖି ଆଉ ଜଣେ ସେହି ଗଣମାଧ୍ୟମରେ ତାଙ୍କଲାଗି ଅଶ୍ରୁଳ ଶ୍ରଦ୍ଧାଞ୍ଜଳିର ବାର୍ତ୍ତା ପୋଷ୍ଟ କରିବାରେ ଲାଗିଲେ । ମାତ୍ର କିଛି ଘଣ୍ଟା ମଧ୍ୟରେ ହଜାର ହଜାର ଶ୍ରଦ୍ଧାଞ୍ଜଳିରେ ସାମାଜିକ ଗଣମାଧ୍ୟମ ଭର୍ତ୍ତି ହୋଇଗଲା ।**

ପ୍ରୟୋଗ ପରିପ୍ରେକ୍ଷୀରେ ଅତ୍ୟଧିକ ପରିମାଣରେ ଦେଖାଗଲାଣି । ଗଣମାଧ୍ୟମରେ ଅର୍ଦ୍ଧସତ୍ୟର ପରିବେଷଣ ସାଧାରଣ ଜନତାଙ୍କୁ ବହୁ ପରିମାଣରେ ଅସୁବିଧାରେ ପକାଉଛି । ଗଣମାଧ୍ୟମଗୁଡ଼ିକ ନିଜର ମଧ୍ୟ ବିଶ୍ୱସନୀୟତା ହରାଉଛି । ବର୍ତ୍ତମାନ ପାରମ୍ପରିକ ଛାପା ଗଣମାଧ୍ୟମରେ ବିଭ୍ରାନ୍ତିମୂଳକ ଖବର କମ୍ ପରିମାଣରେ ରହୁଥିବା ସ୍ଥଳେ ବୈଦ୍ୟୁତିକ ଗଣମାଧ୍ୟମରେ ମଧ୍ୟମ ଧରଣର ଓ ସାମାଜିକ ଗଣମାଧ୍ୟମରେ ଅତ୍ୟଧିକ ଭାବରେ ରହୁଥିବା ଦେଖାଯାଉଛି ।

ଏଇ ନିକଟରେ ଘଟିଯାଇଥିବା ଏକ ଘଟଣା ଏଠାରେ ଉଲ୍ଲେଖ କରିବା ଉଚିତ ହେବ । ଭାରତୀୟ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତା ଧର୍ମେନ୍ଦ୍ରଙ୍କୁ ଅସୁସ୍ଥତା ହେତୁ ମୁମ୍ବାଇର ବ୍ରିଚକାଣ୍ଡି ହସପିଟାଲରେ ରହିବାକୁ ପଡିଲା । ମାତ୍ର ଦୁଇତିନିଦିନ ଚିକିତ୍ସା ଚାଲିଥିବା ଭିତରେ ସାମାଜିକ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାରିତ ହୋଇଗଲା । ଜଣକୁ ଦେଖି ଆଉ ଜଣେ ସେହି ଗଣମାଧ୍ୟମରେ ତାଙ୍କଲାଗି ଅଶ୍ରୁଳ ଶ୍ରଦ୍ଧାଞ୍ଜଳିର ବାର୍ତ୍ତା ପୋଷ୍ଟ କରିବାରେ ଲାଗିଲେ । ମାତ୍ର କିଛି ଘଣ୍ଟା ମଧ୍ୟରେ ହଜାର ହଜାର ଶ୍ରଦ୍ଧାଞ୍ଜଳିରେ ସାମାଜିକ ଗଣମାଧ୍ୟମ ଭର୍ତ୍ତି ହୋଇଗଲା । ପରେ ଜଣାପଡିଲା ଯେ ଏହି ଖବର ମିଛ । ସାମାଜିକ ଗଣମାଧ୍ୟମରେ କୌଣସି ଏକ ଖବର ଆସିବା ମାତ୍ରେ ଏହାର ସତ୍ୟାସତ୍ୟ ପରୀକ୍ଷା ନକରି ଲୋକେ ମତାମତ ଓ ପ୍ରତିକ୍ରିୟା ଦେଉଛନ୍ତି ।

ଜଣେ ଏପରି କରିଲେ ଆଉ ଅନେକ ବିନା ବିଚାରରେ କଟୁ ମନ୍ତବ୍ୟ, ଅଶାଳୀନ ମନ୍ତବ୍ୟ, ଅଶ୍ଳିଳ ମନ୍ତବ୍ୟ ଆଦି ଦେବାରେ ଆଉ ବିଳମ୍ବ କରୁ ନାହାନ୍ତି । ଏହା ଫଳରେ ସର୍ବୋତ୍ତଭାବେ ଗଣମାଧ୍ୟମ ବିଶ୍ୱସନୀୟତା ହରାଉଛି । ଚନ୍ଦନ କାଠ ପରିବର୍ତ୍ତେ ପାଳଧୂଆ କାଠ ପିଠିରେ ଲଦିଲେ ଗଧର କିଛି ଯାଏଆସେ ନାହିଁ । ସେହିପରି ଗଣମାଧ୍ୟମର ଅବସ୍ଥା । ସାମାଜିକ ଗଣମାଧ୍ୟମକୁ ସବୁବେଳେ ମୁଦ୍ରିତ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକମାନେ ନଜର ରଖୁଛନ୍ତି । କିନ୍ତୁ, ଖବରକାଗଜରେ ଛାପିବା ପୂର୍ବରୁ ଏହାର ସତ୍ୟାସତ୍ୟ କିନ୍ତୁ ପରୀକ୍ଷା କରାଯାଉଛି ।

ବୈଦ୍ୟୁତିକ ଗଣମାଧ୍ୟମ ମଧ୍ୟ ବିନା ପରୀକ୍ଷାରେ କିଛି ପ୍ରକାଶ କରୁନାହିଁ । ସାମାଜିକ ଗଣମାଧ୍ୟମରେ ଯିଏ ପାରେ ସିଏ ପୋଷ୍ଟ କରିବାର ସ୍ୱାଧୀନତା ଆମର ମର୍ଯ୍ୟାଦା ହାନି କରିଛି । ଉତ୍ତର ଦାୟିତ୍ୱ ବୋଲି ସାମାଜିକ ଗଣମାଧ୍ୟମରେ କିଛି ନାହିଁ । ଏଥିପାଇଁ ଏକ ଦୃଢ଼ ଆଇନର ଆବଶ୍ୟକତା ଅନୁଭୂତ ହେଲାଣି । ଉତ୍ତର ଦାୟିତ୍ୱବିହୀନ ହରାଉଛି । ବର୍ତ୍ତମାନ ସମୟରେ ଗଣମାଧ୍ୟମ, ବିଶେଷକରି ସାମାଜିକ ଗଣମାଧ୍ୟମରେ କୌଣସି ଏକ ପୋଷ୍ଟ କରିବା ସମୟରେ ପୋଷ୍ଟ କରୁଥିବା ବ୍ୟକ୍ତିଙ୍କୁ ଏହାର ଫଳାଫଳ ଲାଗି ଉତ୍ତରଦାୟୀ କରାଯିବାର ଆଇନ ପ୍ରଣୟନ ହେବା ଆବଶ୍ୟକ । ସାମାଜିକ ଗଣମାଧ୍ୟମର ଏକ ପ୍ରକୃତି ହେଲା ଅନୁକରଣ ବା ଫରୱାଡ୍ ସୁବିଧା । ଜଣେ କିଛି ଏକ ଘଟଣାର ବିବରଣୀକୁ ପୋଷ୍ଟ କରିବା ସମୟରେ ତାଙ୍କୁ ପ୍ରଥମ ପୋଷ୍ଟକାରୀ ଭାବରେ ସ୍ଥାୟୀ ଭାବେ ଚିହ୍ନଟ କରାଯିବାର ବ୍ୟବସ୍ଥା ହେଲେ ଲୋକେ ସତର୍କ ହୋଇଯିବେ । ଗଣମାଧ୍ୟମର ବିଶ୍ୱସନୀୟତାକୁ ରକ୍ଷା କରାଯିବାର ପ୍ରଥମ ପଦକ୍ଷେପ ଏଇଠୁ ଆରମ୍ଭ କରାଗଲେ ଅନ୍ୟ ଗଣମାଧ୍ୟମଗୁଡିକ ସ୍ୱତଃ ସତର୍କ ହୋଇଯିବେ । ଗଣମାଧ୍ୟମ କୌଣସି ବ୍ୟକ୍ତି ବିଶେଷ ନୁହେଁ, ଏହା କେବଳ ବ୍ୟକ୍ତି କିମ୍ବା କିଛି ବ୍ୟକ୍ତିଙ୍କର ପ୍ରକାଶର ଏକ ମାଧ୍ୟମ । ବିଶେଷଭାବେ କୃତ୍ରିମ ବୁଦ୍ଧିମତ୍ତାର ବୈଷୟିକ କୌଶଳ ସାର୍ବଜନୀନ ହୋଇଯିବା ପରେ, ଯେ କେହି ଦାୟିତ୍ୱହୀନ ଭାବରେ ସୂଚନା, ସମ୍ବାଦ କିମ୍ବା ତଥ୍ୟ ପରିବେଷଣର ଉତ୍ତରଦାୟିତ୍ୱ ଗ୍ରହଣ କରିବାକୁ ଆଇନତଃ ବାଧ୍ୟ ହେବା ସମୟ ଆସିଯାଇଛି ।

ଏ ଦିଗରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ (ପିସିଆଇ)କେନ୍ଦ୍ର ସରକାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସୁପାରିସ କରିବା ଆବଶ୍ୟକ । ଆମର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କ ନିମିତ୍ତ କିଛି କର୍ତ୍ତବ୍ୟ ପାଳନର ମଧ୍ୟ ନିର୍ଦ୍ଦେଶ ଦିଏ । ସମ୍ବିଧାନର ଧାରା ୫୧ (କ)(ଙ) ରାଷ୍ଟ୍ରୀୟ ସଂହତି ରକ୍ଷା ଓ ନାଗରିକମାନଙ୍କ ମଧ୍ୟରେ ଭ୍ରାତୃଭାବ ରକ୍ଷା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ବୋଲି ନିର୍ଦ୍ଦେଶ ଦେଇଛି । ଏହାର ଉଲ୍ଲଘଂନକୁ ଗୁରୁତର ଅପରାଧ ଭାବରେ ପରିଗଣିତ କରି ଉତ୍ତରଦାୟିତ୍ୱ ହୀନ ସାମ୍ବଦିକତାକୁ ସମାପ୍ତ କରାଗଲେ ଭାରତ ବିଶ୍ୱର ନେତୃତ୍ୱ ନେବାରେ ସମର୍ଥ ହେବ ।

**ବରିଷ୍ଠ ସାମ୍ବାଦିକ ଓ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ,**
**ଓଡ଼ିଶା ଉପ-ସଭାପତି**
**ମୋ-୯୪୩୭୩୦୯୦୦୯**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୩୪୫...

ରାଜ୍ୟ ସ୍ତରୀୟ ଜନଜାତୀୟ ଗୌରବ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଆଜି ରାଉରକେଲା ଠାରେ ସୁନ୍ଦରଗଡ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

ଉପସ୍ଥିତ ରାଉରକେଲାବାସୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେଷିତ ଲୋକମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢେଇ ଜାରି ରଖିଥିଲେ । ବିର୍ସା ମୁଣ୍ଡାଙ୍କ ବିଦ୍ରୋହ ଝାଡଖଣ୍ଡ, ଓଡିଶା, ବିହାର, ପଶ୍ଚିମ ବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପୀ ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ସେ ପୁଣି କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରେରଣାଦାୟୀ ଉଦ୍ୟମରେ ଆଜି ମହାନ୍ ଜନଜାତି ନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସକୁ ସାରା ଦେଶରେ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି । ଏହି ଉତ୍ସବ ଭଗବାନ ବିର୍ସା ମୁଣ୍ଡାଙ୍କ ବୀରତ୍ୱ, ତ୍ୟାଗ ଓ ସାହସ ନିମନ୍ତେ ଉତ୍ସର୍ଗୀକୃତ ।

ସେ ଆହୁରି କହିଥିଲେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ । ଜନଜାତି ସମ୍ପ୍ରଦାୟଙ୍କ ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନେକ ଯୁଗାନ୍ତକାରୀ ପଦକ୍ଷପ ଗ୍ରହଣ କରିଛନ୍ତି । ପିଏମ୍ ଜନ୍‌ମନ୍ ଯୋଜନା, ଧରତୀ ଆବା ଜନଭାଗିଦାରୀ ଅଭିଯାନ, ଆଦିକର୍ମ ଯୋଗୀ ଅଭିଯାନ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଜନଜାତି ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଉଦ୍ୟମ ଜାରିରହିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ, ଜନଜାତି ସମ୍ପ୍ରଦାୟଙ୍କ ସର୍ବାଙ୍ଗୀନ ବିକାଶ ଲାଗି ରାଜ୍ୟ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି । ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ସେମାନଙ୍କୁ ସଶକ୍ତ କରାଯାଉଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ଜନଜାତି ପରିବାରଗୁଡିକୁ ଜୀବନ ଜୀବିକାରେ ସହାୟତା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରାଯାଉଛି । ଜନଜାତି ଛାତ୍ରଛାତ୍ରୀଙ୍କ ସ୍କୁଲ ଡ୍ରପଆଉଟ୍ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନାରେ ଅର୍ଥିକ ସହାୟତା ପ୍ରଦାନ କରାଯାଉଛି । ମୋଦୀଜୀଙ୍କ ନେତୃତ୍ୱରେ ଜନଜାତି ସଶକ୍ତିକରଣର ସବୁଠାରୁ ବଡ ଉଦାହରଣ ହେଉଛନ୍ତି ଦେଶର ମହାମହିମ ରାଷ୍ଟ୍ରପତି ଓ ସେ ନିଜେ ବୋଲି ସେ କହିଥିଲେ ।

କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲାପାଳ ସୁନ୍ଦରଗଡ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

## ୯ ମୃତ...

ଚିକିତ୍ସିତ ହେଉଛନ୍ତି । ଗତକାଲି ରାତିରେ ଏହି ବିସ୍ଫୋରଣ ଘଟିଥିଲା । ଏଥିରେ ଥାନାର କୋଠା କ୍ଷତିଗ୍ରସ୍ତ ହୋଇଛି । ତେବେ ସଫଳତାର ସହ ଉଦ୍ଧାର କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ ନୌଗାମ୍ ଥାନାରେ ଦୁଇଟି ଏତଲା ରୁଜୁ କରାଯାଇଛି । ନଭେମ୍ବର ୯ରେ ଏହିଁ ବିସ୍ଫୋରକ ସାମଗ୍ରୀ ଫରିଦାବାଦରୁ ଜବତ ହୋଇଥିଲା । ଏହି ବିସ୍ଫୋରଣ ଯୋଗୁ ଥାନା ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି । ଦୁଇ ରୁ ତିନି କିମି ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ଏହାର ଆଖପାଖରେ ଥିବା ଅଧିକାଂଶ ଘରର ଝରକା ଭାଙ୍ଗି ଯାଇଛି ।

## ଦୁଇ...

କ୍ରାଇମ୍‌ୟୁନିଟ୍ ମୁଖ୍ୟ ଅନୁପ କାନୁନ୍‌ଗୋ ଉପସ୍ଥିତ ଥିଲେ । ଗିରଫ ଦୁଇ ବନ୍ଧୁକ ବ୍ୟବସାୟୀ ପୂର୍ବରୁ କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଆଦି ଅଞ୍ଚଳକୁ ବନ୍ଧୁକ ଚାଲାଣ କରିଛନ୍ତି । ସେମାନେ କେଉଁକେଉଁମାନଙ୍କୁ ବନ୍ଧୁକ ଦେଇଛନ୍ତି ଜାଣିବା ପାଇଁ କ୍ରାଇମ୍‌ୟୁନିଟ୍ ପକ୍ଷରୁ ତଦନ୍ତ ଜାରି ରହିଛି ।

ପୂର୍ବରୁ ଗିରଫ ହୋଇଥିବା ବନ୍ଧୁକ ବେପାରୀଙ୍କ ପାଖରୁ ଏହି ବେପାରୀଙ୍କ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କୁ ଧରିବା ପାଇଁ ପୋଲିସ ଯୋଜନା ପ୍ରସ୍ତୁତ କରିଥିଲା । କାରଣ ପୂର୍ବରୁ ସେମାନେ ବନ୍ଧୁକ ଦେଇ ଖସିଯାଉଥିବାବେଳେ କ୍ରେତାମାନେ ଗିରଫ ହେଉଥିଲେ । ତାଙ୍କୁ ଧରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଗ୍ରାହକ ସାଜିବା ଯୋଜନା ପ୍ରସ୍ତୁତ କରାଯାଇଥିଲା । ଗିରଫ ଦୁଇଜଣଙ୍କ ନିକଟରୁ ମୁଖ୍ୟ ଚାଲାଣକାରୀ ଓ ବନ୍ଧୁକ ପ୍ରସ୍ତୁତ ସ୍ଥାନମାନଙ୍କ ସମ୍ପର୍କରେ ପୋଲିସ ସୂଚନା ପାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ବିହାରରୁ ବନ୍ଧୁକ ଆସୁଥିବା କଟକ ବୈୟାଳିଶ ମୌଜାରେ ବନ୍ଧୁକ କାରଖାନା ଏସ୍‌ଟିଏଫ୍ ଠାବ କରିବା ପରେ ସ୍ପଷ୍ଟ ହୋଇଥିଲା । ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକଙ୍କ ପାଖରେ ଏହି ବିହାରୀ ର୍ୟାକେଟ୍‌ର ବନ୍ଧୁକ ଥିବା ଜଣାପଡ଼ିଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଗିରଫ କରିପାରୁ ନଥିଲା । ସେଥିପାଇଁ ଅଭିନବ ଯୋଜନା ପ୍ରସ୍ତୁତ କରାଯାଇ ଦୁଇଜଣଙ୍କୁ ଗିରଫ କରାଗଲା ବୋଲି ପୋଲିସ କହିଛି । ବାସ୍ତବ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ଦେଲେ ବନ୍ଧୁକ ଚାଲାଣକାରୀଙ୍କୁ ଧରିବାରେ ସମସ୍ୟା ସୃଷ୍ଟି ହେବ ବୋଲି ପୋଲିସ କମିଶନର ସାମ୍ବାଦିକ ସମ୍ମିଳନୀରେ କହିଥିଲେ ।

ଗିରଫ ଦୁଇଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଆବଶ୍ୟକ ହେଲେ ରିମାଣ୍ଡରେ ଆଣି ଅଧିକ ପଚରା ଉଚରା କରାଯିବ ବୋଲି ସୂଚନା ମିଳିଛି ।

## ଉପକୂଳଠୁ...

ଉମାଶଙ୍କର ଦାଶ ସୂଚନା ଦେଇ କହିଛନ୍ତି ଯେ, ରାଜଧାନୀ ଭୁବନେଶ୍ୱରରେ ପୁଣି ତଳମୁହାଁ ହୋଇଛି ପାରଦ । ଶନିବାର ରାତିରେ ୧ ଡିଗ୍ରୀ ତଳକୁ ତାପମାତ୍ରା ଖସିଥିଲା । ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ପାରଦ ସ୍ୱାଭାବିକ ଠାରୁ ୫ ଡିଗ୍ରୀ କିମ୍ବା ଆହୁରି କମ୍ ରେକର୍ଡ ହେଉଛି । ଭୁବନେଶ୍ୱରରେ ଗତକାଲି ରାତିର ତାପମାତ୍ରା ୧୪.୮ ଡିଗ୍ରୀ ସେଲସିୟସ୍ ରହିଥିଲା । ଯାହା ସ୍ୱାଭାବିକଠାରୁ ୪.୮ ଡିଗ୍ରୀ କମ୍ ରହିଥିଲା ।

ଶନିବାର ସକାଳ ୫.୩୦ ସୁଦ୍ଧା ସେମିଳିଗୁଡାରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରହିଥିବା ବେଳେ ଦାରିଙ୍ଗବାଡିରେ ୮ ଡିଗ୍ରୀ ଓ ଜି. ଉଦୟଗିରିରେ ୮ ଡିଗ୍ରୀ ଦାପମାତ୍ରା ରେକର୍ଡ କରାଯାଇଥିଲା । ସେହିପରି ଫୁଲବାଣୀରେ ୯.୫ ଡିଗ୍ରୀ, ରାଉରକେଲାରେ ୧୦.୨ ଡିଗ୍ରୀ, ଝାରସୁଗୁଡାରେ ୧୦.୩ ଡିଗ୍ରୀ, ଅନୁଗୁଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇରେ ୧୧.୩ ଡିଗ୍ରୀ, କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଓ କେନ୍ଦୁଝରରେ ୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ ।୧୮ ତାରିଖ ପର୍ଯ୍ୟନ୍ତ ରାତିର ତାପମାତ୍ରା ଅପରିବର୍ତ୍ତିତ ରହିବ । ତେବେ ୧୯ ରୁ ୨୧ ତାରିଖ ମଧ୍ୟରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୨ ରୁ ୩ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ ।

## ଖଡ଼୍‌ଗେଙ୍କୁ...

ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳ, କୋଷାଧ୍ୟକ୍ଷ ଅଜୟ ମାକେନ୍ ଓ ବିହାରର ଦାୟିତ୍ୱରେ ଥିବା ଏଆଇସିସି ପର୍ଯ୍ୟବେକ୍ଷକ କ୍ରିଷ୍ଣା ଆଲାଭରୁ ଉପସ୍ଥିତ ଥିଲେ ।

ବିହାର ନିର୍ବାଚନ ସମ୍ପର୍କରେ ଦଳର ଏଭଳି ପ୍ରଦର୍ଶନ ନେଇ ବେଣୁଗୋପାଳ ନିର୍ବାଚନ କମିଶନଙ୍କ ଉପରେ ସବୁ ଦୋଷ ଲଦିଛନ୍ତି । ସେ କହିଛନ୍ତି ଯେ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ଏବେ ପ୍ରଶ୍ନବାଚୀରେ । ଏଥିରେ ସ୍ୱଚ୍ଛତା ନାହିଁ । ଦଳ ପକ୍ଷରୁ ଏହାର ଫଳାଫଳକୁ ବିଶ୍ଳେଷଣ କରାଯାଉଛି । ସଠିକ୍ ପ୍ରମାଣ ସହ କିଛି ସପ୍ତାହ ମଧ୍ୟରେ ଆମେ ଏହା ଲୋକ ଲୋଚନକୁ ଆଣିବୁ । ବିହାରର ଯେଉଁ ଫଳ ଆସିଛି ତାହା ଆମ ପାଇଁ ଅବିଶ୍ୱସନୀୟ । କେବଳ କଂଗ୍ରେସ ପାଇଁ ନୁହେଁ, ବିହାରର ଜନସାଧାରଣ ଓ ଆମ ସହଯୋଗୀ ଦଳ ମଧ୍ୟ ଏହାକୁ ବିଶ୍ୱାସ କରୁନାହାନ୍ତି । ଆମେ ସମସ୍ତଙ୍କ ସହ ଆଲୋଚନା କରିଛୁ । ୯୦%ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍ ରାଜନୈତିକ ଦଳର ଥାଇ ମଧ୍ୟ ଭାରତ ଇତିହାସରେ କେବେ ଏଭଳି ଘଟିନାହିଁ । ଆମେ ବିହାରରୁ ତଥ୍ୟ ସଂଗ୍ରହ କରୁଛୁ । ଗୋଟିଏ କିମ୍ବା ଦୁଇ ସପ୍ତାହ ମଧ୍ୟରେ ସଠିକ୍ ପ୍ରମାଣ ପାଇବୁ । ଆମେ ପୂର୍ବରୁ ଏନେଇ ମଧ୍ୟ ପ୍ରଶ୍ନ କରିଥିଲୁ । ନିର୍ବାଚନ କମିଶନ ଏକପାଖିଆ ଭାବେ କାର୍ଯ୍ୟ କରୁଛନ୍ତି । ଖୁବ୍‌ଶୀଘ୍ର ପ୍ରମାଣ ସହ ଆମେ ଆସିବୁ ।

## ଶିମିଳିପାଳରେ...

ଅଭ୍ୟାସ କରାଯିବ । ବ୍ୟାଘ୍ର ଅଭୟାରଣ୍ୟର କିଲୋମିଟର ଗ୍ରୀଡ୍ । ପ୍ରତ୍ୟେକ ୨୫ଦିନର ୨ଟି ଚକ୍ରରେ ପାଖାପାଖି ୧୫୦୦ କ୍ୟାମେରା ଟ୍ରାପ୍ ନିୟୋଜିତ କରାଯିବା ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ପରେ ଡିସେମ୍ବର ୧ ରୁ କ୍ୟାମେରା ଟ୍ରାପିଂ ଅଭ୍ୟାସ ଆରମ୍ଭ ହେବାନେଇ ଶିମିଳିପାଳ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି ।

## ଆର୍‌ଜେଡିର...

ରହିଛି । ବିହାରରେ ନିର୍ବାଚନ ଲଢୁଥିବା ସବୁ ଦଳଠାରୁ ଏହା ଅଧିକ । ୨୦୨୦ରେ ଆର୍‌ଜେଡିର ଭୋଟ୍ ହାର ୨୩.୧୧% ଥିଲା ଓ ଦଳ ଏକକ ସଂଖ୍ୟାଗରିଷ୍ଠ ଭାବେ ୭୫ ଆସନ ପାଇଥିଲା । ଆସନ ହ୍ରାସ ସତ୍ତ୍ୱେ ବି ଆର୍‌ଜେଡିକୁ ୧ କୋଟି ୧୫ ଲକ୍ଷ ୪୬ ହଜାର ୫୫ ଭୋଟର ଭୋଟ୍ ଦେଇଛନ୍ତି । ଏଥିସହ ବିଜେପିକୁ ତୁଳନା କଲେ ତଥ୍ୟ ଭିନ୍ନ ଦିଶୁଛି । ବିଜେପି ଏବେ ଏକକ ସଂଖ୍ୟାଗରିଷ୍ଠ ଦଳ । ମାତ୍ର ଭୋଟ୍ ହାର ୨୦.୮% । ୨୦୨୦ରେ ରେ ବିଜେପିର ଭୋଟ୍ ହାର ୧୯.୪% ଥିଲା । ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ୧ କୋଟି ୮୧ ହଜାର ୧୪୩ ଲୋକ ବିଜେପିକୁ ଭୋଟ୍ ଦେଇଛନ୍ତି । ସେହିଭଳି ବିଜେଡିର ସହଯୋଗୀ ନୀତିଶ କୁମାରଙ୍କ ଜେଡିୟୁ ୧୦୧ ଆସନରେ ଲଢ଼ି ୮୫ ଆସନ ଜିତିବାକୁ ସମର୍ଥ ହୋଇଛି । ଏହାର ଭୋଟ୍ ହାର ୧୯.୨୫% ଥିବାବେଳେ ମୋଟ୍ ୯୬ ଲକ୍ଷ ୬୭ ହଜାର ୧୧୮ ଜଣ ମତଦାତା ଜେଡିୟୁକୁ ଭୋଟ୍ ଦେଇଛନ୍ତି । ୨୦୨୦ରେ ଜେଡିୟୁର ଭୋଟ୍ ହାର ୧୫.୩୯% ଥିଲା । ଏଥର ଏଥିରେ ସାମାନ୍ୟ ବୃଦ୍ଧି ହୋଇଛି । ନୀତିଶ କୁମାର ସରକାରଙ୍କ ବିରୋଧରେ ବ୍ୟବସ୍ଥା ବିରୋଧୀ ହାୱା ମଧ୍ୟ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଥିଲା । ସବୁଠୁ ଆଶ୍ଚର୍ଯ୍ୟଜନକ ଫଳ କରିଛି ଚିରାଗ ପାଶୱାନଙ୍କ ଲୋକ ଜନଶକ୍ତି ପାର୍ଟି ଓ ହାମ୍, ରାଷ୍ଟ୍ରୀୟ ଲୋକମୋର୍ଚ୍ଚା । ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ୪.୯% ଭୋଟ୍ ହାରରେ ୧୯ ଆସନ ଜିତିଛି । ସେହିଭଳି ହାମ୍ ୫ ଆସନ ଜିତିଛି । ଅପରପକ୍ଷରେ କଂଗ୍ରେସର ଭୋଟ୍ ହାର ୮.୭୧% ଥିବାବେଳେ ଦଳ ମାତ୍ର ୬ ଆସନରେ ଜିତିବାରେ ସକ୍ଷମ ହୋଇଛି । ସିଧା ସରଳ ଭାଷାରେ ବୁଝିଲେ ସମୁଦାୟ ଭୋଟ୍‌ର ଭୋଟ ହାରକୁ ନେଇ ନିର୍ବାଚନରେ ଦଳର ଆସନ ଆକଳନ କରାଯାଇଥାଏ । ଏହା ସ୍ପଷ୍ଟ ଯେ ଆର୍‌ଜେଡି ଏବେ ବିହାରରେ ଲୋକପ୍ରିୟ । ଲାଲୁ ପ୍ରସାଦ ଯାଦବଙ୍କ ଜଙ୍ଗଲ ରାଜର ଅବତରଣା ସତ୍ତ୍ୱେ ବି ବିହାରର ମତଦାତା ଆର୍‌ଜେଡିକୁ ପ୍ରତ୍ୟାଖ୍ୟାନ କରିନାହାନ୍ତି ।

# କୂଅରେ ପଡ଼ିଥିବା ଛୋଟ ଦନ୍ତା ହାତୀ ଉଦ୍ଧାର

ମୁରିବାହାଲ, (ସବୁ୍ୟ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡିଘାଟ ପଞ୍ଚାୟତ ଲତାସହଡ଼ା ଗ୍ରାମର ଏକ ପରିତ୍ୟକ୍ତ କୂଅରେ ଶନିବାର ପୁଣି ଏକ ବଣୁଆ ଛୋଟ ଦନ୍ତା ହାତୀ(୫ବର୍ଷ) ପଡ଼ିଥିବା ଦେଖିବାକୁ ମିଳିଥିଲା । ବଡି ଭୋରରେ ହାତୀଟି କୂଅରେ ପଡ଼ିଥିବା ଅନୁମାନ କରାଯାଉଥିବା ବେଳେ ସାଥୀରେ ଥିବା ଅନ୍ୟ ହାତୀପଲ ଛୋଟ ଦନ୍ତାହାତୀକୁ ଉଦ୍ଧାର କରିବାକୁ ଆପ୍ରାଣ ଉଦ୍ୟମ କରିଥିବା ଚିହ୍ନ ଦେଖିବାକୁ ମିଳିଥିଲା । ସ୍ଥାନୀୟ ଗ୍ରାମବାସୀମାନେ ସକାଳେ ହାତୀଟି କୂଅରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ସେମାନେ ବନ ବିଭାଗକୁ ସୂଚନା ଦେଇଥିଲେ । ବନ ବିଭାଗ ପହଞ୍ଚି ପୁଲିସ ଓ ଦମକଳ ବିଭାଗର ସାହାଯ୍ୟରେ ଏକ ଜେସିବିରେ ମାଟି ଖୋଳି ହାତୀକୁ ସୁରକ୍ଷିତ ଉଦ୍ଧାର କରିଥିବା ଜଣାପଡ଼ିଛି । ପୂର୍ବରୁ ଗୁରୁବାର ଦିନ ଗୁଡିଘାଟ ସେକ୍ସନ ବିଜାମାଳ ଗ୍ରାମର ଏକ ପରିତ୍ୟକ୍ତ କୂଅରେ ଗୋଟିଏ ଛୋଟ ହାତୀ(୨ବର୍ଷ) ପଡିଯାଇଥିଲା ।

ବନ ବିଭାଗ ପକ୍ଷରୁ ପୁଲିସ ଓ ଦମକଳ ବାହିନୀ ସହାୟତାରେ ହାତୀ ଛୁଆକୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ଉଦ୍ଧାର ହାତୀଛୁଆ ଆକ୍ରମଣରେ ହାତୀଛୁଆ ଦେଖିବାକୁ ଯାଇଥିବା ଗୁଡିଘାଟ କେନ୍ଦୁପତ୍ର ବିଭାଗ ଫରେଷ୍ଟର ପ୍ରଦୀପ କୁମାର ନାଥ ଗୁରୁତର ଆହତ ହୋଇ ଏବେ ବଲାଙ୍ଗିର ଭୀମ ଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ୭୦ଟିକିଆ ହାତୀପଲ ରହିଯାଇ ଆତଙ୍କ ସୃଷ୍ଟି କରୁଥିବାରୁ ପୂର୍ବରୁ ୨ଜଣଙ୍କ ଅକାଳରେ ଜୀବନ ଯିବା ସହ ୫ଶହରୁ ଉର୍ଦ୍ଧ୍ୱ ଚାଷୀଙ୍କ ଫସଲ ନଷ୍ଟ ଅଭିଯୋଗ ହୋଇସାରିଛି । ଏଣୁ ନିଜ ଧନ ଜୀବନର ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବା ତଥା ହାତୀ ଥିବା ଘଟଣା ସ୍ଥଳକୁ ସାଧାରଣ ଲୋକେ ନ ଯିବାକୁ ମୁରିବାହାଲ ବନ ବିଭାଗ ଓ ପୁଲିସ ଥାନା ପକ୍ଷରୁ ଅନୁରୋଧ କରାଯାଇଥିଲା । ଫଳରେ ଆଜି ସାଧାରଣ ଲୋକେ କେହି ମଧ୍ୟ ଘଟଣା ସ୍ଥଳକୁ ଯାଇନଥିଲେ । ହାତୀଟି ଉଦ୍ଧାର ପରେ ଜେସିବିକୁ ଆକ୍ରମଣ କରିଥିଲା, କିନ୍ତୁ ବିଫଳ ହୋଇ ଅନାୟାସରେ ଜଙ୍ଗଲକୁ ଚାଲି ଯାଇଥିଲା । ଦନ୍ତାହାତୀ ଉଦ୍ଧାର ବେଳେ ଗୁଡିଘାଟ ଫରେଷ୍ଟର ଜୟକୃଷ୍ଣ ଭୋଇ, ମୁରିବାହାଲ ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତି,ଥାନା ଆଇଆଇସି ସନାତନ ସାହୁ, ରେଞ୍ଜର ଶିବ ପ୍ରସାଦ ନାୟକ,ଡିଏଫଓ ଅଜିତ ବିଶି ଓ ଏସିଏଫ୍ ମୁରାରୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ନିରୀକ୍ଷଣ କରିଥିଲେ । ହାତୀପଲକୁ ଅନ୍ୟ ଅଞ୍ଚଳକୁ ଘଉଡ଼ାଇବାକୁ ଉଦ୍ୟମ କରାଯିବ ବୋଲି ଡିଏଫଓ ଅଜିତ ବିଶି ପ୍ରକାଶ କରିଛନ୍ତି ।

# ପୂର୍ବ ଶତ୍ରୁତାରୁ ପୋଲିସ କର୍ମଚାରୀଙ୍କୁ ପଥରେରେ ଛେଚି ହତ୍ୟା

ହରଭଙ୍ଗା, (ସବୁ୍ୟ) : ପୂର୍ବ ଶତ୍ରୁତାରୁ ଘଟିଛି ଜଘନ୍ୟ ହତ୍ୟାକାଣ୍ଡ । ଏଭଳି ଘଟଣା ଘଟିଛି ପୁରୁଣାକଟକ ଥାନା ଅନ୍ତର୍ଗତ ବାଲିସାଇ ଗ୍ରାମରେ । ଜଣେ ପୋଲିସ କର୍ମଚାରୀଙ୍କୁ ପଥରରେ ଛେଚି ହତ୍ୟା କରିବାର ଚାରି ଦିନ ପରେ ଗଳିତ ଶବର ସୁରାକ ପାଇଥିଲା ସ୍ଥାନୀୟ ପୋଲିସ୍ ।

ସୂଚନା ମତେ ବାଲିସାଇ ଗ୍ରାମର ମୃତକ ପୋଲିସ କର୍ମଚାରୀ ଉଦୟ ରଞ୍ଜନ ପଟ୍ଟନାୟକ ପଡୋଶୀ ଘର ସଂଜୟ ନାଏକଙ୍କ ସହ ପୂର୍ବରୁ ମିଳାମିଶା ହେଉଥିଲେ । କୌଣସି କାରଣ ବଶତଃ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ସଂଜୟ ଉତକ୍ଷିପ୍ତ ହୋଇ ଚାରି ଦିନ ପୂର୍ବରୁ ଉଦୟ ରଞ୍ଜନଙ୍କୁ ପଥର ରେ ଛେଚି ଘର ପଛ ପାଖରେ ଅଳିଆ ଗଦାରେ ପୋତି ଦେଇଥିଲା । ଚାରି ଦିନ ପରେ ମୃତ ଦେହ ପଚିଶଢି ଗନ୍ଧ ହେବାରୁ ଗାଁ ଲୋକ ଜାଣିଥିଲେ । ଏ ନେଇ ଶନିବାର ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳ ରେ ପୋଲିସ୍ ପହଁଚି ଗଳିତ ଶବକୁ ଜବଦ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ସଂଜୟକୁ ଗିରଫ କରିଛି । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ, ଡଗ୍ସ ସ୍କ୍ୱାଡ଼ ପୁରୁଣାକଟକ ପୋଲିସ ପହଁଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା । ମୃତକ ଉଦୟ ରଞ୍ଜନ ପଟ୍ଟନାୟକ ଫୁଲବାଣୀ ଜିଲ୍ଲା ବାଲୁଗୁଡା ଥାନା ଅଞ୍ଚଳ ରେ ପୋଲିସ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଚି । ଘଟଣା ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ହତ୍ୟା ଘଟଣାର କାରଣ ଜଣାପଡିବ ବୋଲି ବୌଦ୍ଧ ଏସଡ଼ିପିଓ ଲରେନ୍ସ ରାଉତରାୟ ସୂଚନା ଦେଇଛନ୍ତି ।


**AFFIDAVIT**

By virtue of affidavit sworn before the Notary Public, Bhubaneswar dated 13th November 2025, I Biranchi Narayan Shrichandan address At -Pariraypur, PO - Raypur, PS - Gadisagoda, Dist- Puri, Pin -752020 declare that I have changed the name of my son from Swaraj Barik to Swaraj Shrichandan. Henceforth, he shall be known as Swaraj Shrichandan for all purposes.

**Biranchi Narayan Shrichandan**

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 15.11.2025 I, Sushanta Ranjan Patra S/o- Kashinath Patra Resident of Village- Bhaliadihi Po- Madanpur Ps- Odagaon Dist- Nayagarh, Pin- 752090 declare that I have changed my minor Son's name from **Samya Ranjan Patra** to **Soumya Ranjan Patra**. Henceforth, He shall be known as **Soumya Ranjan Patra** for all purposes.

**Sd/- Sushanta Ranjan Patra**

**AFFIDAVIT**

By virtue of an affidavit sworn before Notary Public, Nayagarh Odisha on dated 13.11.2025 I, Sagarika Dora W/o- Sunil Kumar Dora Resident Of Village- Keshapania Po- Bhaliadihi Ps- Sarankul, Dist- Nayagarh, Pin- 752092 declare that I have changed my name from **K. Sagarika Dora** to **Sagarika Dora**. Henceforth, I shall be known as **Sagarika Dora** for all purposes.

**Sd/- Sagarika Dora**

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 14.11.2025 I, Krupasindhu Pradhan S/o- late Gopal Pradhan Resident Of Village- Bodapada P.O- Barapalli Ps- Sadar Nayagarh Dist-Nayagarh, Pin-752070 declare that I have changed my name from **Suresh Pradhan** to **Krupasindhu Pradhan**. Henceforth, I shall be known as **Krupasindhu Pradhan** for all purposes.

**Sd/- Krupasindhu Pradhan**

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 13.11.2025 I, Amulya Rout W/o- Ramesh Kumar Rout Resident Of Village- Khatia Po- Khatia Ps- Ranpur Dist- Nayagarh, Pin- 752079 declare that I have changed my name from **Amuli Rout** to **Amulya Rout**. Henceforth, I shall be known as **Amulya Rout** for all purposes.

**Sd/- Amulya Rout**

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No.TPWODL/IA/O/SITC/2500001095**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**SITC of 33kV & 11kV river crossing line with PC+6 Tower along with associated accessories in TPWODL service area.**

Interested bidders are to submit Tender Participation Fee and Authorization Letter through email on or before **24th November 2025, 15:00Hrs,** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief- TS, Contracts and Stores**

**OFFICE OF THE DIVISIONAL FOREST OFFICER, ATHGARH FOREST DIVISION, ATHGARH**
E-Mail ID : dfo.athagarh@odisha.gov.in

MM - 280

**GOVERNMENT OF ODISHA**

**"e" procurement Notice for Building Works**

**Bid Identification No. DFO-ATH - 01 of 2025-26**

| | | | |
|---|---|---|---|
| 1. | Name of the Work | : | 1 No. Building works. |
| 2. | Estimated Cost | : | Rs.13.66,338 Lakh (Appx.) |
| 3 | Class of Contractor | : | "D" & "C" Class (Only) |
| 4. | Tender Paper Cost | : | Rs.6,000/- (Online) for each work |
| 5. | Period of completion | : | 03 (Three) calendar Months |
| 6. | Date & time of availability of bid document in the portal | : | From 17.11.2025 to 5PM of 01.12.2025 |
| 7. | Last dale / time of receipt of bids in the portal | : | 5 PM of 01.12.2025 |
| 8. | Date & time of opening of bids | : | 11 AM of 02.12.2025 |
| 9. | Name and address of the Officer Inviting Bid | : | Divisional Forest Officer, Athgarh Forest Division. |

Further details can be seen from the e-procurement portal "https:// tendersodisha.gov.in

**Sd/- Divisional Forest Officer, Athgarh Forest Division**

**GOVERNMENT OF ODISHA : OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail-eephbls@gmail.com

C-1479

**NATIONAL COMPETITIVE BIDDING THROUGH e-Procurement (Online Mode)**

**Invitation for Bids (IFB) dt.12.11.2025**

The Executive Engineer, P.H, Division, Balasore on behalf of Governor of Odisha, invites Percentage Rate bids in Double Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation, Testing & Commissioning of DG Sets (CPCB IV+ GEN Set with AMF Pannel) with Movable Trolley including shed for Jaleswar Town | SEPHBLS-27 dt. 12.11.2025 | 64.12 | 02 (two) Calendar Month | 11.00 Hrs. of dt.18.11.2025 | 17.00 Hrs. of dt.03.12.2025 | 17.00 Hrs. of dt.28.11.2025 | 11.00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can he seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004

**Sd/- Superintending Engineer, P.H. Division, Balasore**

**GOVERNMENT OF ODISHA : OFFICE OF THE EXECUTIVE ENGINEER, P.H. DIVISION, BALASORE**
Phone : 9438660004, e-mail-eephbls@gmail.com

C-1482

**NATIONAL COMPETITIVE BIDDING THROUGH e-Procurement (Online Mode)**

**Invitation for Bids (IFB) dt.12.11.2025**

The Executive Engineer, P.H, Division, Balasore on behalf of Governor of Odisha, invites Percentage Rate bids in Double Bid system in ONLINE mode only.

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of Price bid |
|---|---|---|---|---|---|---|---|---|
| | | | | | From | To | | |
| 1 | Supply, Installation, Testing & Commissioning of DG Sets (CPCB IV+ GEN Set with AMF Pannel) with Movable Trolley including shed for Remuna Town | SEPHBLS-29 dt. 12.11.2025 | 76.60 | 02 (two) Calendar Month | 11.00 Hrs. of dt.18.11.2025 | 17.00 Hrs. of dt.03.12.2025 | 17.00 Hrs. of dt.28.11.2025 | 11.00 Hrs. of dt.04.12.2025 |

The bidders shall have to participate in ONLINE bidding only. Further details can he seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone : 9438660004

**Sd/- Superintending Engineer, P.H. Division, Balasore**

O-1410 E.Mail- rw boudh@yahoo.co.in

**Government of Odisha**

**e-Procurement Notice**

**Bid Identification No. Online tender/ 07/S.E.RW BOUDH/2025-26**

**NATIONAL COMPETITIVE BIDDING THROUGH e-procurement**

**Name of the work: - Building works - 62 Nos**

1. Estimated cost: - Rs. 1.68 to 12.61 lakh (approximately)
2. Period of completion: - 01 (One) calendar Month
3. Date & Time of availability of Bid documents in the portal: - From 17.11.2025,10.00AM to 27.11.2025, 5.00 PM
4. Last date / Time for receipt of bids in the portal: - 27.11.2025 up to 5.00 PM
5. Last date / Time for seeking of Tender clarification: - 26.11.2025 up to 5.00 PM
6. Date & Time of opening of Tender / Bid: - 28.11.2025 at 11.00 AM
7. Name & Address of the officer inviting Bid: - Executive Engineer, R.W Division, Boudh .

**Further details, corrigendum(s) etc can be seen from the e-procurement portal "https:// www.tendersorissa.gov.in"**

**Sd/- Executive Engineer R.W. Division, Boudh**

Phone-06842-253708
E-mail: rw_phulbani@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**

O - 1436 No. 4660 RWDP, Dated : 12.11.2025

**Government of Odisha e-Procurement Notice**

**Bid Identification No. Online Tender/11/SERWD PHULBANI/ 2025-26**

| | | | |
|---|---|---|---|
| 1 | Name of the work | : | Road Work (32Nos.) |
| 2 | Estimated cost | : | Rs5.88 Lakhs & 47.90Lakhs |
| 3 | Period of Completion | : | One & Two Calendar months |
| 4 | Date & Time of availability of Bid documents in the Portal | : | From 18.11.2025 10.00 AM. to 27.11.2025 Upto 5.00 PM |
| 5 | Last Date/ Time for receipt of Bids in the Portal | : | 27.11.2025 upto 5.00 PM |
| 6 | Name and address of the Officer Inviting Bid | : | Superintending Engineer, Rural Works Division, Phulbani |

Further details can be seen from the e-procurement portal website **www.tendersodisha.gov.in**

**Sd/- Superintending Engineer Rural Works Division, Phulbani**

Email ID-cuttackrw2nd@yahoo.co.in
Telephone / Fax No. (0671) -2445119

O-1424

**GOVERNMENT OF ODISHA**
**O/O THE SUPERINTENDING ENGINEER,**
**RURAL WORKS DIVISION-II, CUTTACK**

**e-procurement Notice for BUILDING WORK**

**Bid Identification No. SECTC-II- 18 of 2025-26 dt. 11.11.2025**

| | | | |
|---|---|---|---|
| 1. | Number of the work | : | 18 (Eighteen) numbers of Buildings for the year 2025-26 |
| 2. | Estimated Cost. (Approx) | : | Rs. 2.00 lakh to Rs. 17.00 lakh |
| 3. | Period of completion | : | 02 Months (Two) to 06 Months (Six) |
| 4. | Date & time of sale & receipt of bid document online | : | From :-20.11.2025 at 11:00AM To : 30.11.2025 at 5:00PM |
| 5. | Date & time of opening of Technical bid | : | 01.12.2025 at 11:30AM |
| 6. | Name and address of Inviting Officer | : | Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt, portal **https:// tendersorissa.gov.in**

**Sd/- Superintending Engineer R. W. Division-II, Cuttack**

E-Mail I.D.-eepwdcuttack@gmail.com
Tel./Fax No. (0671)-2304128

**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.I: CUTTACK**
**GOVERNMENT OF ODISHA**

B - 693

**('e' PROCUREMENT NOTICE)**

**Bid Identification No. S.E. CTC(R&B)-52 of 2025-26**

**TENDER CALL NOTICE**

1. The Superintending Engineer, Cuttack (R&B) Division No.I, Cuttack on behalf of Governor of Odisha invites on Percentage rate basis bid in Single cover system in ONLINE MODE from eligible contractor for Building work as mentioned below.

| | | | |
|---|---|---|---|
| 2. | No. of Work | : | **01 No.** |
| 3. | Nature of work | : | **Building works** |
| 4. | Class of Contractor | : | **"D" & "C" Class** |
| 5. | Tender Paper Cost | : | **Rs.4000/- (Online)** |
| 6. | Available of bid documents in the website | : | **From 18/11/2025 to 5 PM of 01/12/2025** |
| 7. | Date of Opening of Bid | : | **11AM of 02/12/2025** |

8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd/- (Er. Md. Shahbaz) Superintending Engineer, Cuttack (R&B) Division No.I**


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବର୍ଣ୍ଣବୋଧ ପାଠଶାଳାରେ ଶିଶୁ ଦିବସ

ଭୁବନେଶ୍ୱର (ସବ୍ୟୁ): ଯଶୋଦା ମା ଫାଉଣ୍ଡେସନ ଆନୁକୁଲ୍ୟରେ ବର୍ଣ୍ଣବୋଧ ପାଠଶାଳାର



ପିଲାମାନଙ୍କୁ ନେଇ ଶିଶୁ ଦିବସ - ୨୦୨୫ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁନାମଧନ୍ୟ କଣ୍ଠଶିଳ୍ପୀ ତଥା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଝୁମକୀ ରଥ, ମୁଖ୍ୟ ବକ୍ତା ଭାବେ ଲୋକପ୍ରିୟ ଗଣମାଧ୍ୟମ ଉପସ୍ଥାପିକା କଳ୍ପନା ମିଶ୍ର, ସମ୍ମାନିତ ଅତିଥି ଭାବେ 'ନନ୍ ଭେଜ୍ ୱାର୍ଲ୍ଡ' ପରିଚାଳନା ମୁଖ୍ୟ ମନୋଜ ସାହୁ ଓ ବିକାଶ ଚାରିଟେବୁଲ ଟ୍ରଷ୍ଟ ର ପ୍ରତିଷ୍ଠାତା ସୁବାଷ ଚନ୍ଦ୍ର ଚୌଧୁରୀ ଉପସ୍ଥିତ ରହି ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପିଲାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଯଶୋଦା ମା ନିବେଦିତା ଲେଙ୍କା ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫୁଲ୍ଲ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ଓ ଗୀତ ଆସର ଅନୁଷ୍ଠିତ ହେଇଥିଲା ଓ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ଖୋର୍ଦ୍ଧା ଓଷ୍ଟା ର ମହିଳା ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ

# ମହିଳା ସଶକ୍ତ ହେଲେ ସୁସ୍ଥ ସମାଜ ଗଠନ ସହିତ ସମସ୍ୟା ହଟିଯିବ

ଖୋର୍ଦ୍ଧା, (ସବ୍ୟୁ): ଓଡିଶା ମାଧ୍ୟମିକ ସ୍କୁଲର ଶିକ୍ଷକ ସଂଘ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ମହିଳା ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ ଓଷ୍ଟା ଜିଲ୍ଲା କାର୍ଯ୍ୟାଳୟ, ପଲ୍ଲାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ କିଭଳି ଭାବରେ ଆଗକୁ ଆଗକୁ ଯିବେ, ସଶକ୍ତ ହେବେ, ନିଜକୁ ଅବହେଳିତ ମନେ ନକରି ନିଜର ହକ୍ ପାଇଁ ଆଗକୁ ଆସିବେ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ କ୍ଷେତ୍ରରେ ମାଧ୍ୟମିକ ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ପୁରୁଷ ମାନଙ୍କଠାରୁ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ଆଜିର ସମୟରେ ଅଧିକାଂଶ ମହିଳାମାନେ ଏକ ସୁସ୍ଥ ସମାଜ ଗଠନ କରିବାରେ ଦାୟିତ୍ୱ ବହନ କରିବା ସହିତ ପ୍ରମୁଖ ଭୂମିକା ନେବାକୁ କର୍ମକର୍ତ୍ତା ମାନେ ଆହ୍ୱାନ ଦେଇଥିଲେ। ତତ୍ ସହିତ ସ୍କୁଲ କଲେଜ ଅନୁଦାନରୁ ବଂଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପେନସନ୍ ଓ ଅନ୍ୟାନ୍ୟ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିବାର ଓଷ୍ଟା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ଓଷ୍ଟା ରାଜ୍ୟ କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ଉପସଭାନେତ୍ରୀ ରାଜଲକ୍ଷ୍ମୀ ବେହେରା, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁଙ୍କ ସମେତ ବହୁ ମହିଳା ଶିକ୍ଷୟିତ୍ରୀ ସମ୍ମିଳନୀରେ ଯୋଗଦାନ କରିଥିଲେ।

### ପି. ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ୬ରେ ଜନଜାତି ଦିବସ ପାଳନ

# ୫୦୦ ଛାତ୍ରଛାତ୍ରୀଙ୍କ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତା



ଭୁବନେଶ୍ୱର, (ସବ୍ୟୁ): ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କ୍ରମ ୬, ପୋଖରୀପୁଟ, ଭୁବନେଶ୍ୱର ଠାରେ ମହାସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନଜାତି ଦିବସ ପାଳନ କରାଯାଇଛି । ବିଦ୍ୟାଳୟର ଅଧକ୍ଷ ଅନନ୍ତ ନାରାୟଣ ମେହେରଙ୍କ ସଭାପତିତ୍ୱରେ ଓ ପ୍ରଧାନଶିକ୍ଷକ ଦିବ୍ୟସ୍ୱରୂପ ମହାନ୍ତି ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସୁଚାରୁ ରୂପେ ପାଳନ କରାଯାଇଛି । ଏଥିରେ ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୫୦୦ରୁ ଉର୍ଦ୍ଧ ପ୍ରତିଯୋଗି ଯୋଗଦାନ କରିଥିଲେ କ୍ଷ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ, ଜନଜାତି ଦଳୀୟ ନୃତ୍ୟ ପରିବେଷଣ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଯେପରି ଦଳୀୟ ନୃତ୍ୟ ଓ ଗୀତ, ମୁକ ଅଭିନୟ, କଣ୍ଢେଇ ନାଚ, ସାଧାରଣ ଜ୍ଞାନ ପ୍ରତିଯୋଗିତା, ଇଂରାଜୀ ଓ ହିନ୍ଦୀ କବିତା ଆବୃତ୍ତି, ଇଂରାଜୀ ଓ ହିନ୍ଦୀ ଅଳଙ୍କାରିକା କଥନ ଶୈଳୀ ଆଦି ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ଡ. ପଞ୍ଚାନନ ସାମଲ, ଡ. ସ୍ନେହାଶୀଶ ପଟ୍ଟନାୟକ, ଚନ୍ଦନ କୁମାର ସାମଲ, ଡ. ମୋନାଲିସା ସାମନ୍ତରାୟ, ଦେବବ୍ରତ ପଟ୍ଟନାୟକ, ଗୁରୁ ଅଭିଷେକ ମିଶ୍ର ପ୍ରମୁଖ ଯୋଗ ଦେଇ କୃତି ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉଚ୍ଚକୋଟୀର ପାରମ୍ପରିକ ତଥା ସାମାଜିକ ବାର୍ତ୍ତା ବହନ କରୁଥିବା କାର୍ଯ୍ୟକ୍ରମର ପ୍ରତ୍ୟକ୍ଷଦର୍ଶୀ ହେବା ସହ ଭରପୁର ଆନନ୍ଦ ଲାଭ କରିଥିଲେ। ସମସ୍ତ ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ଓ ଧନ୍ୟବାଦ ପୂର୍ବକ କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### ସିଲଭର୍ ଏଜ୍ ଫାଉଣ୍ଡେସନ ଫର ଏଲଡର୍ସ ପକ୍ଷରୁ

# ବରିଷ୍ଠ ନାଗରିକମାନଙ୍କୁ ସାଇବର ସେଫ୍ଟି ଫର୍ ଏଲଡର୍ସ ମାଷ୍ଟରକ୍ଲାସ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ଅନୁଯାୟୀ ୨୦୨୪ ମସିହାରେ ପ୍ରତିଦିନ ଜାତୀୟ ସ୍ତରରେ ରିପୋର୍ଟ ହେଉଥିବା ୭୦୦୦ରୁ ଅଧିକ ସାଇବର ଅପରାଧ ମାମଲା ମଧ୍ୟରୁ ଅଧିକାଂଶ ବରିଷ୍ଠ ନାଗରିକ ଏଥିରେ ଶିକାର ହେଉଥିବା ଜଣାପଡ଼ିଛି। ନଭେମ୍ବର୨ ତାରିଖରେ ସୁପ୍ରିମକୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସାଇବରଠକମାନେ 'ଡିଜିଟାଲ ଗିରଫ' ମାଧ୍ୟମରେ ପୀଡ଼ିତଙ୍କଠାରୁ ବିଶେଷ ଭାବେ ବରିଷ୍ଠ ନାଗରିକଙ୍କଠାରୁ ୩୦୦୦ କୋଟିରୁ ଅଧିକ ଠକେଇ କରିଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ଟାର୍ଗେଟ କରି ଅନଲାଇନ ଠକେଇ ବୃଦ୍ଧି ପାଉଥିବାବେଳେ ସିଲଭର ଏଜ୍ ଫାଉଣ୍ଡେସନ ଫର୍ ଏଲଡର୍ସ ପକ୍ଷରୁ ଶନିବାର ଭୁବନେଶ୍ୱରରେ ଏଲଡର୍ସନଙ୍କ ପାଇଁ ସାଇବର ସୁରକ୍ଷା ଉପରେ ଏକ ମାଷ୍ଟରକ୍ଲାସ ଆୟୋଜନ କରିଥିଲା। ଏହି ଅଧିବେଶନରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ୧୨୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଜୁନ୍ ୨୦୨୫ରେ ବରିଷ୍ଠ ନାଗରିକଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପରେ ଏକ ମାଷ୍ଟରକ୍ଲାସ ଅନଲାଇନରେ ଅନୁଷ୍ଠିତ ହେବା ପରେ ଏହା ଦ୍ୱିତୀୟ ମାଷ୍ଟରକ୍ଲାସ। ଏହି କାର୍ଯ୍ୟକ୍ରମ ସିଲଭର ଏଜ୍ ଫାଉଣ୍ଡେସନ ଟେକ୍‌ଫୋର୍ ଏଲଡର୍ସ କାର୍ଯ୍ୟକ୍ରମର ଏକ ଅଂଶ, ଯାହାର ଲକ୍ଷ୍ୟ ସ୍ମାର୍ଟ ବୟସ୍କ ବ୍ୟକ୍ତି ସୃଷ୍ଟି କରିବା। ଓଡ଼ିଶାସ୍ଥିତ ଆଇଟି କମ୍ପାନୀ ସିଏସଏମ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ସିଏସଆର କାର୍ଯ୍ୟକ୍ରମ ଅଧୀନରେ ସହାୟତା ପ୍ରଦାନ କରୁଛି। ଆମର ସମର୍ଥନ ଡିଜିଟାଲ ଅର୍ନ୍ତଭୂକ୍ତିକରଣ ପ୍ରତି, ଯାହା ନିଶ୍ଚିତ କରିବ ଯେ ଆମର ପିତାମାତା ଏବଂ ବୟସ୍କମାନେ ପ୍ରଯୁକ୍ତିର ଲାଭ ଉଠାଇବାରୁ ବାଦ୍ ନପଡ଼ନ୍ତି ବୋଲି ସିଏସଏମ ଟେକ୍ନୋଲୋଜି ନିର୍ଦ୍ଦେଶକ ଶ୍ରୀମତି ଲଗ୍ନା ପଣ୍ଡା କହିଛନ୍ତି।

# ଓଇଆରେ ଏମ୍‌ଏସ୍‌ଏମ୍‌ଇ ପାଇଁ ଡିଜିଟାଲ ବାଣିଜ୍ୟ କର୍ମଶାଳା



କଟକ, (ସ୍ୱପ୍ର) : ସ୍ଥାନୀୟ ଓଇଆ ହଲରେ ଏମ୍‌ଏସ୍‌ଏମ୍‌ଇ ପାଇଁ ଡିଜିଟାଲ ବାଣିଜ୍ୟ ଉପରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଶିଳ୍ପୋଦ୍ୟୋଗୀ ସଂଘ ସଭାପତି ମିହିର କୁମାର କାନୁନଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଶିଳ୍ପକେନ୍ଦ୍ର କଟକର ମୁଖ୍ୟ ପ୍ରବନ୍ଧକ ତରୁଣକାନ୍ତ ମହାନ୍ତି, ସବ୍ୟଶା ରିଟେଲଟେକ୍‌ର ଫାଉଣ୍ଡର ସିଇଓ ଶଶାଙ୍କଶେଖର ପାତ୍ର ପ୍ରମୁଖ ଯୋଗ ଦେଇ ଓଡିଶା ସରକାରଙ୍କର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସ୍‌ଏମଇ) ବିଭାଗ ପକ୍ଷରୁ ଆୟୋଜିତ ବାଣିଜ୍ୟ କର୍ମଶାଳା ଉପରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟତଃ କିରାଣ ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଏମ୍‌ଏସ୍‌ଏମଇ ଗୁଡିକୁ ସଶକ୍ତ କରିବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କର୍ମଶାଳାରେ ଦ୍ରୁତ ଗତିରେ ବିକଶିତ ହେଉଥିବା ଡିଜିଟାଲ୍ ଅର୍ଥନୀତିରେ ବଜାର ପ୍ରବେଶ, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ପ୍ରତିଯୋଗିତା ମୂଳକ ବୃଦ୍ଧି କରିବା ପାଇଁ ଏମ୍‌ଏସ୍‌ଏମ୍‌ଇ ଗୁଡିକ ପାଇଁ ଡିଜିଟାଲ ସମନ୍ୱୟର ଗୁରୁତ୍ୱ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଓଇଆର ସାଧାରଣ ସମ୍ପାଦକ ଡଃ. ଶିବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମଇ ଅନୁବନ୍ଧିତ ବହୁ ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଦୁଇ କାର ସହ ୪୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୬ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଥାନା ପୋଲିସ ଦୁଇଟି କାରରେ ଗଞ୍ଜେଇ ନେଇ ଯାଉଥିବା ୬ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ସୁରେନ୍ଦ୍ର କୁମାର ଦାସ, ଲୁନା ନାୟକ, ସ୍ୱନ୍ଦନ ମିଶ୍ର, ମିର୍ ଜମିର ଅଲ୍ଲୀ, ରାଧାକାନ୍ତ ସାହୁ ଓ ଟୁକୁନା ବେହେରା । ଗିରଫ ୬ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି । ୧୪ ତାରିଖ ଦିନ ଭୁବନେଶ୍ୱର ଅଭିମୁଖେ ଦୁଇଟି କାର୍‌ରେ ଗଞ୍ଜେଇ ପରିବହନ ହେଉଥିବା ଖଣ୍ଡଗିରି ଥାନା ପୋଲିସ ଖବର ପାଇଥିଲା । ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ଦୁଇ ଗାଡ଼ିକୁ ଅଟକାଇଥିଲା ପୋଲିସ । ଯାଞ୍ଚ କରିବାରୁ ଦୁଇ କାର୍‌ରୁ ଦୁଇଟି ଜରି ବ୍ୟାଗ୍‌ରେ ଗଞ୍ଜେଇ ମିଳିଥିଲା । ସମୁଦାୟ ଗଞ୍ଜେଇର ଓଜନ ୪୨କେଜି ୭୦୦ ଗ୍ରାମ ବୋଲି ପୋଲିସ କହିଛି । ପ୍ରଥମ କାର୍‌ରୁ ଅଭିଯୁକ୍ତ ସୁରେନ୍ଦ୍ର କୁମାର ଦାସ ଓ ଲୁନା ନାୟକ, ସ୍ୱନ୍ଦନ ମିଶ୍ର ଗିରଫ ହୋଇଥିବାବେଳେ ତାଙ୍କ ଗାଡ଼ିରୁ ୨୧ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା । ଦ୍ୱିତୀୟ କାର୍‌ରୁ ମିର୍ ଜମିର ଅଲ୍ଲୀ, ରାଧାକାନ୍ତ ସାହୁ ଏବଂ ଟୁକୁନା ବେହେରାଙ୍କୁ ଗିରଫ କରାଯାଇଥିବାବେଳେ ସେହି ଗାଡ଼ିରୁ ୨୧ କେଜି ୩୦୦ ଗ୍ରାମ ଗଞ୍ଜେଇ ମିଳିଥିଲା । ଅଭିଯୁକ୍ତମାନେ ଫୁଲବାଣୀରୁ ଗଞ୍ଜେଇ ସଂଗ୍ରହ କରି ବିକ୍ରି କରିବା ପାଇଁ ଭୁବନେଶ୍ୱର ଆଣିଥିବା ପୋଲିସରେ କହିଛନ୍ତି । ଗିରଫ ୬ ଜଣଙ୍କୁ ଶନିବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଭୁବନେଶ୍ୱର ବାଲିଯାତ୍ରା ପାଇଁ ସହଯୋଗର ହାତ ବଢ଼ାଇବେ ତିରୁପତି

ଭୁବନେଶ୍ୱର, (ସବ୍ୟୁ): ମଞ୍ଚେଶ୍ୱର କୁଆଖାଇ ନଦୀପଠା ଠାରେ



ଆୟୋଜିତ ବାଲିଯାତ୍ରା ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ, ରାଜ୍ୟ ବିଜେପି ଉପସଭାପତି ଗୋଲକ ପ୍ରସାଦ ମହାପାତ୍ର, ବିଜେପି ପ୍ରବକ୍ତା ସୁଦିପ୍ତ କୁମାର ରାଏ ଯୋଗଦାନ କରିଥିଲେ। ଦୀର୍ଘ ୧୦ଦିନ ଧରି ବାଲିଯାତ୍ରା ପଡିଆଠାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହ ଅଗାମୀ ଦିନରେ ବାଲିଯାତ୍ରା ପାଇଁ ସହଯୋଗର ହାତ ବଢାଇବେ ବୋଲି ପ୍ରତିଶୃତି ଦେଇଥିବାବେଳେ ବାଲିଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଡଃ ତିରୁପତି ପାଣିଗ୍ରାହୀଙ୍କୁ ଭୂୟସୀ ପ୍ରଶଂସା ସହ ଧନ୍ୟବାଦ୍ ଜଣାଇଛନ୍ତି।

# ମୁକ୍ତା ଫାଉଣ୍ଡେସନ ପକ୍ଷରୁ ହରେକୃଷ୍ଣ ନଗରଠାରେ ଶିଶୁ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): କରୁଣା, ସେବା ଓ ସମର୍ପଣର ଭାବଧାରାରେ ଗଠିତ ମୁକ୍ତା ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ହରେକୃଷ୍ଣ ନଗର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତ୍ରୀ ତଥା ପରିଚାଳନା ଟ୍ରଷ୍ଟି ବନ୍ଦନା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସହ-ପ୍ରତିଷ୍ଠାତ୍ରୀ ସଙ୍ଘମିତ୍ରା ପାଢ଼ୀ, ଉପଦେଷ୍ଟା ପ୍ରୀତିଛନ୍ଦା ଧଳ ଏବଂ ବରିଷ୍ଠ କୋର କମିଟି



ସଦସ୍ୟ ଚନ୍ଦନା ତ୍ରିପାଠୀ ଓ ସମାଜସେବୀ ମିଲି ରଣା, ସୁସ୍ମିତା ସତପଥୀ, ମହିକ୍ଷିତା ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ଥାନୀୟ ଅଞ୍ଚଳରେ କୁନି କୁନି ପିଲାମାନଙ୍କ ସହିତ ଶିଶୁ ଦିବସ ପାଳନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସବୁ ପିଲାମାନଙ୍କୁ ଶିଶୁ ଦିବସ ଉପଲକ୍ଷେ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପିଲାମାନଙ୍କୁ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନ କରିଥିଲେ। ପିଲାମାନଙ୍କ ହସହସ ମୁହଁ ଦେଖି ସମୟ ଅତିବାହିତ କରିବା ବିଶେଷ ସ୍ୱତନ୍ତ୍ର ଥିଲା ଏବଂ ଆଗାମୀ ଦିନରେ ଏପରି ଅନେକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ ଭାବରେ ଆୟୋଜନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ।

### କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ

# ମିଳିତ ସହଯୋଗରେ ତାଲିମ ଶିବିର

ଭୁବନେଶ୍ୱର,(ସବ୍ୟୁ): ସମାବେଶୀ ପଦ୍ଧତି ମାଧ୍ୟମରେ ପଶୁପାଳନ ଉତ୍ପାଦନ ବୃଦ୍ଧି ପାଇଁ ଚାରା ପ୍ରୋତ୍ସାହନ ଉପରେ ୧୧- ୧୪ ନଭେମ୍ବର ୨୦୨୫ ମଧ୍ୟରେ ଭୁବନେଶ୍ୱରର ଇସିଏଆର-ସିଓ୍ୱାଇ ଡ଼ବ୍ଲ୍ୟୁ ଏ ଠାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଓଡ଼ିଶା ସରକାରଙ୍କ ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର , ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ସହିତ ମିଳିତ ଭାବରେ ସମାବେଶୀ ପଦ୍ଧତି ମାଧ୍ୟମରେ ପଶୁପାଳନ ଉତ୍ପାଦନ ବୃଦ୍ଧି ପାଇଁ ଚାରା ପ୍ରୋତ୍ସାହନ ଉପରେ ଏକ ଚାରିଦିନିଆ ତାଲିମ କାର୍ଯ୍ୟକ୍ରମ ୧୧- ୧୪ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଇସିଏଆର-ସିଓ୍ୱାଇ ଡ଼ବ୍ଲ୍ୟୁ ଏ ରେ ଅନୁଷ୍ଠିତ ହୋଇଥିଲା । ସଂସ୍ଥାନର ନିର୍ଦ୍ଦେଶକ ଡକଟର ମୃଦୁଳା ଦେବୀ ଅନ୍ତର୍ଭୁକ୍ତ ପଦ୍ଧତି ମାଧ୍ୟମରେ ଚାରା ଚାଷକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଦୁଗ୍ଧ କ୍ଷେତ୍ରରେ କୃଷକ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଲିଙ୍ଗଗତ ସମାନ ଢାଞ୍ଚା ବିକାଶ ଉପରେ ଆଲୋଚନା କରିଥିଲେଛ । ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରର ଉପ-ନିର୍ଦ୍ଦେଶକ ଡକଟର ରାଜୀବ ଶର୍ମା ପ୍ରଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ପଶୁପାଳନ ଉତ୍ପାଦନ ବୃଦ୍ଧି ଏବଂ ଚାରା ପ୍ରୋତ୍ସାହନ ପାଇଁ ସେମାନଙ୍କୁ ପ୍ରେରଣା ଦେଇଥିଲେ । ଓଡ଼ିଶାର ୨୯ ଟି ଜିଲ୍ଲାରୁ ପାରା-ପଶୁଚିକିତ୍ସା ବିଶେଷଜ୍ଞ ଏବଂ ଚାରା ବିକାଶ ଅଧିକାରୀ ସମେତ ମୋଟ ୩୨ ଜଣ ଅଂଶଗ୍ରହଣକାରୀ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଚାରା ଚାଷର ବିଭିନ୍ନ ଦିଗ, ଚାରା ଚାଷର ବ୍ୟବହାରିକ ପଦ୍ଧତି, ହସ୍ତଶିକ୍ଷା, ଅଭିଜ୍ଞତା ପରିଦର୍ଶନ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରତିକୂଳ ପରିସ୍ଥିତି ରେ ଚାରା ଉତ୍ପାଦନ ବୃଦ୍ଧି ପାଇଁ କୃଷି ଅଭ୍ୟାସ ଉପରେ ବୈଷୟିକ ଜ୍ଞାନ ଆଦାନପ୍ରଦାନ, ଚାରା ପ୍ରକ୍ରିୟାକରଣ ଏବଂ ସାଇଲେଜ୍, ଆଜୋଲା ଚାଷ, ଘାସ ତିଆରି, ପେଲେଟିଂ, ବେଲିଂ, ସିଲଭି-ଉଦ୍ୟାନ-ପଶୁପାଳନ ପ୍ରଣାଳୀ ମାଧ୍ୟମରେ ମୂଲ୍ୟ ବୃଦ୍ଧି, ଚାରା ବିକାଶରେ ଉଦ୍ୟୋଗୀତା, ଦୁଗ୍ଧ ପ୍ରାଣୀମାନଙ୍କ କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ପଶୁ ସ୍ୱାସ୍ଥ୍ୟ ଏବଂ ଉତ୍ପାଦକତାରେ ଉନ୍ନତି ପାଇଁ ରଣନୀତି ଆଦି ବିଷୟ ଅନ୍ତର୍ଭୁକ୍ତ କରାଯାଇଥିଲା ।

# ଜଟଣୀରେ ଅନୁଷ୍ଠିତ ହେବ ପଥ ଉତ୍ସବ

ଜଟଣୀ, (ସବ୍ୟୁ): ରାଜଧାନୀ ଭୁବନେଶ୍ୱରରେ କିଛିବର୍ଷ ପୂର୍ବେ ଅନୁଷ୍ଠିତ ହେଉଥିବା ରାହାଗିରି କାର୍ଯ୍ୟକ୍ରମ ଢାଞ୍ଚାରେ ପ୍ରଥମ ଥର ପାଇଁ ଜଟଣୀ ସହରରେ ଆୟୋଜିତ ହେବାକୁ ଯାଉଅଛି ଜଟଣୀ ପଥ ଉତ୍ସବ । ଏ ନେଇ ବ୍ଲକ କାର୍ଯ୍ୟାଳୟ ସଭା କକ୍ଷରେ ଆୟୋଜକ କମିଟିର ଅଧକ୍ଷ ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଯାଇଛି ଏକ ସାମ୍ବାଦିକ ସମିଳନୀ । ଏହି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଜାତୀୟ ସ୍ତରର କଳାକାର ଡ ରୁଷି ପଟ୍ଟନାୟକ କ୍ଷ ମୁଖ୍ୟତଃ ଲୁକ୍କାୟିତ ପ୍ରତିଭା ଓ ଅନ୍ୟ କଳାକାର ନିଜ ନିଜର ପ୍ରତିଭା ପ୍ରତିପାଦନ କରିବା ପାଇଁ ସୁଯୋଗ ପାଇପାରିବେ ବୋଲି ଶ୍ରୀ ବଡ଼ଜେନା ମତ ଦେଇଥିଲେ। ଆସନ୍ତା ମାସ ଠାରୁ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ପ୍ରତ୍ୟେକ ମାସର ତୃତୀୟ ରବିବାର ଦିନ ସକାଳ ୬ ଘଟିକା ଠାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଏହି ପଥ ଉତ୍ସବ ହରିଭାଇନା ଛକ ଠାରୁ ମହୁଲ ଗୁଡ଼ିଆ ଛକ ପର୍ଯ୍ୟନ୍ତ ଦୁଇଟି ରାସ୍ତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଜଟଣୀ ଅଞ୍ଚଳର ଜନସାଧାରଣ ମାନେ ବିନା ଶୁଳ୍କରେ ଭାଗ ନେଇପାରିବେ ଯେଉଁଥିରେ କଳା, ସଂସ୍କୃତି, ଶିକ୍ଷା, କ୍ରୀଡା, ସ୍ୱାସ୍ଥ୍ୟ ସେବା, ଯୋଗ, ସାଇକେଲ, ପଦଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ। ଏଥିପାଇଁ ଆଗ୍ରହୀ ଏହାର ସଂଯୋଜକଙ୍କ ଫୋନ ନମ୍ବର ୯୩୩୭୦୫୨୭୦୬ ରେ ଯୋଗାଯୋଗ କରି ନିଜ ନାମକୁ ପଞ୍ଜିକରଣ କରିହେବ ବୋଲି ଶ୍ରୀ




ବଡ଼ଜେନା କହିଛନ୍ତି । ଏହି ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ବିକାଶ ପରିଷଦର ସଭାପତି ସୁଦର୍ଶନ ସୁନ୍ଦରାୟ, ସମ୍ପାଦକ ବିଜୟ ଛୋଟରାୟ, ମନୋଜ କୁମାର ସ୍ୱାଇଁ, କୈଳାଶଚନ୍ଦ୍ର ମହାପାତ୍ର, ଲିଟୁ ରଞ୍ଜନ ରାଉତରାୟ, ପ୍ରଶାନ୍ତ ବେହେରା, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା, ବିଡ଼ିଓ ବସନ୍ତ କୁମାର ହାତୀ, ତହସିଲଦାର ଶିବାଶିଷ ପରିଡା, ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, ସିଡିପିଓ ସଂଯୁକ୍ତା ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜିତେନ୍ଦ୍ର ପଣ୍ଡା, ଅଗ୍ନିଶମ ବିଭାଗ ଅଧିକାରୀ ଲକ୍ଷ୍ମଣ ବେହେରା, ଛତାବର ପଂଚାୟତ ସରପଞ୍ଚ ବିଷ୍ଣୁକୁମାର ଡେଙ୍ଗ, କାଉନସିଲର ବିଷ୍ଣୁକୁମାର ସାହୁ ଓ ଶଶାଙ୍କ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧ୍ୟାପକ ବାସୁଦେବ ସ୍ୱାଇଁ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ(ଓଆରଏସ) ପକ୍ଷରୁ କଳପଡା ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭା ଓ ଆଲୋଚନା ଚକ୍ରରେ କଟକ ସଦର ୪୨ ମୌଜା ନିବାସୀ ଅବସରପ୍ରାପ୍ତ ଅଧ୍ୟାପକ ବିଶିଷ୍ଟ ସାହିତ୍ୟିକ ତଥା କ୍ରୀଡାବିତ୍ ବାସୁଦେବ ସ୍ୱାଇଁଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନେଇ ବହୁ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ତରଫରୁ କଟକ ସଦର ମାଟିରେ ସାରସ୍ୱତ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ, ସାହିତ୍ୟ ସଂସ୍କୃତି ସେବା ତଥା ପୂଜ୍ୟପୂଜା ପ୍ରଥାକୁ ନେଇ ବିଭିନ୍ନ ମହଲରେ ସଭାପତି ଯୁବ ସମାଜସେବୀ ତଥା ଜ୍ଞାନ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ଦିଗରେ ଉଚ୍ଚ ସ୍ତରୀୟ ଗବେଷଣା ରତ ଖ୍ୟାତିସମ୍ପନ୍ନ ଗବେଷକ ଇଂ.ଗିରିଜା ଶଙ୍କର ପତି ଓ କାର୍ଯ୍ୟକର୍ତ୍ତା ବର୍ଗଙ୍କୁ ଭୂୟସୀ ପ୍ରଶଂସା କରାଯାଉଛି ।

### ବେଦାନ୍ତ ଆଲୁମିନିୟମ ଶିଶୁ ଦିବସ ୨୦୨୫କୁ ଆନନ୍ଦ

# ଶିକ୍ଷଣ ଏବଂ ସଶକ୍ତିକରଣ ସହିତ ପାଳନ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରେ ଏହାର କାର୍ଯ୍ୟରେ ସ୍ପନ୍ଦନଶୀଳ ଏବଂ ଅନ୍ତର୍ଭୁକ୍ତ କାର୍ଯ୍ୟକଳାପ ସହିତ ଶିଶୁ ଦିବସ ୨୦୨୫ ପାଳନ କରିଛି। ଶିକ୍ଷାଗତ ସହାୟତା, ସାଂସ୍କୃତିକ ସମ୍ପର୍କ, କ୍ରୀଡା ଏବଂ ଦକ୍ଷତା-ନିର୍ମାଣ ଉପରେ କେନ୍ଦ୍ରିତ ଏକ ସମୃଦ୍ଧ ମିଶ୍ରଣ ମାଧ୍ୟମରେ ଏହି ଉତ୍ସବ ୯,୦୦୦ ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା, ଯାହା ଯୁବ ମନକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି।

ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ




ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଆମର ଶିଶୁ ଦିବସ ପାଳନ ସେହି ସମାନ ଦର୍ଶନକୁ ପ୍ରତିଫଳିତ କରେ ଯାହା ବର୍ଷସାରା ଆମର ସାମାଜିକ ହସ୍ତକ୍ଷେପକୁ ଚାଳିତ କରେ, ଗୁଣାତ୍ମକ ଶିକ୍ଷାର ପ୍ରବେଶକୁ ସକ୍ଷମ କରେ, ସୃଜନଶୀଳତାକୁ ପ୍ରୋତ୍ସାହିତ କରେ ଏବଂ ପ୍ରତ୍ୟେକ ପିଲାଙ୍କ ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରେ। ଆମେ ନିରନ୍ତର ସମ୍ପ୍ରଦାୟ ସମ୍ପର୍କ ମାଧ୍ୟମରେ ଆସନ୍ତାକାଲିର ନେତା ଏବଂ ନବସୃଜନକାରୀଙ୍କୁ ପୋଷଣ କରିବାକୁ ପ୍ରତିବଦ୍ଧ ଅଟୁ।

ଝାରସୁଗୁଡା, ଓଡିଶା: ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହଯୋଗରେ ଆୟୋଜିତ ଛାତ୍ର-ନେତୃତ୍ୱାଧୀନ ଉଦ୍ୟୋଗୀତା ମେଳା ଆନନ୍ଦ ନାଗରୀରେ ୧୦୬ ଟି ସ୍କୁଲର ୫,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପୃଥକ ଭାବରେ, ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ଉତ୍ସବରେ ସାମଗ୍ରିକ ବିକାଶକୁ ସମର୍ଥନ କରିବା ପାଇଁ ଦୁଇ ଦିନିଆ ପ୍ରତିଯୋଗିତା ଏବଂ କ୍ରୀଡା ସାମଗ୍ରୀ ବଂଟନ କରାଯାଇଥିଲା। ଲାଞ୍ଜିଗଡରେ ମଧ୍ୟ ଓଡିଶା: ବିଦ୍ୟାଳୟ ଏବଂ ବେଦାନ୍ତ ନନ୍ଦଘରଗୁଡ଼ିକରେ ୫୦୦ ରୁ ଅଧିକ ପିଲା ଅଧ୍ୟୟନ ସାମଗ୍ରୀ, କ୍ରୀଡା କିଟ୍ ପାଇଥିଲେ ଏବଂ ଆନନ୍ଦଦାୟକ ଖେଳ ଏବଂ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ।

# ଡ୍ରଗ୍ସ ବିରୋଧରେ ମୋଦୀ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି

**ନୂଆଦିଲ୍ଲୀ:** ଡ୍ରଗ୍ସ ବିରୋଧରେ ମୋଦୀ ସରକାରଙ୍କ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏବଂ ରାଜସ୍ଥାନ ପୋଲିସ ରାଜସ୍ଥାନର ସିରୋହି ଜିଲ୍ଲାର ଏକ ଦୁର୍ଗମ ଗ୍ରାମରେ ଏକ ଗୁପ୍ତ ପରୀକ୍ଷାଗାର ଠାବ କରିଛନ୍ତି। ଶହ ଶହ କିଲୋଗ୍ରାମ ରାସାୟନିକ ପଦାର୍ଥ ଜବତ କରାଯାଇଛି, ଯାହା ପ୍ରାୟ ୧୦୦ କିଲୋଗ୍ରାମ ମେଫେଡ୍ରୋନ ଉତ୍ପାଦନ ପାଇଁ ଯଥେଷ୍ଟ ଥିଲା, ଏହାର ଆନୁମାନିକ ମୂଲ୍ୟ ୪୦ କୋଟି ଟଙ୍କା। ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ୪ଜଣଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ରାଜ୍ୟରେ ମେଫେଡ୍ରୋନ୍ ଏକ ସାଇକୋଟ୍ରୋପିକ୍ ଔଷଧ ଭାବରେ ଅଧିକରୁ ଅଧିକ ବ୍ୟବହୃତ ହେଉଛି।



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଭାରତ ସରକାର ନିଶାଦ୍ରବ୍ୟ ମୁକ୍ତ ଭାରତକୁ ପ୍ରସ୍ତୁତ କରିବା ପାଇଁ ନିଶାଦ୍ରବ୍ୟ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

ବିଶେଷ କରି ରାଜସ୍ଥାନରେ ଜିଲ୍ଲା ପୋଲିସକୁ ସକ୍ରିୟ କରିବା ପାଇଁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ମାସିକ ଜିଲ୍ଲା ସ୍ତରୀୟ ଏନସିଓଆରଡି ବୈଠକ ବ୍ୟବସ୍ଥାର ଉପଯୋଗ କରିଥିଲା। ରାଜ୍ୟ ପୋଲିସକୁ ଏହି ପ୍ରସଙ୍ଗରେ ସକ୍ରିୟ କରାଯାଇଥିଲା ଏବଂ ଏକ ଗୁପ୍ତ ସ୍ଥାନରେ ରାସାୟନିକ ପଦାର୍ଥ ତଥା ପରୀକ୍ଷାଗାର ଉପକରଣ ଥିବା ଡ୍ରମ୍ ଉପସ୍ଥିତ ଥିବା ନେଇ ଏନସିବିର ସ୍ଥାନୀୟ କାର୍ଯ୍ୟାଳୟକୁ ରିପୋର୍ଟ କରାଯାଇଥିଲା। ଏପରି ସ୍ଥାନ ମେଫେଡ୍ରୋନ୍ ପରି ସିନ୍ଥେଟିକ୍ ଔଷଧ ଉତ୍ପାଦନ ପାଇଁ ଏକ ଗୁପ୍ତ ସୁବିଧା ହୋଇପାରେ। ଏନସିବି ଦ୍ୱାରା ସାରା ଦେଶରେ ଜିଲ୍ଲା ପୋଲିସ ସହିତ ଗୁପ୍ତ ପରୀକ୍ଷାଗାରର ଉପସ୍ଥିତି ବିଷୟରେ ରେଡ ଫ୍ଲାଗ ସୂଚକ ମଧ୍ୟ ସେୟାର କରାଯାଇଥିଲା। ଏଥିରେ ଅନ୍ତର୍ଭୁକ୍ତ ଥିବା ବାଟ ଗୁଡ଼ିକୁ ବନ୍ଦ କିମ୍ବା ଖୋଲା; ଅତ୍ୟଧିକ ବାୟୁ ଚଳାଚଳ ପାଇଁ ଥିବା ଛୋଟ ବାଟ; କାନ୍ଥ/ଚଟାଣ, କୋଠାଘର କିମ୍ବା ସେଡରେ ଧାତବ କ୍ଷୟ କିମ୍ବା ରାସାୟନିକ ଦାଗ ଚିହ୍ନ, ପୂର୍ବରୁ ଆବାସିକ କିନ୍ତୁ ପରୀକ୍ଷାଗାର ଭାବରେ ବ୍ୟବହୃତ; ଗୁପ୍ତ ସ୍ଥାନରେ ରାସାୟନିକ କିମ୍ବା ଉପକରଣର ସଂରକ୍ଷଣ ଇତ୍ୟାଦି।

ମାମଲାର ତଦନ୍ତ ସମୟରେ, ପରୀକ୍ଷାଗାର ଚଳାଇବା ପଛରେ ଥିବା ମୁଖ୍ୟ ଚରିତ୍ରମାନଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣଙ୍କୁ ରାଜସ୍ଥାନ ପୋଲିସ ସହାୟତାରେ, ଯୋଧପୁରର ଏନସିବି ଦ୍ୱାରା ରାଜସ୍ଥାନ ଏବଂ ଗୁଜରାଟର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ରାଜସ୍ଥାନର ଜାଲୋର ଜିଲ୍ଲାର ମାଷ୍ଟରମାଇଣ୍ଡ ଭାଲା ରାମଙ୍କୁ ଗିରଫ କରାଯାଇଛି ଏବଂ ପଚରାଉଚରାରୁ ଜଣାପଡ଼ିଛି ଯେ, ସେ ସ୍ନାତକ ଏବଂ ସିଭିଲ୍ ସର୍ଭିସ୍ ପରୀକ୍ଷା ସମେତ ବିଭିନ୍ନ ପରୀକ୍ଷାରେ ବିଫଳ ହେବା ପରେ, ଶୀଘ୍ର ଟଙ୍କା ରୋଜଗାର କରିବା ପାଇଁ ମେଫେଡ୍ରୋନ୍ ଉତ୍ପାଦନ ବ୍ୟବସାୟରେ ପ୍ରବେଶ କରିବାକୁ ନିଷ୍ପତ୍ତି ନେଇଥିଲେ। ବାଲଟୋରା ଜିଲ୍ଲାର ଧନତ୍ରାଇ ଗ୍ରାମରେ ଥିବା ତାଙ୍କ ସହଯୋଗୀ ଭୁରା ରାମଙ୍କ ନାମରେ ଏହି ଫାର୍ମ ହାଉସକୁ ଲିଜରେ ନେଇଥିଲେ। ସେ ସିଣ୍ଡିକେଟର ଅନ୍ୟ ସଦସ୍ୟମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଭର୍ଚୁଆଲ୍ ସିମ୍ ବ୍ୟବହାର କରିଥିଲେ ଏବଂ ଉତ୍ପାଦନ ପ୍ରକ୍ରିୟା ଶିଖିବା ପାଇଁ ଡାର୍କନେଟ୍ ଖୋଜି ଥିଲେ। ସେ ଗୁଜରାଟର ଅଙ୍କଲେଶ୍ୱରରୁ ରାସାୟନିକ ପଦାର୍ଥ ଏବଂ ପରୀକ୍ଷାଗାର ଉପକରଣ ସଂଗ୍ରହ କରିଥିଲେ। ସେ ମଧ୍ୟ ମେଫେଡ୍ରୋନ୍ ଚୋରାଚାଲାଣର ଏକ ସିବିଏନ୍ ମାମଲାରେ ପୁଲିସ୍ ନଜରରେ ଥିଲେ। ରାସାୟନିକ ପଦାର୍ଥ ଏବଂ ଉପକରଣ ପରିବହନରେ ବ୍ୟବହୃତ ଗାଡ଼ିଟିକୁ ଜବତ କରାଯାଇଛି। ଅନୁସନ୍ଧାନରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ସେମାନେ ୮ କିଲୋଗ୍ରାମ ମେଫେଡ୍ରୋନ୍ ଉତ୍ପାଦନ କରିଛନ୍ତି, ଯେଉଁଥିରୁ ୨ କିଲୋଗ୍ରାମ ସିବିଏନ୍ ସେମାନଙ୍କ ଜଣେ ସହଯୋଗୀଙ୍କଠାରୁ ୨୮ ଅକ୍ଟୋବର ୨୦୨୫ରେ ଜବତ କରିଛି। ବର୍ତ୍ତମାନ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ନାଗରିକମାନଙ୍କୁ ଅନୁରୋଧ କରିଛି ଯେ, ଯେଉଁ ସ୍ଥାନରେ ରାସାୟନିକ ପଦାର୍ଥ ଏବଂ ପରୀକ୍ଷାଗାର ଉପକରଣ ଗୁପ୍ତ ଭାବରେ ବ୍ୟବହୃତ ହେଉଛି, ସେହି ସ୍ଥାନରେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ସ୍ଥାନୀୟ ପୋଲିସ କିମ୍ବା ଏନସିବିକୁ ମାନସ ହେଲ୍ପଲାଇନ୍ ନମ୍ବର ୧୯୩୩ ରେ ଖବର ଦିଅନ୍ତୁ କାରଣ ଏହା ସିନ୍ଥେଟିକ୍ ଔଷଧ ଉତ୍ପାଦନ ପାଇଁ ବ୍ୟବହୃତ ହୋଇପାରେ।

## ୟୁନୁସଙ୍କ ଭାରତଠାରୁ ଦୂରେଇ ରହିବାର ନୀତି ଅତ୍ୟନ୍ତ ବିପଦପୂର୍ଣ୍ଣ

ନୂଆଦିଲ୍ଲୀ: ଦେଶରେ ଚାଲୁଥିବା ରାଜନୈତିକ ଅସ୍ଥିରତା ମଧ୍ୟରେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉଠାଇଛନ୍ତି। ଫାର୍ଷ୍ଟପୋଷ୍ଟକୁ ଦିଆ ଏକ ବିଶେଷ ସାକ୍ଷାତକାରରେ ସେ କହିଛନ୍ତି ଯେ ଅନ୍ତରୀଣ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସଙ୍କ ବୈଦେଶିକ ନୀତି ଦିଗହୀନ ଏବଂ ସେ ଜାଣିଶୁଣି ଭାରତଠାରୁ ଦୂରେଇ ରହି ବାଂଲାଦେଶକୁ ଗଭୀର ବିପଦ ଦିଗରେ ନେଇଯାଉଛନ୍ତି।



ହସିନାଙ୍କ ମତାନୁସାରେ, ୟୁନୁସଙ୍କ ବିଦେଶନୀତି ଉଗ୍ରବାଦୀ ଶକ୍ତିକୁ ସଶକ୍ତ କରୁଛି ଏବଂ ଏହା ଦକ୍ଷିଣ ଏସୀୟ ସ୍ଥିରତାରେ ଗମ୍ଭୀର ପ୍ରଭାବ ପକାଇପାରେ। ସେ ଜଣାଇଛନ୍ତି ଯେ ଭାରତ ବାଂଲାଦେଶର ସବୁଠାରୁ ପୁରୁଣା, ନିକଟତମ ଏବଂ ବିଶ୍ୱସ୍ତ ସହଭାଗୀ, ଯାହା ଭୌଗୋଳିକ, ଅର୍ଥନୈତିକ ଓ ସୁରକ୍ଷା ମାମଲାରେ ଢାକା ପାଇଁ ଅତ୍ୟନ୍ତ ଜରୁରୀ।

ଏହି ମତାମତ ଏମିତି ସମୟରେ ଆସିଛି ଯେତେବେଳେ ଭାରତ-ବାଂଲାଦେଶ ସମ୍ପର୍କରେ ଉତ୍ତେଜନା ବଢ଼ିଛି ଏବଂ ଦେଶଭିତରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ନେଇ ଚର୍ଚ୍ଚା ତିବ୍ର ହେଉଛି।

ସେ ଅଧିକ କହିଛନ୍ତି ଯେ ନିଜ ସରକାର ସମୟରେ ସେ ଭାରତ ଓ ଚୀନ – ଉଭୟ ସହ ସନ୍ତୁଳିତ ସମ୍ପର୍କ ରଖିଥିଲେ। କିନ୍ତୁ ଯେକୌଣସି ପରିସ୍ଥିତିରେ ଭାରତ ପରି ପଡ଼ୋଶୀଠାରୁ ଦୂରେଇବା ଦେଶ ପାଇଁ ହାନିକାରକ ହେବ ବୋଲି ସେ ସତର୍କ କରିଛନ୍ତି।

## ବଢ଼ିବ ମହୁଆ ମୈତ୍ରଙ୍କ ଅଡୁଆ, ୪ ସପ୍ତାହରେ ଚାର୍ଜସିଟ୍ ଦାଖଲ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ତୃଣ ମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରଙ୍କ ବିରୋଧରେ କ୍ୟାସ ଫର କ୍ୱରୀ କେସ୍ ରେ ଲୋକପାଳ ଶନିବାର ସିବିଆଇକୁ ୪ ସପ୍ତାହ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ସିବିଆଇ ଆସନ୍ତା ୪ସପ୍ତାହ ମଧ୍ୟରେ ସମ୍ବନ୍ଧିତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିବ। ଏହାର ଏକ ନକଲ ସିବିଆଇ ଲୋକପାଳ କୋର୍ଟରେ ମଧ୍ୟ ଦାଖଲ କରିବ। ଏହି ମାମଲାରେ ମହୁଆ ମୋଇତ୍ରଙ୍କ ଲୋକସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ତେବେ ମହୁଆ ୨୦୨୪ ସାଧାରଣ ନିର୍ବାଚନରେ ପୁଣି ସାଂସଦ ନିର୍ବାଚିତ ହୋଇ ଲୋକସଭା ପହଞ୍ଚିଛନ୍ତି। ବେ ଏପରି ନୁହେଁ ଯେ ସିବିଆଇ ଚାର୍ଜସିଟ୍ ଦାଖଲ କରିବା ତୁରନ୍ତ ବାଦେ ଆଇନଗତ ପ୍ରକ୍ରିୟା ଆରମ୍ଭ ହୋଇଯିବ। ନିର୍ଦ୍ଦେଶରେ ଲୋକପାଳ କହିଛନ୍ତି ଯେ ଚାର୍ଜସିଟ୍ ଦାଖଲ ହେବା ପରେ ଯାଇ ସିବିଆଇର ଅନ୍ୟ ଆବେଦନ ଉପରେ ବିଚାର କରାଯିବ। ଗତବର୍ଷ ଲୋକପାଳଙ୍କ ଆଦେଶରେ ସିବିଆଇ ମହୁଆଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିଲା। ସିବିଆଇକୁ ୬ ମାସ ମଧ୍ୟରେ ଯାଞ୍ଚର ବିସ୍ତୃତ ରିପୋର୍ଟ ଦାଖଲ କରିବାର ଥିଲା। ପରେ ଏହି ରିପୋର୍ଟ ଆଧାରରେ ସିବିଆଇ ତଦନ୍ତ କର୍ତ୍ତା ଲୋକପାଳଙ୍କ ନିକଟରେ ମହୁଆଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବା ଓ ଆଇନଗତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅନୁମତି ମାଗିଥିଲା। ଏଥର ଲୋକପାଳଙ୍କ ପୂର୍ଣ୍ଣ ପୀଠ ଏହି ଅନୁମତି ଦେଇଛନ୍ତି। ଲଗାଇଥିଲେ। ବିଜେପି ସାଂସଦ ନିଶିକାନ୍ତ ଦୁବେ ମାମଲାର ସମ୍ବେଦନଶୀଳ କାଗଜପତ୍ର ମିଡିଆରେ ପ୍ରସାରଣ କରିଛନ୍ତି।

## ରାତିରେ ଦୁଇ ଘଣ୍ଟା ଶୁଅନ୍ତି ଜାପାନ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ଜାପାନର ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ରାତିରେ ମାତ୍ର ଦୁଇରୁ ଚାରି ଘଣ୍ଟା ଶୁଅନ୍ତି। ପ୍ରଧାନମନ୍ତ୍ରୀ ତାକାଇଚି ସକାଳ ୩ଟାରେ ବୈଠକ ଡାକିବା ପରେ ଜାପାନରେ ୱାର୍କ ଲାଇଫ୍ ସନ୍ତୁଳନ ଉପରେ ପୁଣି ଥରେ ବିତର୍କ ଆରମ୍ଭ ହୋଇଛି। ତାକାଇଚି ପ୍ରଥମ ଦିନରୁ ତାଙ୍କର "କେବଳ କାମ" ମନୋବୃତ୍ତି ପାଇଁ ଖବରରେ ଅଛନ୍ତି। ଏପରିକି ସେ ୧୮ ଘଣ୍ଟା କାମ କରନ୍ତି ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି। ଘୋଡା ପରି କାମ କରନ୍ତୁ ବୋଲି ସେ ଚାହନ୍ତି।

ଜାପାନ ଦୀର୍ଘ ପରି ନିଜର ୱାର୍କ କଲଚର୍ ପାଇଁ ବଦନାମ ଅଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିବା ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସମୟରେ, କାର୍ଯ୍ୟ ଚାପ ଏତେ ବୃଦ୍ଧି ପାଇଲା ଯେ ଅନେକ ଲୋକ ହୃଦଘାତ ଏବଂ ଚାପରେ ହଠାତ୍ ମରିବାକୁ ଲାଗିଲେ। ଏହି ମୃତ୍ୟୁଗୁଡ଼ିକୁ କାରୋଶି ଅର୍ଥାତ୍ ଅତ୍ୟଧିକ କାର୍ଯ୍ୟ ଯୋଗୁଁ ମୃତ୍ୟୁ ବୋଲି କୁହାଗଲା।

କାରୋଶିକୁ ରୋକିବା ପାଇଁ, ସରକାରଙ୍କୁ ଓଭରଟାଇମ୍ ସୀମିତ କରିବା ଏବଂ ଶ୍ରମିକମାନଙ୍କୁ ବିଶ୍ରାମ ଦେବା ପାଇଁ କଠୋର ନିୟମ ଲାଗୁ କରିବାକୁ ପଡିଲା। କିନ୍ତୁ ତାକାଇଚିଙ୍କ କାର୍ଯ୍ୟ ଶୈଳୀ ଏବେ ଭୟ ସୃଷ୍ଟି କରିଛି। ଅତ୍ୟଧିକ କାମ କରିବାର ପୁରୁଣା ସଂସ୍କୃତି ଜାପାନକୁ ଫେରିପାରେ ବୋଲି ଲୋକେ ଭୟ କରୁଛନ୍ତି।

# ନୀତିଶଙ୍କୁ ଖୋଲା ଅଫର

**ପାଟନା:** ବିହାର ବିଧାନସଭା ନିର୍ବାଚନରେ ପାଞ୍ଚଟି ଆସନ ଜିତିବା ପରେ, ଅସଦୁଦ୍ଦିନ ଓୱାଇସିଙ୍କ ଦଳ, ଅଲ୍ ଇଣ୍ଡିଆ ମଜଲିସ୍-ଏ-ଇତ୍ତେହାଦୁଲ୍ ମୁସଲିମିନ୍ ବିହାରରେ ସରକାର ଗଠନ କରିବାର ସ୍ୱପ୍ନ ଦେଖିଛି। ସୀମାଞ୍ଚଳରେ ପାଞ୍ଚଟି ଆସନ ଜିତିବା ପରେ, ଓୱାଇସିଙ୍କ ଦଳ ବିହାରରେ ମଧ୍ୟ ସରକାର ଗଠନ ଏବଂ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛି।

ଓୱାଇସିଙ୍କ ଦଳ ଏକ ନୂତନ ମେଣ୍ଟ ଗଠନ କରିଛି, ଯେଉଁଥିରେ ଆରଜେଡି ଏବଂ ଜେଡିୟୁକୁ ମିଶିବାକୁ ପ୍ରସ୍ତାବ ଦିଆଯାଇଛି। ଦଳ ମୁଖ୍ୟମନ୍ତ୍ରୀ ପଦ ପାଇଁ ମଧ୍ୟ ଦାବି କରିଛି। ଏହା ସହିତ ଏଆଇଏମଆଇଏମ ୨୦୨୯ରେ ନୀତିଶ କୁମାରଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ଦେଇଛି।



ଏଆଇଏମଆଇଏମ ବିହାରର ଏକ୍ସ ହ୍ୟାଣ୍ଡେଲରେ କୁହାଯାଇଛି ଯେ, ସରକାର ଗଠନ କରିବାର ସମ୍ଭାବନା ଏବେ ବି ରହିଛି। ଦଳ କହିଛି, ଯଦି JDU, RJD, କଂଗ୍ରେସ, ଏଆଇଏମଆଇଏମ, CPIML, ଏବଂ CPIM ଏକତ୍ର ହୁଅନ୍ତି, ତେବେ ସରକାର ଗଠନ ହୋଇପାରିବ। ଜେଡିୟୁ ପାଖରେ ୮୫ ଆସନ ଅଛି, ଯେତେବେଳେ ଆରଜେଡିର ୨୫ ଆସନ ଅଛି। କଂଗ୍ରେସ ଏବଂ ଏଆଇଏମଆଇଏମ ଯଥାକ୍ରମେ ୬ ଏବଂ ୫ ଆସନ ଜିତିଛନ୍ତି। ସିପିଆଇ-ଏମଏଲ ଏବଂ ସିପିଆଇ-ଏମ ପ୍ରତ୍ୟେକ ୩-୩ ଆସନ ଜିତିଛନ୍ତି। ସେମାନଙ୍କର ମୋଟ ୧୨୪ ଆସନ ବିହାରରେ ସରକାର ଗଠନ ପାଇଁ ଆବଶ୍ୟକ କୁହୁକ ସଂଖ୍ୟା ୧୨୨ ଠାରୁ ଅପେକ୍ଷା ଦୁଇ ଅଧିକ। ଏଆଇଏମଆଇଏମ କଳ୍ପନା କରି ନିଜର କ୍ୟାବିନେଟର ରୂପରେଖ ମଧ୍ୟ ପ୍ରସ୍ତୁତ କରିଛି। ଦଳ କହିଛି ଯେ, ଆମର ଜଣେ ମୁଖ୍ୟମନ୍ତ୍ରୀ ରହିବେ, ଯେତେବେଳେ JDUର କୋଟାରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଏବଂ ୨୦ ଜଣ ମନ୍ତ୍ରୀ ରହିପାରିବେ। RJD ଛଅ ମନ୍ତ୍ରୀପଦ ପାଇପାରେ, ଯେତେବେଳେ କଂଗ୍ରେସ ଦୁଇ ମନ୍ତ୍ରୀପଦ ପାଇବ।

ସିପିଆଇ-ଏମଏଲ ଏବଂ ସିପିଆଇ(ଏମ) ପ୍ରତ୍ୟେକେ ମନ୍ତ୍ରୀ ପଦ ପାଇପାରିବେ। ଏହା ବ୍ୟତୀତ, ନୀତୀଶ କୁମାରଙ୍କୁ ୨୦୨୯ ରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ପ୍ରୋଜେକ୍ଟ କରାଯିବ। ଓୱାଇସିଙ୍କ ଦଳ କହିଛି, ଆମେ ସର୍ବଦା ବିଭାଜନ ନୁହେଁ, ଏକୀକରଣର ରାଜନୀତି କରିଥାଏ। ତେଣୁ, ଏବେ ବି ସୁଯୋଗ ଅଛି। ମୁସଲିମ୍ ବହୁଳ ସୀମାଞ୍ଚଳ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରଖୁଥିବା ଏହି ଦଳ ୨୪୩ ବିଧାନସଭା ଆସନରୁ ୨୯ଟିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି ଆସନ ମଧ୍ୟରୁ ୨୪ଟି ସୀମାଞ୍ଚଳ ଅଞ୍ଚଳରେ ଅଛି। ନିର୍ବାଚନ ପୂର୍ବରୁ ଏଆଇଏମଆଇଏମ ମହାମେଣ୍ଟରେ ସାମିଲ ହେବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିଥିଲା।

RJD ଏବଂ କଂଗ୍ରେସ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଓୱାଇସିଙ୍କ ଦଳ ଏକାକୀ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲା। ରାଜନୈତିକ ସମୀକ୍ଷକଙ୍କ ଅନୁସାରେ ମୁସଲିମ୍ ଭୋଟରଙ୍କ ବିଭାଜନ RJD ଏବଂ କଂଗ୍ରେସର ପରାଜୟରେ ସହାୟକ ହୋଇଥିଲା। ଓୱାଇସିଙ୍କ ଦଳ ସୀମାଞ୍ଚଳରେ ପାଞ୍ଚଟି ଆସନ ଜିତିବାରେ ସଫଳ ହୋଇଥିଲା, କିନ୍ତୁ କଡ଼ା ମୁକାବିଲାରେ ଅନେକ ଆସନ ହାରିଥିଲା।

## ଇଥିଓପିଆରେ ମାରବର୍ଗ ଭାଇରସ

ନୂଆଦିଲ୍ଲୀ:ବିଶ୍ୱ କରୋନା ଭାଇରସ୍ ମହାମାରୀକୁ ଭୁଲି ସାରିଛି। ଏହି ସମୟରେ ମୁଣ୍ଡ ଟେକିଲାଣି ଆଉ ଏକ ନୂଆ ଭାଇରସ୍। ଏହି ଭାଇରସର ନାଁ "ମାରବର୍ଗ"। ଏହାର ପ୍ରଥମ ମାମଲା ପୂର୍ବ ଆଫ୍ରିକୀୟ ଦେଶ ଇଥିଓପିଆରେ ରିପୋର୍ଟ କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇଥିଓପିଆ ପ୍ରଥମ ଥର ପାଇଁ ମାରବର୍ଗ ଭାଇରସ୍ ଚିହ୍ନଟ ହୋଇଥିବା ସ୍ପଷ୍ଟ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଦକ୍ଷିଣ ସୁଦାନ ସୀମା ନିକଟବର୍ତ୍ତୀ ଓମୋ ଅଞ୍ଚଳରେ ନଅ ଜଣ ଲୋକ ଆକ୍ରାନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟ କର୍ମୀମାନେ କିଛି ରୋଗୀଙ୍କ ମଧ୍ୟରେ ଭାଇରାଲ୍ ହେମୋରେଜିକ୍ ଜ୍ୱର ସହିତ ସମାନ ଲକ୍ଷଣ ଦେଖିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନୋମ୍ କହିଛନ୍ତି ଯେ ଇଥିଓପିଆର ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦେଶର ପ୍ରାରମ୍ଭିକ ପର୍ଯ୍ୟାୟରେ ସଙ୍କଟକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ। ପ୍ରକୋପ ଦେଖାଦେବା ପରଠାରୁ, WHO ଦଳ ଇଥିଓପିଆନ କର୍ତ୍ତୃପକ୍ଷଙ୍କ ସହିତ ସଂକ୍ରମିତ ଲୋକଙ୍କୁ ଚିକିତ୍ସା କରିବା, ସମ୍ଭାବ୍ୟ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏବଂ ଅନ୍ୟ ଅଞ୍ଚଳକୁ ଭାଇରସ ବ୍ୟାପିବାକୁ ରୋକିବା ପାଇଁ ଚେଷ୍ଟା କରୁଛି। ଆଫ୍ରିକା CDCର ନିର୍ଦ୍ଦେଶକ ଡକ୍ଟର ଜନ୍ ନେକେଙ୍ଗାସୋଙ୍ଗ କହିଛନ୍ତି ଯେ ଏହି ବ୍ୟାପିବା ବିଶେଷ ଭାବରେ ଚିନ୍ତାଜନକ। କାରଣ ଏହା ଦକ୍ଷିଣ ସୁଦାନ ସୀମା ନିକଟରେ ଅଛି। ଏହାର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ।

## କିଏ ଏହି ସଞ୍ଜୟ ଯାଦବ, ଯାହାଙ୍କ ଲାଗି ଲାଲୁ ପରିବାରରେ ଫାଟ

ନୂଆଦିଲ୍ଲୀ: ବିହାର ବିଧାନସଭା ନିର୍ବାଚନରେ ପରାଜୟ ପରେ ଲାଲୁ ପ୍ରସାଦ ଯାଦବଙ୍କ ପରିବାରରେ ଭୂକମ୍ପ ଆସିଛି। ଲାଲୁଙ୍କୁ କିଡନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ରାଜନୀତି ଛାଡ଼ିବା ନେଇ ଘୋଷଣା କରିଛନ୍ତି। ଏପରି କି ପରିବାର ସହ ମଧ୍ୟ ସମ୍ପର୍କ ଛିନ୍ନ କରିଛନ୍ତି। ଏହା ପଛରେ ସେ ଆରଜେଡିର ରାଜ୍ୟସଭା ସାଂସଦ ସଞ୍ଜୟ ଯାଦବ ଓ ରମିଜଙ୍କୁ ଦାୟୀ କରିଛନ୍ତି। ସଞ୍ଜୟ ଯାଦବଙ୍କ ଉପରେ ପୂର୍ବରୁ ଲାଲୁଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବ ବି ଗମ୍ଭୀର ଅଭିଯୋଗ ଆଣିଥିଲେ ଓ ତାଙ୍କୁ ଜୟଚନ୍ଦ ବୋଲି କହିଥିଲେ। ସଞ୍ଜୟଙ୍କୁ ତେଜସ୍ୱୀଙ୍କ ରାଇଟ୍ ହ୍ୟାଣ୍ଡ ବୋଲି କୁହାଯାଏ ଏବଂ ଦୁହିଁଙ୍କ ମଧ୍ୟରେ ଅନେକ ବର୍ଷରୁ ବନ୍ଧୁତା ରହିଛି। ତେଜସ୍ୱୀ ଓ ଆରଜେଡି ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପଛରେ ସଞ୍ଜୟ ଯାଦବଙ୍କ ନାଁରେ ରହିଛି। ତେଜସ୍ୱୀଙ୍କ ଘନିଷ୍ଠ ଓ ଆରଜେଡି ସାଂସଦ ସଞ୍ଜୟ ଯାଦବଙ୍କ ଘର ହରିୟାଣାର ମହେନ୍ଦ୍ରଗଡ଼। ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସେ ତେଜସ୍ୱୀଙ୍କ ସହ ଅଛନ୍ତି ଓ ଧୀରେ ଧୀରେ ଲାଲୁ ପରିବାର ପରେ ଆରଜେଡିର ସବୁଠୁ ପ୍ରମୁଖ ନାଁ ପାଲଟିଛନ୍ତି। ସଞ୍ଜୟ କମ୍ପ୍ୟୁଟର ସାଇନ୍ସରେ ଏମଏସସି ଓ ଏମବିଏ କରିଛନ୍ତି। ଏହା ପରେ ସେ ଦିଲ୍ଲୀରେ ତିନି ଏମଏନସି କମ୍ପାନିରେ କାମ କରିଥିଲେ। ସେ ଡାଟା ବିଶ୍ଳେଷଣ ଓ ରାଜ୍ୟର ରାଜନୀତିକ ଏବଂ ସାମାଜିକ ସମୀକରଣର ବିଶ୍ଳେଷଣ କରିବାରେ ମାହିର। କୁହାଯାଉଛି ଯେ ସଞ୍ଜୟ ଯାଦବ ପ୍ରଥମ ଥର ଦିଲ୍ଲୀରେ ତେଜସ୍ୱୀଙ୍କୁ ଭେଟିଥିଲେ ଓ ପରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ବଢ଼ିଥିଲା। ରୋହିଣୀ ଆଚାର୍ଯ୍ୟ ଏକ୍ସରେ ରାଜନୀତି ଛାଡ଼ିବା ଘୋଷଣା କରି ଯେଉଁ ପୋଷ୍ଟ ଲେଖିଛନ୍ତି, ସେଥିରେ ସେ କହିଛନ୍ତି, ମୁଁ ରାଜନୀତି ଛାଡୁଛି ଓ ନିଜ ପରିବାର ସହ ସମ୍ପର୍କ ଛିନ୍ନ କରୁଛି। ସଞ୍ଜୟ ଯାଦବ ଓ ରମିଜ ମୋତେ ଏହା କରିବା ପାଇଁ କହିଥିଲେ। ଏବଂ ମୁଁ ସବୁ ଦୋଷ ନିଜ ଉପରକୁ ନେଉଛି। ରୋହିଣୀ ଯେଉଁ ରମିଜଙ୍କ ନାଁ ଉଲ୍ଲେଖ କରିଛନ୍ତି, ସେ ଉତ୍ତର ପ୍ରଦେଶର ଏକ ରାଜନୀତିକ ପରିବାରରୁ ଆସନ୍ତି। ସେ ମଧ୍ୟ ତେଜସ୍ୱୀଙ୍କ ଜଣ ଭଲ ବନ୍ଧୁ।

## ବିଜେପିର ବଡ଼ କାର୍ଯ୍ୟାନୁଷ୍ଠାନ: ତିନି ନେତା ଦଳରୁ ନିଲମ୍ବିତ

**ପାଟନା:** ବିହାର ବିଧାନସଭା ନିର୍ବାଚନରେ ଏନଡିଏ ବିପୁଳ ବିଜୟ ହାସଲ କରିଛି। ଏହି ବିପୁଳ ବିଜୟ ପରେ ବିଜେପି ଆଭ୍ୟନ୍ତରୀଣ ବିରୋଧୀଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଜେପି ବିହାରର ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସମେତ ତିନି ଜଣ ପ୍ରମୁଖ ନେତାଙ୍କୁ ଛଅ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ବିଜେପି କହିଛି ଯେ, ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ବ୍ୟୁରୋକ୍ରାଟ ଆରକେ ସିଂହ ସମ୍ପ୍ରତି ତାଙ୍କ ଦଳ ବିରୋଧୀ ମନ୍ତବ୍ୟ ପାଇଁ ଖବରରେ ଥିଲେ। ଏକ ବିବୃତି ଦେଇ ସେ ନୀତିଶ କୁମାର ସରକାରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ। ସରକାରଙ୍କ ଉପରେ ୬୨,୦୦୦ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣିଥିଲେ। ସେ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ହତ୍ୟାକାରୀ ମଧ୍ୟ କହିଥିଲେ। ଏହା ବିଜେପି ଏବଂ ଜେଡିୟୁ ଉଭୟର ଛବିକୁ ଖରାପ କରିଥିଲା। ଆରକେ ସିଂହ ୨୦୧୩ରେ ବିଜେପିରେ ଯୋଗ ଦେଇଥିଲେ।

**ଆରକେ ସିଂହଙ୍କୁ ଜବାବ୍ ପାଇଁ ନୋଟିସ୍**

ଶନିବାର ସକାଳେ ଆରକେ ସିଂହଙ୍କୁ ପଠାଯାଇଥିବା ନୋଟିସ୍ରେ ବିଜେପି କହିଛି, ଆପଣ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। ଏହା ଶୃଙ୍ଖଳା ପରିସରଭୁକ୍ତ। ଦଳ ଏହାକୁ ଗମ୍ଭୀରତାର ସହ ନେଇଛି। ଏହା ଦଳକୁ କ୍ଷତି ପହଞ୍ଚାଇଛି। ତେଣୁ, ନିର୍ଦ୍ଦେଶ ଅନୁଯାୟୀ, ଆପଣଙ୍କୁ ଦଳରୁ ନିଲମ୍ବିତ କରାଯାଉଛି ଏବଂ ଆପଣଙ୍କୁ କାହିଁକି ଦଳରୁ ବହିଷ୍କାର କରାଯିବ ନାହିଁ ତାହା ସ୍ପଷ୍ଟ କରିବାକୁ କୁହାଯାଉଛି। ତେଣୁ, ଏହି ଚିଠି ପାଇବାର ଗୋଟିଏ ସପ୍ତାହ ମଧ୍ୟରେ ଦୟାକରି ଆପଣଙ୍କ ସ୍ଥିତି ସ୍ପଷ୍ଟ କରନ୍ତୁ।

**ନିର୍ବାଚନ ହାରିବା ପରେ ଆରକେ ସିଂହ ଅସନ୍ତୁଷ୍ଟ**

ବିହାରର ଆରାହରୁ ସେ ୨୦୨୪ ନିର୍ବାଚନରେ ହାରିବା ପରଠାରୁ ବିଜେପି ଏବଂ ସରକାରଙ୍କ ସମାଲୋଚନା କରିଆସୁଥିଲେ। ସେ ଏନଡିଏ ନେତୃତ୍ୱକୁ ପ୍ରଶ୍ନ କରିବା ସହିତ ବିହାର ସରକାରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଥିଲେ।

ପୂର୍ବତନ କୂଟନୀତିଜ୍ଞ ଆରକେ ସିଂହ ମନମୋହନ ସିଂହଙ୍କ କାର୍ଯ୍ୟକାଳରେ ଗୃହ ସଚିବ ଭାବରେ କାର୍ଯ୍ୟ କରିଥିଲେ। ସେ ୨୦୧୩ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଏବଂ ୨୦୧୪ ତଥା ୨୦୧୯ ମସିହାରେ ଦୁଇଥର ଆରାହରୁ ସାଂସଦ ନିର୍ବାଚିତ ହୋଇଥିଲେ। ୨୦୧୭ ମସିହାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ତାଙ୍କୁ ଶକ୍ତି ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା। ୨୦୨୪ ଲୋକସଭା ନିର୍ବାଚନରେ ସେ ତାଙ୍କ ଆସନ ହରାଇଥିଲେ।

# ମୈଥିଳୀ ଠାକୁରଙ୍କ ସଙ୍ଗୀତରୁ ରାଜନୀତି ଯାତ୍ରା

**ମଧୁବନୀ:** ବିହାର ନିର୍ବାଚନ ମୈଦାନକୁ ପ୍ରଥମ ଥର ଭାଗ୍ୟ ପରୀକ୍ଷା ପାଇଁ ଓହ୍ଲାଇଥିବା ମୈଥିଳୀ ଠାକୁର ବମ୍ପର ବିଜୟ ଲାଭ କରିଛନ୍ତି। ଏହି ବିଜୟ ସହିତ ମୈଥିଳୀ ବିହାରର ସବୁଠୁ ଯୁବ ବିଧାୟକ ହେବାର ସୌଭାଗ୍ୟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୈଥିଳୀ ଠାକୁର ବିହାର ଅଲିନଗରରୁ ବିଜେପି ପ୍ରାର୍ଥୀ ହୋଇଥିଲେ ଓ ସେ ୧ଲକ୍ଷ ୧୭ ହଜାର ୩୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ୨୫ ବର୍ଷ ବୟସ୍କା ମୈଥିଳୀ ରାଜନୀତିରେ ଭାଗ୍ୟ ପରୀକ୍ଷା କରିବା ପୂର୍ବରୁ ରିୟଲିଟି ସୋରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ରିୟଲିଟି ସୋ ତାଙ୍କୁ ବେସ୍ ପ୍ରଚାର ଓ ପ୍ରସାର ଦେଇଥିଲେ ବି ସେ ଜିତି ପାରିନଥିଲେ। ହେଲେ ସେ ରାଜନୀତିରେ ସଫଳ ହୋଇଛନ୍ତି। ତେବେ ଆସନ୍ତୁ ଜାଣିବା ସଙ୍ଗୀତରୁ ରାଜନୀତି ପର୍ଯ୍ୟନ୍ତ ତାଙ୍କ ଯାତ୍ରା କିପରି ଥିଲା?



ମୈଥିଳୀଙ୍କ ଜନ୍ମ ୨୫ ଜୁଲାଇ ୨୦୦୦ ରେ ବିହାରର ମଧୁବନୀ ଜିଲ୍ଲା ଉରେନ ଗାଁରେ ହୋଇଥିଲା। ତାଙ୍କ ପରିବାର ସଙ୍ଗୀତ ପ୍ରେମୀ। ତାଙ୍କ ପିତା ରମେଶ ଠାକୁର ସଙ୍ଗୀତକାର ହୋଇଥିବା ସାଙ୍ଗକୁ ମୈଥିଳୀଙ୍କ ପ୍ରଥମ ଗୁରୁ ମଧ୍ୟ ଥିଲେ। ମୈଥିଳୀଙ୍କ ମା ଭାରତୀ ଠାକୁର ଜଣେ ଗୃହିଣୀ। ମୈଥିଳୀଙ୍କ ୨ ଜଣ ଭାଇ ଋଷଭ ଓ ଅୟାଚୀ ଅଛନ୍ତି। ମୈଥିଳୀଙ୍କ ସଙ୍ଗୀତ ଯାତ୍ରାରେ ଦୁଇଭାଇଙ୍କ ବେଶ୍ ଯୋଗଦାନ ରହିଛି। ଦୀର୍ଘ ବର୍ଷ ପୂର୍ବେ ମୈଥିଳୀଙ୍କ ପିତା ଦିଲ୍ଲୀ ଚାଲିଯାଇଥିଲେ। ସେଠାରେ ମୈଥିଳୀଙ୍କ ବାଲ୍ୟ ଶିକ୍ଷା ଆରମ୍ଭ ହୋଇଥିଲା।

ବିହାରର ସବୁଠୁ ଯୁବ ବିଧାୟିକା ମୈଥିଳୀ ତାଙ୍କର ଅନେକ ସାକ୍ଷାତକାରରେ କହିଛନ୍ତି ଯେ ପ୍ରାରମ୍ଭିକ ଶିକ୍ଷା ସେ ଘରେ ଗ୍ରହଣ କରିଥିଲେ। ରିପୋର୍ଟସ ଅନୁସାରେ ମୈଥିଳୀଙ୍କ ପିତା ଦିଲ୍ଲୀ ଚାଲିଯିବା ଯୋଗୁ ସେଠାରେ ମୈଥିଳୀଙ୍କ ଆଡମିସନ ବାଲଭବନ ଇଣ୍ଟରନ୍ୟାସନାଲ ସ୍କୁଲରେ କରିଦିଆଯାଇଥିଲା। ସେ ଜଣେ ମେଧାବୀ ଛାତ୍ରୀ ଥିଲେ, ଏଣୁ ସ୍କୁଲରେ ତାଙ୍କୁ ସ୍କୋଲାରସିପ୍ ମିଳିଥିଲା। ଏହି ସ୍କୁଲରୁ ସେ ଦ୍ୱାଦଶ ଉତୀର୍ଣ୍ଣ ହୋଇଥିଲେ। ପରେ ମୈଥିଳୀ ଦିଲ୍ଲୀ ୟୁନିଭର୍ସିଟିର ଆତ୍ମାରାମ ସନାତନ ଧର୍ମ କଲେଜରୁ ବିଏ ଡିଗ୍ରି ହାସଲ କରିଥିଲେ। ପାଠପଢା ସହିତ ମୈଥିଳୀ ତାଙ୍କ ସଙ୍ଗୀତ ପ୍ରେମକୁ କାୟମ ରଖିଥିଲେ ଓ କ୍ୟାରିୟର ଉପରେ ଫୋକସ କରିଥିଲେ।

ଅଲିନଗର ସିଟ୍ ରୁ ବିଜେପିର ନବ ନିର୍ବାଚିତ ବିଧାୟିକୀ ମୈଥିଳୀ ଠାକୁର ତାଙ୍କ ନିର୍ବଚନୀ ସତ୍ୟପାଠରେ ମୋଟ ସମ୍ପତ୍ତି ପରିମାଣ ୩.୮୨ କୋଟି ଟଙ୍କାରୁ ଅଧିକ ଦର୍ଶାଇଛନ୍ତି। ଏଥିରେ ତାଙ୍କର ଚଳନ୍ତି ସମ୍ପତ୍ତି ନଗଦ, ବାହନ ଓ ଆଭୂଷଣ ୨.୩୨କୋଟି ଟଙ୍କାର ହୋଇଥିବା ବେଳେ ୧.୫କୋଟି ଟଙ୍କାର ଅଚଳ ସମ୍ପତ୍ତି (ଭୂମି) ଘୋଷଣା କରିଛନ୍ତି। ମୈଥିଳୀଙ୍କ ଆୟର ମୁଖ୍ୟସ୍ରୋତ ଗାୟନ, ସୋସିଆଲ ମିଡିଆ ଓ ବ୍ରାଣ୍ଡଏଣ୍ଡୋରସମେଣ୍ଟରୁ ଆସିଥାଏ।

ମୈଥିଳୀଙ୍କୁ ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା ମିଳିଛି। ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୈଥିଳୀଙ୍କୁ ନ୍ୟାସନାଲ କ୍ରିଏଟର୍ସ ଆୱାର୍ଡରେ 'କଲଚାରଲ ଆମ୍ବାସେଡର ଅଫ ଦି ଇୟର' କ୍ୟାଟଗରୀରେ ସମ୍ମାନୀତ କରିଥିଲେ। ଲୋକଗୀତ କ୍ଷେତ୍ରରେ ଯୋଗଦାନ ପାଇଁ ୨୦୨୧ ମସିହାରେ ମୈଥିଳୀ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଓସ୍ତାଦ ବିସମିଲ୍ଲା ଖାନ ଯୁବ ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଥିଲେ। ଅତୀତରେ ମୈଥିଳୀ ବିହାରର ମଧୁବନୀ ଜିଲ୍ଲା ଲାଗି ଇଲେକ୍ସନ ଆଇକନ ନିଯୁକ୍ତ ହୋଇଥିଲେ। ୨୦୧୬ ମସିହାରେ ଜିନିୟସ ୟଙ୍ଗ ସିଙ୍ଗିଙ୍ଗ ଷ୍ଟାର ପ୍ରତିଯୋଗୀତାର ମଧ୍ୟ ସେ ବିଜେତା ଥିଲେ।

ବିହାର ରାଜନୀତିରେ ମୈଥିଳୀ ଠାକୁର ବିଜୟୀ ହୋଇ ନା କେବଳ ରାଜନୈତିକ ଦିଗ୍ଗଜଙ୍କୁ ଚମତ୍କୃତ କରିଛନ୍ତି ବରଂ ରାଜନୀତିର ପ୍ରଥମ ପାହାଚ ସଫଳତାର ସହ ଚଢ଼ିଛନ୍ତି। ୨୫ବର୍ଷର ଯୁବ ଗାୟିକା ମୈଥିଳୀ ଠାକୁର ବିକାଶ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିହାରରେ ବିଧାୟକଙ୍କ ହାରାହାରି ବୟସ ୫୧ ବର୍ଷ ଓ ମୈଥିଳୀଙ୍କ ପୂର୍ବରୁ ୨୦୧୫ ମସିହାରେ ଆରଜେଡି ନେତା ତେଜସ୍ୱୀ ଯାଦବ ୨୬ ବର୍ଷ ବୟସରେ ବିଧାନସଭାରେ ସବୁଠୁ ଯୁବ ବିଧାୟକ ହୋଇଥିଲେ।

# ଟେଷ୍ଟରେ ଛକା ମାରିବାରେ ପନ୍ତଙ୍କ ରେକର୍ଡ




ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): କୋଲକାତା ଟେଷ୍ଟରେ ୱିକେଟକିପର ବ୍ୟାଟର ରିଷଭ ପନ୍ତ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିଥିବା ଭାରତୀୟ ହୋଇଛନ୍ତି। ଦୁଇଟି ଛକା ଓ ଦୁଇଟି ଚୌକା ମାରି ଆଉଟ୍ ହୋଇଥିଲେ। ଭାରତର ପ୍ରଥମ ଇନିଂସରେ ପଞ୍ଚମ ସ୍ଥାନରେ ବ୍ୟାଟିଂ କରିବାକୁ ପନ୍ତ ଆସିଥିଲେ। ସେ ୨୪ ବଲରୁ ୨୭ ରନ୍ କରିଥିଲେ। ପନ୍ତ ୮୩ ଟେଷ୍ଟ ଇନିଂସରେ ୯୨ ଛକା ମାରିଛନ୍ତି। ଭାରତର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ୧୮୦ ପାଳିରେ ୯୧ ଛକା ମାରିଥିଲେ। ରୋହିତ ଶର୍ମା ୧୧୬ ପାଳିରେ ୮୮ ଛକା ମାରିଛନ୍ତି। ଏଦୃଷ୍ଟିରୁ ଉଭୟ ରୋହିତ ଓ ବୀରେନ୍ଦ୍ର ସେହ୍ୱାଗଙ୍କୁ ପଛରେ ପକାଇଛନ୍ତି ରିଷଭ ପନ୍ତ।

# ଇନୋଭାରେ କପ୍ ଉଦଘାଟିତ

ଭୁବନେଶ୍ୱର,୧୫।୧୧(ସବ୍ୟୁ): ଭୁବନେଶ୍ୱର ସ୍ଥିତ ସୋଆ ଷ୍ଟାଡିୟମରେ ଇନୋଭାରେ କପ୍ କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିତ ଭାବେ ଇନୋଭାରେ କପ୍ ପ୍ରତିଷ୍ଠାତା ତଥା ସିଟିଓ ମୋହର ମନୋହର ମିଶ୍ର, ଆଇସିସି ସଭାପତି ସରୋଜ ପାଢ଼ୀ, କାଉନସିଲ ସଦସ୍ୟ ହିମାଂଶୁ ପତି ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ। ଇଡକୋ ଏବଂ ସୋଆ ଷ୍ଟାଡିୟମରେ ଏହି ମେଘା କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିନ ମୋଟ୍ ୪ଟି ମ୍ୟାଚ ଖେଳାଯାଇଛି। ଇଡକୋ ଷ୍ଟାଡିୟମରେ ଇସିସି ୧୩ ରନରେ କିଟକୁ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚ ଷ୍ଟାର୍ଟଅପ୍ ଏକାଦଶ ୬ ୱିକେଟରେ ରୟାଲ୍ ରେଞ୍ଜର୍ସକୁ ହରାଇଥିଲା। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ଇଡକୋ ୩୪ ରନ୍ ବ୍ୟବଧାନରେ ଆକ୍ସେଞ୍ଚର ତଥା ଦ୍ୱିତୀୟ ମ୍ୟାଚରେ ଲୟସ ୫ ୱିକେଟରେ ଆରସିସିକୁ ପରାସ୍ତ କରିଛି।




# ଭାରତ ନିୟନ୍ତ୍ରଣରେ ଇଡେନ ଟେଷ୍ଟ

କୋଲକାତା,୧୫।୧୧(ଏଜେନ୍ସି): ଭାରତ-ଦ.ଆଫ୍ରିକା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ସୁଧା ଫଳାଫଳ କାହା ସପକ୍ଷରେ ଯିବ ତାହା ଏକପ୍ରକାର ସ୍ପଷ୍ଟ ହୋଇସାରିଛି। ପ୍ରଥମପାଳି ଭଳି ଦ୍ୱିତୀୟରେ ମଧ ଦ.ଆଫ୍ରିକା ଚରମ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଘରୋଇ ଦଳ ଭାରତ ସମ୍ମୁଖରେ ଆତ୍ମସମର୍ପଣ କଲାଭଳି ଲାଗୁଛି। ଷ୍ଟମ୍ପ ଅପସାରଣ ସୁଧା ଦ.ଆଫ୍ରିକା ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ୍ କରିଛି। ତେଣୁ ଦଳ ମାତ୍ର ୬୩ ରନର ଅଗ୍ରଣୀ ହାସଲ କରିଛି। ପ୍ରଥମ ପାଳିରେ ଦ.ଆଫ୍ରିକା ୧୫୯ ରନ୍ କରିଥିବା ବେଳେ ଭାରତ ୧୮୯ ରନ୍ କରି ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଦିନ ଉଭୟ ଭାରତ ଓ ଦ.ଆଫ୍ରିକାର ୧୬ ୱିକେଟ୍ ଝଡିଛି। ଗୋଟିଏ ଗୋଟିଏ ରନ୍ ପାଇଁ ଇଡେନ ଗାର୍ଡେନ ପିଚରେ ବ୍ୟାଟର କଡା ସଂଘର୍ଷ କରିଛନ୍ତି। ପ୍ରଥମ ଦିନ ୧୧ ୱିକେଟ୍ ଝଡିଥିଲା। ବୋଲର ନିଜର ପ୍ରାଧାନ୍ୟବିସ୍ତାର କରିଥିଲେ। ଦ୍ୱିତୀୟ ଦିନ ମଧ ପରିସ୍ଥିତି ସମାନ ରହିଥିଲା। ଦ୍ରୁତ ବୋଲରଙ୍କ ତୁଳନାରେ ସ୍ପିନରଙ୍କୁ ଅଧିକ ସହାୟତା ମିଳିଥିଲା। ସେଥିପାଇଁ ଭାରତର ରବିନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ୬ ୱିକେଟ୍ ଅକ୍ତିଆର କରି ଦ.ଆଫ୍ରିକାକୁ ନିୟନ୍ତ୍ରଣରେ ରଖିପାରିଛନ୍ତି।


ପ୍ରଥମ ଦିନର ଅସମାପ୍ତ ଇନିଂସ ଭାରତ ୩୭/୧ରୁ ଖେଳ ଆରମ୍ଭ କରିଥିଲା। ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍ କରି ଅପରାଜିତ ଥିଲେ। ଦୁହେଁ ଏଇଠୁ ଖେଳକୁ ଆଗେଇ ନେଇଥିଲେ। ରାହୁଲ ୧୧୯ ବଲର ସମ୍ମୁଖୀନ ହୋଇ ୪ ଚୌକା ଗୋଟିଏ ଛକା ସହାୟତାରେ ୩୯ ରନ୍ କରି ମହାରାଜାଙ୍କ ଶିକାର ହୋଇଥିଲେ। ମ୍ୟାଚ ପୂର୍ବରୁ ଭାରତୀୟ ମୁଖ୍ୟ କୋଚ ଗୌତମ ଗମ୍ଭୀର ଇଡେନ ପିଚ ସ୍ପିନରଙ୍କୁ ସୁହାଇବ ବୋଲି ଦାବି କରିଥିଲେ। ଦ୍ୱିତୀୟ ଦିନ ତାର ପ୍ରତିଛବି ଦେଖିବାକୁ ମିଳିଛି। କେଶବ ମହାରଗେ କୋରବିନ ବୋଶ୍ଚ ଓ ସିମନ ହାରମର ତଥା ମାକ୍ରୋ ଜନସେନ ଭାରତୀୟ ବ୍ୟାଟରଙ୍କୁ ବଡ଼ ସ୍କୋର କରିବାର ସୁଯୋଗ ଦେଇନଥିଲେ। ୱାଶିଂଟନ ସୁନ୍ଦର ୨୯, ଅଧିନାୟକ ଶୁଭମନ ଗିଲ ୪ ରନ୍ କରି ରିଟାୟାର୍ଡହଟ, ରିଷଭ ପନ୍ତ ଦ୍ରୁତ ୨୭, ରବିନ୍ଦ୍ର ଜାଡେଜା ୨୭, ଧ୍ରୁବ ଜୁରେଲ ୧୪, ଅକ୍ଷର ପଟେଲ ୧୬ ରନ କରିଥିଲେ। ତେଣୁ ଭାରତ ଦ୍ୱିତୀୟ ଅଧିବେଶନ ମଧ୍ୟରେ ୬୨.୨ ଓଭର ଖେଳି ୧୮୯ ରନରେ ଅଲଆଉଟ୍ ହୋଇଥିଲା। ଦଳ ୩୦ ରନର ଅଗ୍ରଣୀ ହାସଲ କରିଥିଲା। ମାର୍କୋ ଜନସେନ ୩ଟି, ସିମନ ହରମର ୪ଟି, କେଶବ ମହାରାଜ ଓ କୋରବିନ ବୋଷ୍ଟ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

ଦ.ଆଫ୍ରିକା ଦ୍ୱିତୀୟ ଇନିଂସ ପୂର୍ବରୁ ଯାହା ଥିଲା ଏବେ ବି ସମାନ। ପ୍ରଥମ ୱିକେଟ୍ ଯୋଡି ମାତ୍ର ୧୮ ରନରେ ଭାଙ୍ଗି ଥିଲା। ରିଆନ ରିକେଲଟନ ୧୧, ଆଦିନ ମାର୍କାମ ୪ ରନ୍ କରି ପାଭିଲିୟନ୍ ଫେରିଯାଇଥିଲେ। ଏହାପରେ ପଡିଆକୁ ଆସିଥିବା ସବୁ ବ୍ୟାଟର ଯେପରି ଔପଚାରିକତା ପୂରଣ କଲା ଭଳି ଲାଗୁଥିଲା। ୱିଆନ୍ ମୁଲ୍ଡର ୧୧, ଅଧିନାୟକ ଟେମ୍ବା ବଭୁମା ୨୯, ଟୋନି ଡି ଜୋରଜି ୨, ଟ୍ରିଷ୍ଟାନ ଷ୍ଟୁବସ ୫, କାଏଲି ଭେରିନେ ୯, ମାର୍କୋ ଜନସେନ ୧୩ ରନ୍ କରିଥିଲେ। ଷ୍ଟମ୍ପଅପସାରଣ ବେଳକୁ ଦ.ଆଫ୍ରିକା ଦ.ଆଫ୍ରିକା ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ୍ କରିଛି। ପ୍ରଥମ ଇନିଂସରେ ୫ ୱିକେଟ୍ ଦଖଲ କରିଥିବା ଯଶପ୍ରୀତ ବୁମରାଙ୍କୁ ଦ୍ୱିତୀୟ ଇନିଂସରେ ସଫଳତା ମିଳିନାହିଁ। କିନ୍ତୁ ରବିନ୍ଦ୍ର ଜାଡେଜା ୧୩ ଓଭର ଫିଙ୍ଗି ୩ ମେଡେନ ସହ ୨୯ ବ୍ୟୟରେ ୪ ୱିକେଟ୍ ଦଖଲ କରିଛନ୍ତି। ଚାଇନାମ୍ୟାନ ସ୍ପିନର କୁଲଦୀପ ଯାଦବ ୫ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୧୨ ରନ୍ ବ୍ୟୟରେ ୨ ଏବଂ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।




# ୨୩ରେ ପଲାସଙ୍କୁ ବିବାହ କରିବେ ମନ୍ଧାନା

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ମହିଳା ବିଶ୍ୱକପ୍ ବିଜେତା ଭାରତୀୟ ଦଳର ଷ୍ଟାର ଓପନର ସ୍ମୃତି ମନ୍ଧାନା ବିବାହ କରିବାକୁ ଯାଉଛନ୍ତି। ଅନେକ ଦିନ ହେବ ତାଙ୍କ ବିବାହକୁ ନେଇ ନାନାଦି କଳ୍ପନା ଜଳ୍ପନା ଲାଗି ରହିଥିଲା। ଏସବୁର ଅନ୍ତ ହେବାକୁଯାଉଛି। ମନ୍ଧାନାଙ୍କ ବିବାହ ତାରିଖ ସାମ୍ନାକୁ ଆସିଛି। ନଭେମ୍ବର ୨୩ ତାରିଖରେ ପ୍ରେମିକ ତଥା ସଂଗୀତ ନିର୍ଦ୍ଦେଶକ ପଲାସ ମୁଚ୍ଛଲଙ୍କୁ ବିବାହ କରିବେ ସ୍ମୃତି। ସେମାନଙ୍କ ବିବାହର କାର୍ଡ ମଧ୍ୟ ସୋସିଆଲ ମିଡ଼ିଆରେ ଭାଇରଲ ହେଉଛି। ମନ୍ଧାନା ଏବଂ ପଲାସ ମୁଚ୍ଛଲ ବିଗତ ୬ ବର୍ଷ ହେବ ପରସ୍ପର ସମ୍ପର୍କରେ ଅଛନ୍ତି। ଶେଷରେ ଏ ସମ୍ପର୍କ ବିବାହବନ୍ଧନର ରୂପ ନେବାକୁ ଯାଉଛି। ଜଣେ ଘନିଷ୍ଠ ବନ୍ଧୁଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଜଣାପଡିଛି ଯେ, ଦୁହେଁ ଏକ କ୍ରିକେଟ୍ ଷ୍ଟାଡିୟମରେ ପ୍ରପୋଜ କରିଥିଲେ।




ଚଳଚ୍ଚିତ୍ର ଜଗତ ସହ ଜଡିତ ବର୍ଷା ଗୋଗେଇ ମଧ ତାଙ୍କ ଇନଷ୍ଟାଗ୍ରାମରେ ପଲାସ ଓ ସ୍ମୃତିଙ୍କ କିଛି ଫଟୋ ସେୟାର କରିଛନ୍ତି। ଫଟୋ ଗୁଡିକ ମୁମ୍ବାଇର ଡି ୱାଇପାଟିଲ ଷ୍ଟାଡିୟମର ବୋଲି ଜଣାପଡିଛି। ସ୍ମୃତି ମଧ ଏକ ମୁଦି ପିନ୍ଧିଥିବା ନଜର ଆସିଛନ୍ତି। ଏହା ସମ୍ଭବ ଯେ, ଏହି ମୁଦି ତାଙ୍କ ନିର୍ବନ୍ଧର। ବୋଧ ହୁଏ ପଲାସ ମୁଚ୍ଛଲ ଡି ୱାଇ ପାଟିଲ ଷ୍ଟାଡିୟମରେ ସ୍ମୃତିଙ୍କୁ ମୁଦି ପିନ୍ଧାଇ ଥାଇପାରନ୍ତି। କାହିଁକି ନା ବର୍ଷା ଗୋଗେଇ ସ୍ମୃତି ଓ ପଲାସଙ୍କ ସମାନ ଫଟୋ ପୋଷ୍ଟ କରି ଲେଖିଛନ୍ତି ଆଉ ଡେରି କାହିଁକି ଶୀଘ୍ର ବିବାହ କର। ପଲାସ ମଧ ଇନଷ୍ଟାଗ୍ରାମରେ ବର୍ଷାଙ୍କ ଏହି ପୋଷ୍ଟକୁ ସେୟାର କରି ସ୍ପଷ୍ଟ କରିଛନ୍ତି ଯେ ସେମାନଙ୍କ ବିବାହକୁ ନେଇ ଚାଲିଥିବା କଳ୍ପନାଜଳ୍ପନା ମିଛ ନୁହେଁ। ନିକଟରେ ଆଇସିସି ମହିଳା ବିଶ୍ୱକପର ମ୍ୟାଚ ସମୟରେ ପଲାସ ପ୍ରକାଶ କରିଥିଲେ ଯେ, ମନ୍ଧାନା ଖୁବଶୀଘ୍ର ଇନ୍ଦୋରର ବୋହୂ ହେବେ। ଏହି ବିବାହ ମହାରାଷ୍ଟ୍ରର ସାଙ୍ଗଲିରେ ହେବ। ଯେଉଁଠାରେ ସ୍ମୃତି ରହୁଛନ୍ତି।

# ଏସିଆନ୍ ଆର୍ଚେରୀ ଚାମ୍ପିଅନସିପ: କିଟର ଅତନୁ ଜିତିଲେ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୫।୧୧(ସବ୍ୟୁ): ଏସିଆନ୍ ଆର୍ଚେରୀ ଚାମ୍ପିଅନସିପ୍ ବାଂଲାଦେଶର ଢ଼ାକାରେ ଆୟୋଜନ ହୋଇଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭାରତୀୟ ରିକର୍ଭ ପୁରୁଷ ଦଳ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛି। ଏହି ଦଳରେ ଅଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଅଲିମ୍ପିଆନ୍ ଅତନୁ ଦାସ। ଏହି ପଦକ ସଫଳତା ଭାରତର ୧୮ ବର୍ଷ ପ୍ରତିକ୍ଷାର ଅନ୍ତ ଘଟାଇଛି। ଶେଷଥର ପାଇଁ ୨୦୦୭ରେ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା। ଭାରତୀୟ ଦଳରେ ଯଶଦୀପ ଭୋଗେ, ଅତନୁ ଦାସ ଓ ରାହୁଲ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲେ। ୫-୪ ବ୍ୟବଧାନରେ ଭାରତ ଦ.କୋରିଆର ସିଓ ମିନଗି, କିମ ୟେଚାନ ଓ ଜାଙ୍ଗ ଝିହୋଙ୍କୁ ପରାଜିତ କରି ଐତିହାସିକ ସ୍ୱର୍ଣ୍ଣ ଜିତିଛି। ଫାଇନାଲରେ ଅତନୁ ଦାସ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଥିଲେ ତାଙ୍କ ଲକ୍ଷ୍ୟ ପରଫେକ୍ଟ-୧୦ରେ ବାଜିଥିଲା। କିଟ୍ ଆର୍ଚେରୀ ମୁଖ୍ୟ ପରାମର୍ଶଦାତା ପୂର୍ବତନ ଅନ୍ତର୍ଜାତୀୟ ଆର୍ଚର, ରାହୁଲ ବାନାର୍ଜୀ ଭାରତୀୟ ପୁରୁଷ ରିକର୍ଭ ଦଳର କୋଚ ଅଛନ୍ତି। ୨୦୦୭ ଏସିଆନ୍ ଚାମ୍ପିଅନସିପରେ ସେ ନିଜେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅତନୁଙ୍କ ପଦକ ସଫଳତା ପାଇଁ ସେ ଖୁସି ବ୍ୟକ୍ତ କରିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଆର୍ଚର ଅତନୁ ଦାସ, କୋଚ ରାହୁଲ ବାନାର୍ଜୀ ତଥା ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ସ୍ୱର୍ଣ୍ଣ ପଦକ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ମୋଟ୍ ୪ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଛି। ମହିଳା, ମିକ୍ସଡ ଓ କମ୍ପାଉଣ୍ଡ ଇଭେଣ୍ଟରେ ଭାରତକୁ ଇଭେଣ୍ଟ ସଫଳତା ମିଳିଛି।




# ବିଦ୍ୟାଳୟସ୍ତରୀୟ ଆଥଲେଟିକ୍ସ, ସଫ୍ଟବଲ, ବେସବଲ ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର,୧୫।୧୧(ସବ୍ୟୁ): ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନ ଓ ବାଲେଶ୍ୱର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଙ୍ଗଠନର ମିଳିତ ଆୟୋଜନରେ ହେଉଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ଏଥେଲେଟିକ୍ସ, ସଫଟବଲ ଓ ବେସବଲ ପ୍ରତିଯୋଗିତାର ଉଦଯାପନ ଉତ୍ସବ ସ୍ଥାନୀୟ ପରମିଟ୍ ପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୧ ତାରିଖରୁ ଆରମ୍ଭ ହୋଇ ୫ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୧୧୨୯ ଜଣ ପ୍ରତିଯୋଗୀ, ୧୪୦ ଜଣ ମେନେଜର, ୨୮୩ ଜଣ ଅଫିସିଆଲ୍ ଓ ୬୦ ଜଣ ପରିଚାଳନା ସହଯୋଗୀ, ସମୁଦାୟ ୧୬୧୨ ଜଣ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । ପ୍ରତିଯୋଗିତାର ଫଳ ସଫଟବଲ ୧୭ ବର୍ଷରୁ କମ୍ ବାଳକ ଚାମ୍ପିଅନ - ଭୁବନେଶ୍ୱର,ରନର୍ସଅପ୍- ରାୟଗଡ଼ା । ସଫଟବଲ ୧୭ବର୍ଷରୁ କମ୍ ବାଳିକା ଚାମ୍ପିଅନ- ଭୁବନେଶ୍ୱର , ରନର୍ସଅପ୍- ରାୟଗଡ଼ା । ବେସବଲ ୧୭ବର୍ଷରୁ କମ୍ ବାଳକ ଚାମ୍ପିଅନ- ଭୁବନେଶ୍ୱର , ରନର୍ସଅପ୍- କେନ୍ଦ୍ରାପଡ଼ା । ବେସବଲ ୧୭ ବର୍ଷରୁ କମ୍ ବାଳିକା ଚମ୍ପିଅନ - ଭୁବନେଶ୍ୱର , ରନର୍ସଅପ୍ - ରାୟଗଡ଼ା । ଏଥେଲେଟିକ ଏକକ ଚାମ୍ପିଅନ-୧୭ବର୍ଷରୁକମ୍ ବାଳକ - ନବରଙ୍ଗପୁର , ବାଳିକା - ଭୁବନେଶ୍ୱର । ୧୪ ବର୍ଷରୁ କମ୍ ବାଳକ - ନବରଙ୍ଗପୁର , ବାଳିକା - ଭୁବନେଶ୍ୱର । ଉଦଯାପନ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥଲେ । ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା କ୍ରୀଡ଼ା ବିବରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବରେ ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ବାଲେଶ୍ୱର କ୍ରୀଡ଼ା ସଙ୍ଗଠନର ସହ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ, ସଦର ବି ଇ ଓ ଯଜ୍ଞେଶ୍ୱର ଜେନା, ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ । କେନ୍ଦ୍ରୀୟ ଅଧିକାରୀ ନିରଞ୍ଜନ ଶତପଥୀ ସଭା କାର୍ଯ୍ୟକୁ ସଂଯୋଜନା କରିଥଲେ ।


# ଧାମନଗରରେ ନିର୍ମାଣ ହେବ ଆଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ

ଧାମନଗର,୧୫।୧୧(ସବ୍ୟୁ): ଧାମନଗରରେ ଆଧୁନିକ କ୍ରୀଡା ଭିତ୍ତିଭୂମି ସୃଷ୍ଟି ନିମନ୍ତେ ଏକ ବୃହତ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ସେ ନେଇ ରାଜ୍ୟ ଅତିରିକ୍ତ କ୍ରୀଡା ସଚିବ ବିଜୟ କୁମାର ସ୍ୱାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଧାମନଗର ଏନଏସି ଅନ୍ତର୍ଗତ ଜୟଇନଗର ମୌଜାର ଅଲସୁଆପଦା ଠାରେ ଥିବା ୨୫ଏକର ଜମିକୁ ଏହି ପ୍ରକଳ୍ପ ପାଇଁ ଚିହ୍ନଟ କରାଯାଇଛି । ସରକାରୀ ଜମି ସହ ଆବଶ୍ୟକ ହେଲେ କିଛି ବେସରକାରୀ ଜମିକୁ ଅଧିଗ୍ରହଣ କରାଯାଇ ଏହି ଆଧୁନିକ ସ୍ପୋର୍ଟସ ହବ୍ ନିର୍ମାଣ କରାଯିବ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୦୦କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଜଣାଯାଇଛି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଷ୍ପତ୍ତିକ୍ରମେ ଏହି ପ୍ରକଳ୍ପ ହେବାକୁ ଯାଉଥିବାବେଳେ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କ୍ରୀଡା ସଚିବ ବିଜୟ କୁମାର ସ୍ୱାଇଁ ପ୍ରସ୍ତାବିତ ପ୍ରକଳ୍ପ ସ୍ଥଳରେ ପହଂଚି କ୍ଷେତ୍ର ପରିଦର୍ଶନ କରିଥିଲେ । ଉକ୍ତ ଜମିରେ ଲୋକେ ଧାନଚାଷ କରିଥିବାରୁ ଧାନ ଅମଳ ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି । କ୍ଷେତ୍ର ପରିଦର୍ଶନ ସମୟରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଜୋନ ଅଫିସର ଅନୁପ ବେହେରା,ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ,ଆରଆଇ ଓ ସୁପରଭାଇଜରଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଆଇପିଏଲ୍ : ସଞ୍ଜୁ ଗଲେ ଚେନ୍ନାଇ

ନୂଆଦିଲ୍ଲୀ,୧୫।୧୧(ଏଜେନ୍ସି): ଆଇପିଏଲ-୨୦୨୬ ପାଇଁ ଫ୍ରାଞ୍ଚାଇଜ ଗୁଡିକ ଦଳରେ ପରିବର୍ତ୍ତନ କରିଛନ୍ତି। ସବୁଠୁ ବଡ଼ ଟ୍ରେଡ ଡ୍ରିଲ। ଚେନ୍ନାଇ ସୁପରକିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ହୋଇଛି। ରାଜସ୍ଥାନ ଅଧିନାୟକ ସଞ୍ଜୁ ସାମସନ ୧୪ ଗୋଟି ଟ୍ରେଡ ଡ୍ରିଲରେ ଚେନ୍ନାଇ ସହିତ ଯୋଡି ହୋଇଛନ୍ତି। ରବିନ୍ଦ୍ର ଜାଡେଜା ଓ ସାମ କୁରନ ରାଜସ୍ଥାନ ପକ୍ଷରୁ ଖେଳିବେ। କେକେଆର ଓ ଚେନ୍ନାଇ ତାଙ୍କୁ ନେବା ପାଇଁ ଉଦ୍ୟମ କରିଥିଲେ। ଶେଷରେ ଚେନ୍ନାଇକୁ ଯାଇଛନ୍ତି ସାମସନ। ଚେନ୍ନାଇ ପକ୍ଷରୁ ଜଡେଜା ୧୨ଟି ସିଜନ ଖେଳିଛନ୍ତି। ରାଜସ୍ଥାନ ତାଙ୍କୁ ୧୮ କୋଟି ବଦଳରେ ୧୪ କୋଟି ଦେବା ପାଇଁ ରାଜି ହୋଇଛି। ତେଣୁ ୪ କୋଟିର କ୍ଷତି ଜାଡେଜା ସହିବେ। ରିପୋର୍ଟ ମୁତାବକ ଜାଡେଜା ରାଜସ୍ଥାନର ଅଧିନାୟକ ହେବେ। ରାଜସ୍ଥାନ ପକ୍ଷରୁ ଜାଡେଜା ଆଇପିଏଲ ଆରମ୍ଭ କରିବେ। ୨୦୧୫ରେ ସେ ଚେନ୍ନାଇ ସହ ଯୋଡି ହୋଇଥିଲେ।୨୦୧୮ ପରଠାରୁ କ୍ରମାଗତ ଭାବେ ଚେନ୍ନାଇ ପକ୍ଷରୁ ଖେଳିଆସୁଥିଲେ। ସେ ଆଇପିଏଲରେ ଜାଡେଜା ୨୫୦ ମ୍ୟାଚ ଖେଳି ରେକର୍ଡ ମଧ କରିଛନ୍ତି।

ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ ଏବେ ଚେନ୍ନାଇର ମଙ୍ଗ ଧରିବାକୁ ଯାଉଛନ୍ତି। ତାଙ୍କୁ ୧୮ କୋଟି ଟଙ୍କାରେ ଚେନ୍ନାଇ କିଣିଛି। ୧୭୭ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି। ୨୦୧୩ରେ ସାମସନ ଡେବ୍ୟୁ କରିଥିଲେ। ସେ ୨୦୧୬ ଓ ୨୦୧୭ ସିଜନରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳିଥିଲେ।




ସାମ କୁରନ ଚେନ୍ନାଇ ଛାଡି ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବେ। ତାଙ୍କୁ ୨.୪ କୋଟି ଟଙ୍କାରେ ଟ୍ରେଡ କରିଛି ରାଜସ୍ଥାନ।୨୭ ବର୍ଷୀୟ କୁରନ ୬୪ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି। ସେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ତୃତୀୟ ଫ୍ରାଞ୍ଚାଇଜ ଭାବେ ଖେଳିବେ। ପୂର୍ବରୁ ସେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ପଞ୍ଜାବ କିଙ୍ଗ୍ସ ଓ ଗତ ସିଜନରେ ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଖେଳିଛନ୍ତି।

ଭେଟେରାନ ଦ୍ରୁତ ବୋଲର ମହମ୍ମଦ ସାମି ୨୦୨୬ ଆଇପିଏଲରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପାଇଁ ଖେଳିବେ। ସନରାଇଜର୍ସ ହାଇଦ୍ରାବାଦ ଠାରୁ ସାମିଙ୍କୁ ୧୦ କୋଟି ଟଙ୍କା ବ୍ୟୟରେ ଟ୍ରେଡ କରିଛି ଲକ୍ଷ୍ନୌ । ୨୦୧୩ରେ ଆଇପିଏଲ୍ ଡେବ୍ୟୁ କରି ୫ଟି ଫ୍ରାଞ୍ଚାଇଜ୍ ପାଇଁ ସାମି ୧୧୯ ମ୍ୟାଚ ଖେଳିଛନ୍ତି। ୨୦୨୩ ସଂସ୍କରଣରେ ଗୁଜରାଟ ପକ୍ଷରୁ ଖେଳି ୧୭ଟି ମ୍ୟାଚରେ ୨୮ଟି ୱିକେଟ୍ ସହ ପର୍ପଲ କ୍ୟାପର ଅଧିକାର ହୋଇଥିଲେ।

ବାମହାତି ସ୍ପିନର ମୟଙ୍କ ମର୍କେଣ୍ଡେଙ୍କୁ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିଛନ୍ତି। ତାଙ୍କୁ ମୁମ୍ବାଇ ଦଳ ୩୦ ଲକ୍ଷ ଟଙ୍କାରେ କୋଲକାତା ନାଇଟରାଇଡର୍ସ ଠାରୁ ଟ୍ରେଡ କରିଛି। ମାର୍କେଣ୍ଡ ମୁମ୍ବାଇ ପକ୍ଷରୁ ୨୦୧୮, ୨୦୧୯ ଓ ୨୦୨୨ରେ ଖେଳିଥିଲେ। ୨୦୨୧ରେ ରାଜସ୍ଥାନ ରୟାଲ୍ସ ଏବଂ ୨୦୨୩-୨୦୨୪ ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଛନ୍ତି। ଏପର୍ଯ୍ୟନ୍ତ ସେ ଆଇପିଏଲରେ ୩୭ଟି ମ୍ୟାଚ ଖେଳି ୩୭ ୱିକେଟ୍ ନେଇଛନ୍ତି।

ଅଲରାଉଣ୍ଡର ଅର୍ଜୁନ ତେନ୍ଦୁଲକର ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପାଇଁ ଖେଳିବାକୁ ସୁଯୋଗ ପାଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ଠାରୁ ୩୦ ଲକ୍ଷ ଟଙ୍କା ଟ୍ରେଡରେ ଅର୍ଜୁନଙ୍କୁ କିଣିଛି ଲକ୍ଷ୍ନୌ ସୁପରଜ୍ୟାଣସ। ୨୦୨୧ ଆଇପିଏଲରେ ମୁମ୍ବାଇ ତାଙ୍କୁ ନେଇଥିଲା। ୨୦୨୩ରେ ଅର୍ଜୁନ ଆଇପିଏଲ ଡେବ୍ୟୁ କରିଥିଲେ।

ବାମହାତି ବ୍ୟାଟର ନୀତିଶ ରାଣା ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଆଇପିଏଲ୍ ଖେଳିବେ। ରାଜସ୍ଥାନ ରୟାଲ୍ସ ଠାରୁ ଦିଲ୍ଲୀ କ୍ୟାପିଟାଲ୍ସ ୪.୨ କୋଟି ଟଙ୍କାରେ ଖେଳାଳି ଟ୍ରେଡ କରିଛି। ୨୦୨୩ରେ ନୀତିଶ କୋଲକାତା ନାଇଟରାଇଟର୍ସର ଅଧିନାୟକ ଥିଲେ।

ଅଲରାଉଣ୍ଡର ଡୋନାଭାନ ଫେରେଇରା ରାଜସ୍ଥାନ ରୟାଲ୍ସ ପାଇଁ ଖେଳିବେ। ତାଙ୍କୁ ରାଜସ୍ଥାନ ୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଠାରୁ କିଣିଛି। ପୂର୍ବରୁ ତାଙ୍କ ଦାମ ୭୫ ଲକ୍ଷ ଥିଲା।

ସୂଚନା




ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି